


ଋଣ କରି ଯୁଦ୍ଧ କରୁଛି ଆମେରିକା | ପୃଷ୍ଠା ୪


# ସଂଚାର
THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 354 ଭାଗ ୩୩ | ସଂଖ୍ୟା ୩୫୪ | Friday 20 March 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୨୦ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ବିଶ୍ୱ ଦେଖିବ କଳିଙ୍ଗ ଭିତ୍ତିଭୂମି

## ଭୁବନେଶ୍ୱରରେ ୨୦୨୮ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍



ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ବିଶ୍ୱ ଦେଖିବ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି। ଭୁବନେଶ୍ୱରରେ ଆୟୋଜିତ ହେବ ବିଶ୍ୱ ଇନ୍‌ଡୋର ଆଥଲେଟିକ ଚାମ୍ପିଅନସିପ। ଆଜି ୱାର୍ଲ୍ଡ ଆଥଲେଟିକ୍ସ କାଉନ୍‌ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତରେ ଏହି ସମ୍ମାନଜନକ ଚାମ୍ପିଅନସିପ ଆୟୋଜନର ଦାୟିତ୍ୱ ଦିଆଯାଇଛି। ଗୁରୁବାର ପୋଲାଣ୍ଡର ଟୋରୁନ୍‌ଠାରେ ଆୟୋଜିତ ୱାର୍ଲ୍ଡ ଆଥଲେଟିକ୍ସ କାଉନସିଲ ବୈଠକରେ ଭାରତକୁ ଆୟୋଜନ ଦାୟିତ୍ୱ ଦିଆଯାଇଛି ବୋଲି ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ସଭାପତି ବାହାଦୁର ସିଂହ ସାଗୁ କହିଛନ୍ତି। ଏହି ବୈଠକରେ ୱାର୍ଲ୍ଡ ଆଥଲେଟିକ୍ସର ➩ପୃଷ୍ଠା-୬

## ବଢ଼ିଲା ଅଫିସରଙ୍କ ଆର୍ଥିକ କ୍ଷମତା



### ୧୦ କୋଟି ପର୍ଯ୍ୟନ୍ତ ମଞ୍ଜୁର କରିପାରିବେ ବିଭାଗୀୟ ମୁଖ୍ୟ

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଗତିଶୀଳତା ଆଣିବା ପାଇଁ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ୧୯୭୮ର ଆର୍ଥିକ କ୍ଷମତା ପ୍ରତିନିଧିତ୍ୱ ନିୟମାବଳୀ (ଡିଏଫପିଆର)ରେ ସଂଶୋଧନ କରାଯାଇ ପ୍ରଶାସନିକ ସ୍ତରରେ ବିଭିନ୍ନ ପଦାଧିକାରୀଙ୍କ ଖର୍ଚ୍ଚ କରିବାର କ୍ଷମତାକୁ ବହୁଗୁଣିତ କରାଯାଇଛି।ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ଏହି ➩ପୃଷ୍ଠା-୬

## ୨୪ ବର୍ଷର ପୋଲ୍ ଖୋଲିଲା | ଅଣଓଡ଼ିଆ ଠିକାଦାରଙ୍କ ଆଡ୍ଡା ଥିଲା ରାଜୀବ ଭବନ

- କାଗଜପତ୍ରରେ ଚାଲିଥିଲା ଜଳସେଚନ ପ୍ରକଳ୍ପ କାମ
- ଏବେ ବି ୨୫ ବ୍ଲକ୍‌କୁ ମିଳିନି ଜଳସେଚନ ସୁବିଧା
- ୧୦୦ ଟଙ୍କା ବୋନସ୍‌କୁ ଅନେଇ ଚାଷୀ ଲୁହ ଶୁଖିଗଲା
- ପୁରୀ ଓ ତାଳଦଣ୍ଡା କେନାଲରେ ପାଣି ନୁହେଁ, ପବନ ମିଳୁଥିଲା
- ଗୃହୀତ ହେଲା ୧୬୪୮୮.୯୪ କୋଟିର ଖର୍ଚ୍ଚଦାବି



ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟରେ ଗତ ୨୪ ବର୍ଷ ଧରି ଜଳସମ୍ପଦ ବିଭାଗରେ ଚାଲିଥିବା ସବୁ କୁକର୍ମର ପୋଲ୍ ଖୋଲି ଦେଇଛନ୍ତି। ଜଳସେଚନ ବିଭାଗ ଓ ରାଜୀବ ଭବନ ଥିଲା ଅଣଓଡ଼ିଆ ଠିକାଦାରଙ୍କ ଆଡ୍ଡାସ୍ଥଳୀ। ଖାଲି କାଗଜପତ୍ରରେ ଜଳସେଚନ କାମ ଚାଲିଥିଲା। ତଥାକଥିତ ୨୪ ବର୍ଷୀୟ ଉତ୍ତମ ଶାସନ କାଳରେ ୧୦୦ ଟଙ୍କା ବୋନସ ପାଇବା ପାଇଁ ଚାଷୀ ଆଖିରୁ ଲୁହ ଶୁଖିଗଲା, କିନ୍ତୁ ମିଳିଲା ନାହିଁ। ଏବେ ସେହି ଦଳ ବିରୋଧୀ ଭୂମିକାରେ ଅଛି, କିନ୍ତୁ ଜଳସେଚନ ସମ୍ପର୍କରେ ଆଲୋଚନା କରିବାକୁ ସାହସ ନାହିଁ ବୋଲି କହି ମୁଖ୍ୟମନ୍ତ୍ରୀ ବିରୋଧୀ ଦଳକୁ ଟାର୍ଗେଟ କରିଛନ୍ତି। ବିରୋଧୀ ଦଳର ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ଜଳସମ୍ପଦ ବିଭାଗର ୧୬ ହଜାର ୪୮୮ କୋଟି ୯୪ ଲକ୍ଷ ଟଙ୍କାର ଖର୍ଚ୍ଚଦାବି ବିଧାନସଭାର ମଞ୍ଜୁରୀ ➩ପୃଷ୍ଠା-୬

### ମୋ ପାଇଁ ବିରୋଧୀ ଦଳ ନେତା ସବୁଦିନ ଗୃହକୁ ଆସୁଛନ୍ତି

ବିରୋଧୀ ଦଳ ନେତା ଚଳିତ ଅଧିବେଶନରେ ସବୁଦିନ ଗୃହକୁ ଆସିବା ଓ ଦୀର୍ଘ ସମୟ ଧରି ବସି ରହିବା ନେଇ ଆଜି ମୁଖ୍ୟମନ୍ତ୍ରୀ ତାଙ୍କୁ ଉପହାସ କରିଛନ୍ତି। ସେ କହିଛନ୍ତି ଯେ ଲୋକେ କହୁଛନ୍ତି ଆପଣ କ'ଣ କରିଦେଲେ ଯେ ବିରୋଧୀ ଦଳ ନେତା ସବୁଦିନ ଗୃହକୁ ଆସୁଛନ୍ତି। ତେବେ ରାଗ ରାଗ ଜାଗାରେ, ଦୁଃଖ ଦୁଃଖ ଜାଗାରେ ରହୁ। ଗୃହକୁ ସମ୍ପୂର୍ଣ୍ଣ ଅଚଳ କରିବା, ଗୃହରେ ଅନୁପସ୍ଥିତ ରହିବା ଓ ନାଟକବାଜି କରି ବିଧାନସଭାକୁ ଅଚଳ କରିବା ସମ୍ପୂର୍ଣ୍ଣ ନକାରାତ୍ମକ ଚିନ୍ତାଧାରା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରଙ୍କ କାମ ପ୍ରତି ଲୋକଙ୍କର ବିଶ୍ୱାସ ଅଛି। ସେଥିପାଇଁ ଉପନିର୍ବାଚନ ଓ ରାଜ୍ୟସଭା ନିର୍ବାଚନରେ ସରକାର ଜନସମର୍ଥନ ସାଉଁଟୁଛନ୍ତି। ଯେତେବେଳେ କିଛି ଘଟଣା ଘଟିବ ସେତେବେଳେ ବିଧାନସଭାରେ ସେହି କଥା ରଖିବା ଉଚିତ। କିନ୍ତୁ ସର୍ବଦଳୀୟ ବୈଠକ ପରେ ଗୃହକୁ ସ୍ୱାଭାବିକ କରାଯିବା କଥା। ନଚେତ ଗାନ୍ଧି ମୂର୍ତ୍ତି ତଳେ ବସିବା କିମ୍ବା ରାଜ୍ୟପାଳଙ୍କ ନିକଟରେ ଫେରାଦ ହେବାର ପରମ୍ପରା ରହିଛି। ବିରୋଧୀ ଦଳ ଭାବେ ଆମେ ମଧ୍ୟ ତାହା କରୁଥିଲୁ। କିନ୍ତୁ ବର୍ତ୍ତମାନ ବିରୋଧୀ ଦଳ ତାହା ନ କରି କେବଳ ବିଧାନସଭା ଆସି ହୋହଲ୍ଲା କରି ➩ପୃଷ୍ଠା-୬

### ଖୁବ୍‌ଶୀଘ୍ର ମହାନଦୀ ବିବାଦର ସମାଧାନ

ଜଳସମ୍ପଦ ବିଭାଗର ଖର୍ଚ୍ଚଦାବୀ ଆଲୋଚନା ସମୟରେ କିଛି ବିଧାୟକ ମହାନଦୀ ଜଳ ବିବାଦ ସାଙ୍ଗକୁ ବଂଶଧାରା ଓ ପୋଲାଭରମ ପ୍ରକଳ୍ପ ନେଇ ଉଦବେଗ ପ୍ରକାଶ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହିସବୁ ସମସ୍ୟା ସହ ସେ ସମ୍ପୂର୍ଣ୍ଣ ଏକମତ। ରାଜ୍ୟର ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ବିବାଦଗୁଡ଼ିକ ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହି ସମ୍ପର୍କରେ ଗୃହରେ ବିଶଦ ବିବରଣୀ ଦେବାକୁ ସେ ଉଚିତ ମଣିନଥିଲେ। ➩ପୃଷ୍ଠା-୬

### ଲଗାତାର ତୃତୀୟ ଦିନ ପାଇଁ ବିଧାନସଭା ଅଚଳ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଜିଦ୍‌ରେ ବିରୋଧୀ ଅଟଳ

- ବିଧାନସଭାରେ ବିଜେଡି ଓ କଂଗ୍ରେସର ପ୍ରତିବାଦ ଜାରି
- ବାଚସ୍ପତିଙ୍କ ଚେୟାର ପାଖକୁ ଯିବାକୁ ବିରୋଧୀଙ୍କ ଉଦ୍ୟମ
- ଫେଲ ମାରିଲା ସର୍ବଦଳୀୟ ବୈଠକ



ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ଏସସିବି ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ଗତ ତିନି ଦିନ ହେଲା ବିଧାନସଭାକୁ ବିରୋଧୀ ଅଚଳ କରୁଛନ୍ତି। ଏଭଳି ଏକ ବଡ଼ ଅଘଟଣରେ ସରକାରୀ ଅବହେଳାର ଅଭିଯୋଗ କରି ବିରୋଧୀ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛନ୍ତି। ବୁଧବାର ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ମିଳିତ ଭାବେ ଗୃହରେ ସ୍ୱାସ୍ଥ୍ୟ ବିଭାଗର ପ୍ରତୀକାତ୍ମକ ଶବ ରଖି ପ୍ରତିବାଦ କରିଥିଲେ। ଆଜି ମଧ୍ୟ ଉଭୟ ବିରୋଧୀ ଦଳ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜୋରଦାର ହଟ୍ଟଗୋଳ କରିଛନ୍ତି। ଫଳରେ ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିନାହିଁ। ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ସେଥିରେ କୌଣସି ସୁଫଳ ମିଳିଲା ନାହିଁ।

ଗୁରୁବାର ଗୃହ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପୋଷ୍ଟର ଓ ବ୍ୟାନର ଧରି ମାଡ଼ିଆସିଥିଲେ। 'ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି, ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ' ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ପ୍ରଶ୍ନକାଳରେ ବିଜେପି ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତର ରାଜସ୍ୱ ମନ୍ତ୍ରୀଙ୍କ ବଦଳରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରଖିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ କିଛି ସମୟ ଆଲୋଚନା ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳରେ ସହଯୋଗ କରିବା ପାଇଁ ବାଚସ୍ପତି ବିରୋଧୀ ଦଳର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦ଟା ୪୩ରୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଶୂନ୍ୟକାଳରେ ପୁଣି ସମାନ ଢଙ୍ଗରେ ହଟ୍ଟଗୋଳ ଜାରି ରଖିଥିଲେ ବିରୋଧୀ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ବିଜେପି ବିଧାୟକମାନଙ୍କୁ ଶୂନ୍ୟ କାଳରେ କହିବାକୁ ସୁଯୋଗ ଦେଇଥିବା ବେଳେ ବିରୋଧୀଙ୍କ ପ୍ରତିବାଦ ଆହୁରି ଜୋରଦାର ହୋଇଥିଲା। ବାଚସ୍ପତିଙ୍କ ଚେୟାର ନିକଟକୁ ଦୁଇ ପାର୍ଶ୍ୱରୁ ବିଜେଡି ଓ କଂଗ୍ରେସ ବିଧାୟକ ଯିବାକୁ ପ୍ରୟାସ କରିଥିଲେ। ବିଜେଡି ବିଧାୟକ ଯୋଗେଶ ସିଂ, ବିଶ୍ୱ ମଲ୍ଲିକ, ➩ପୃଷ୍ଠା-୬

### ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

## ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା




- ପ୍ରଭାବିତ ଅଞ୍ଚଳରେ ହେବ ମଡେଲ୍ କୁଲିଂ ସେଲଟର୍
- ନିରବଚ୍ଛିନ୍ନ ବିଦ୍ୟୁତ୍, ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ
- ଶାରୀରିକ କାର୍ଯ୍ୟରେ ନିୟୋଜିତ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ସମ୍ଭାବ୍ୟ ହିଟ୍ ୱେଭ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସମସ୍ତ ବିଭାଗକୁ ପୂର୍ବ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରିବା ସହ ମାନବ ଜୀବନର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମଡେଲ୍ କୁଲିଂ ସେଲଟର ବ୍ୟବସ୍ଥା କରିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିଶୁମାନଙ୍କ ପାଇଁ ଏବଂ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ ➩ପୃଷ୍ଠା-୬



### କାନ ଡେରିଥା

ଭକତ ଗୁମର ଖୋଲିଲେ
ରମେଶ
ଲୁଚାଛପା ସବୁ କଥା
କଂଗ୍ରେସ କର୍ମୀ ଭୋଗୁଛନ୍ତି କିଆଁ
ଅଜଣା ଅଚିହ୍ନା ବ୍ୟଥା
କିଏ ଚୋର କିଏ ସଚ୍ଚା...
ଓଡ଼ିଶା କଂଗ୍ରେସେ ଏହି ନେତା
ଥିଲେ
କଂଗ୍ରେସ ହୋଇବ ଶସ୍ତା।

■ *ଦେବାଶିଷ*

### ବଢ଼ିଚାଲିଛି ଟାଟା ପାୱାର୍‌ର ମନମାନୀ

## ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ'



### ସରକାରଙ୍କ ଦୃଷ୍ଟିକୁ ଆଣିବାରୁ ଖାଉଟିଙ୍କୁ ନାଲିଆଖି

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ଟାଟା ପାୱାର୍ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ନିନ୍ଦିତ ହେଉଛନ୍ତି ସରକାର ଓ ଖୋଦ୍ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ମନ୍ତ୍ରୀଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଟାଟା ପାୱାର୍ ଅଧିକାରୀମାନେ ସେମାନଙ୍କ ପ୍ରକୃତି ଛାଡ଼ିପାରୁନାହାନ୍ତି। କେଉଁଠି ସୌଭାଗ୍ୟ ଯୋଜନା ନାଁରେ ସଂଯୋଗ ନ ଦେଇ ଉପଭୋକ୍ତାଙ୍କ ବିଲ ବୃଦ୍ଧି କରାଯାଉଛି ତ ଆଉ କେଉଁଠି ମିଟର ନାଁରେ ଗ୍ରାହକଙ୍କଠାରୁ ଜିଜିଆ କର ଆଦାୟ କରାଯାଉଛି। ଭାତହାଣ୍ଡିରୁ ଗୋଟିଏ ଚିପିଲା ପରି ଯାଜପୁର ଟାଉନରୁ ଆସିଥିବା ଏକ ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ନିଜେ ଉପମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିଥିଲେ ହେଁ ତାଙ୍କ ନିର୍ଦ୍ଦେଶକୁ ବି ଫୁଁ' କରି ଉଡାଇଦେଇଛନ୍ତି ଟାଟା ପାୱାର୍ ଅଧିକାରୀ।

ଟାଟା ପାୱାର ନାଁରେ ରାଜ୍ୟରେ ମାଳମାଳ ଅଭିଯୋଗ। ବିଧାନସଭାରେ ମଧ୍ୟ ବିରୋଧୀ ଏହି ପ୍ରସଙ୍ଗକୁ ବିଭିନ୍ନ ଛଳରେ ଉଠାଉଛନ୍ତି। ସରକାର ନିଜକୁ ଦୋଷମୁକ୍ତ କରିବାକୁ ଟାଟା ପାୱାର୍ ବିରୋଧରେ ସବୁ ଅଭିଯୋଗକୁ ଏଡ଼ାଇ ଯାଉଛନ୍ତି। ହେଲେ ଏହାଦ୍ୱାରା ସାଧାରଣ ଉପଭୋକ୍ତା ପ୍ରଭାବିତ ହେଉଛନ୍ତି ଓ କମ୍ପାନୀ ଦ୍ୱାରା ଶୋଷିତ ହେଉଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ଯାଜପୁରର ବିଦ୍ୟୁତ ଉପଭୋକ୍ତା ଧ୍ରୁବ କୁମାର ମହାପାତ୍ର। ତାଙ୍କୁ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗ ନ ଦେଇ ଲଗାତାର ଭାବେ ବକେୟା ବିଲ୍ ଆଦାୟ ଆଳରେ ହଇରାଣ କରାଯାଉଛି। ଏତିକିରେ ଟାଟା ପାୱାର୍ ଅଧିକାରୀଙ୍କ ମନ ଶାନ୍ତି ହୋଇନଥିଲା ଯେ ସେମାନେ କୌଣସି ସୂଚନା ନ ଦେଇ ଉପଭୋକ୍ତାଙ୍କ ବିଜୁଳି ସଂଯୋଗକୁ ବି କାଟିଦେଇଥିଲେ। ଯାଜପୁର ସହରରୁ ଆସିଥିବା ଏହି ଅଭିଯୋଗ ଏବେ ଉପମୁଖ୍ୟମନ୍ତ୍ରିଙ୍କ ପାଖରେ ପହଞ୍ଚିଥିଲା। ଉପମୁଖ୍ୟମନ୍ତ୍ରୀ ମଧ୍ୟ ଏ କଥାକୁ ଗୁରୁତ୍ୱ ଦେଇ ଟାଟା ପାୱାର ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ ➩ପୃଷ୍ଠା-୬

## କୁହାଳିଆଙ୍କୁ ଭାଣ୍ଡିଆ କଲେ ନବୀନ



ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ବିଜୁ-ନବୀନ ଇନସ୍ପିରେସନାଲ ଟ୍ରଷ୍ଟକୁ ନେଇ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ପଷ୍ଟୀକରଣ ପରେ ଏବେ ବିଜେଡିରେ ଭାଣ୍ଡିଆ ହୋଇଛନ୍ତି କିଛି କୁହାଳିଆ ନେତା। ଯେଉଁମାନେ ବାରମ୍ବାର ଦାବି କରୁଥିଲେ ଯେ ଏଭଳି ଟ୍ରଷ୍ଟ ନାହିଁ, କିଛି ବିରୋଧୀ ଏହାକୁ ନେଇ ଅପପ୍ରଚାର କରୁଛନ୍ତି, ସେମାନେ ଏବେ ଗଣମାଧ୍ୟମକୁ ଦେଖିଲେ ଲୁଚୁଛନ୍ତି। ଏପରିକି ବିଜେଡି ଭିତରେ ମଧ୍ୟ ଏକଥା ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

ବିଜେଡିରୁ ବହିଷ୍କୃତ ନେତା ପ୍ରଭାତ ବିଶ୍ୱାଳଙ୍କଠାରୁ ଆରମ୍ଭ ହୋଇଥିଲା ବିଜୁ-ନବୀନ ଇନସ୍ପିରେସନାଲ ଟ୍ରଷ୍ଟ ବିବାଦ। ଯେଉଁଦିନ ନବୀନ ନିବାସରେ ➩ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ବିଜେଡିରେ ଭିଲେନ୍ ବବି

## ପଦ୍ମ ଧରିବାକୁ ଚାଲିଛି ଲବି



- ନୂଆ ଆଞ୍ଚଳିକ ଦଳ ପାଇଁ ଚାଲିଥିଲା ମନ୍ତ୍ରଣା
- ରାତିଅଧିଆ ବିରୋଧୀ କ୍ୟାମ୍ପରେ ଲଟପଟ

ଭୁବନେଶ୍ୱର, ୧୯।୩ (ସଂଚାର ବ୍ୟୁରୋ): ବିଜେଡିରେ ଭିଲେନ ସାଜିଛନ୍ତି ବବି। ରାଜ୍ୟସଭାରେ କ୍ରସ ଭୋଟିଂ ହେଉ କି ନୂଆ ଆଞ୍ଚଳିକ ଦଳର ମୂଳଦୁଆ ପଡ଼ିବା ହେଉ, ସବୁ ପଛରେ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଥିବା ନେଇ ଏବେ ଦଳ ଭିତରେ ଜୋରଦାର ଆଲୋଚନା ହେଉଛି।

ବିଜେଡିକୁ ଦଗା ଦେଇ କ୍ରସ୍ ଭୋଟିଂ କରିଥିବା ସମସ୍ତ ବିଧାୟକ ବବିଙ୍କ ବିଶ୍ୱସ୍ତ ବୋଲି ଜଣାପଡ଼ିବା ପରେ ଗୁମର ଖୋଲିବାରେ ଲାଗିଛି। କେଉଁ ପରିସ୍ଥିତିରେ ବବି ବିଜୟ ମହାପାତ୍ରଙ୍କ ସହ ହାତ ମିଳାଇ ତାଙ୍କ ପୁଅକୁ ଆଣି ବିଜେଡିରେ ମିଶାଇଲେ ଓ ତାଙ୍କୁ ଟିକେଟ୍ ବି ଦେଲେ, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। କାରଣ ଯେଉଁ ଅଭିଯୋଗରେ ବିଜୟଙ୍କ ବିଧାୟକ ପୁଅ ଅରବିନ୍ଦଙ୍କୁ ବିଜେଡି ବିଦା କରିଥିଲା, ତାହା ଏବେ ଧିରେ ଧିରେ ସତ ପ୍ରମାଣିତ ହେବାରେ ଲାଗିଛି। କିନ୍ତୁ ବବି ଦାସ ଏନେଇ ମୁହଁ ଖୋଲୁନାହାନ୍ତି।

ଦଳ ଭିତରେ ହେଉଥିବା ଆଲୋଚନା ଅନୁଯାୟୀ, ବିଜୟଙ୍କ ସହ ବବି ଦୀର୍ଘଦିନ ଧରି ସମ୍ପର୍କରେ ରହିଛନ୍ତି। ଆଞ୍ଚଳିକ ଦଳ ଗଠନ ପଛରେ ବି ବବିଙ୍କର ହାତ ରହିଛି। ଯଦିଓ ଏବେ ରାଜ୍ୟସଭା ଷଡ଼ଯନ୍ତ୍ରରେ ଯେଉଁସବୁ ନେତାଙ୍କ ନାମ ଉଠୁଛି, ସେଥିରେ ବବିଙ୍କ ନାମକୁ ଅତି ଚତୁରତାର ସହ ଲୁଚାଇ ଦିଆଯାଇଛି। କିନ୍ତୁ ଆଞ୍ଚଳିକ ଦଳକୁ ବବି ଯେ ବଳ ଯୋଗାଉଥିଲେ, ତାହାକୁ ନେଇ ଆଲୋଚନା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ବିଜୟ-ଦିଲ୍ଲୀପଙ୍କ ସହ ବବିଙ୍କର ଘନିଷ୍ଠ ସମ୍ପର୍କ ଥିବା ବେଳେ ଅନ୍ୟପଟେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ହେଉଛନ୍ତି ତାଙ୍କର ପାରିବାରିକ ବନ୍ଧୁ। ତେଣୁ ଏହାକୁ ନେଇ କର୍ମୀଙ୍କ ଭିତରେ ସନ୍ଦେହ ବଢ଼ିଚାଲିଛି।

ହେଉଥିବା ଆଲୋଚନା ଅନୁଯାୟୀ, ଏକଦା ବବି ଦାସ ନବୀନଙ୍କ ଚଉକି ଉପରେ ଆଖି ପକାଇଥିଲେ। ଏଥିପାଇଁ ସାରା ରାଜ୍ୟରେ ନବୀନଙ୍କ ଫଟୋ ସହ ନିଜ ଫଟୋକୁ ଯୋଡ଼ି ପୋଷ୍ଟର ମାରିବା ସହ ବିଭିନ୍ନ କର୍ପୋରେଟ ହାଉସ ସହ ଭିତିରି ଆଲୋଚନାରେ ମାତିଥିଲେ। ସେତେବେଳେ ଯେଉଁମାନେ ନବୀନ-ପାଣ୍ଡିଆନ-ବବି ଦାସଙ୍କୁ ଟାର୍ଗେଟ କରି ବିଜେଡି ବିରୁଦ୍ଧରେ ଖବର କରୁଥିଲେ, ବବି ସେମାନଙ୍କୁ ➩ପୃଷ୍ଠା-୬

## ତିନି ବାଲି ବୋଝେଇ ହାଇୱା ଜବତ



ଡେରାବିଶ,୧୯।୩ (ସଂଚାର ବ୍ୟୁରୋ): ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ ଡେରାବିଶ ବ୍ଲକ ଅଞ୍ଚଳରୁ ବାଲିମାଫିଆ ମାନେ ନିୟମିତ ଭାବେ ଚୋରା ବାଲି ଚାଲାଣ କରୁଛନ୍ତି। ବିଶେଷ କରି ବିରୂପା ନଦୀର ବିଭିନ୍ନ ଘାଟରୁ ବାଲି ମାଫିଆମାନେ ରାତିର ବିଳମ୍ବିତ ପ୍ରହରରେ ହାଇୱା ଓ ଜେସିବି ସହାୟତାରେ ପ୍ରଚୁର ବାଲି ଲୁଟ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏହି ବେଆଇନ ବାଲି ଚାଲାଣ ଫଳରେ ବିପୁଳ ପରିମାଣରେ ସରକାରୀ ରାଜସ୍ୱ ହାନୀ ହେଉଥିବା ବେଳେ ଗ୍ରାମାଞ୍ଚଳର ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଏ ସମ୍ପର୍କରେ ଯେତେ ଅଭିଯୋଗ ହେଲେ ମଧ୍ୟ ବାଲିମାଫିଆଙ୍କୁ କିଛି ଫରକ ପଡୁନାହିଁ। ତେବେ ଗତକାଲି ବିଳମ୍ବିତ ରାତିରେ ବ୍ଲକ ଅଞ୍ଚଳର ବିରୂପା ନଦୀର ମଙ୍ଗଳପୁର ଘାଟରୁ ଚୋରାରେ ଚାଲାଣ ହେଉଥିବା ଖବର ପାଇ ଖଣି ବିଭାଗ, ଡେରାବିଶ ତହସିଲ ପ୍ରଶାସନ ଓ ପୋଲିସ୍ ପ୍ରଶାସନର ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଚୋରା ବାଲି ଚାଲାଣରେ ସମ୍ପୃକ୍ତ ତିନୋଟି ହାଇୱାକୁ ଛୋଟି ପଞ୍ଚାୟତ ଗୁଣୁପୁର ଠାରେ ଖଣି ଅଧିକାରୀ ସମ୍ବିତ ସାହୁଙ୍କ ଉପସ୍ଥିତିରେ ଡେରାବିଶର ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଓ ନିକିରେଇ ପୋଲିସ୍ ଜବତ କରିଥିବା ଜଣାଯାଇଛି।

## ଅଗ୍ନିବିପନ୍ନଙ୍କୁ ସହାୟତା



ଡେରାବିଶ,୧୯।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ହରିଅଙ୍କ ସ୍ଥିତ ଆଦ୍ୟାଶା ଫାଉଣ୍ଡେସନ୍ ତରଫରୁ ବସନ୍ତପୁର ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥିଙ୍କ ନେତୃତ୍ୱରେ ଫାଉଣ୍ଡେସନ୍‌ର ସଦସ୍ୟ ପ୍ରତୋଶ ରଞ୍ଜନ ବସନ୍ତିଆ, ଦିପକ କୁମାର ଜେନା, ସନ୍ତୋଷ ମଲିକ, ମଣ୍ଟୁ ମଲିକ, ପ୍ରଦୀପ ରଞ୍ଜନ ବସନ୍ତିଆ, ରାକେଶ ଜେନା, ସୌରଭ ରାଉତରାୟ, ଦିଲ୍ଲିପ ଓଝା, ମନୋରଞ୍ଜନ ମନ୍ତ୍ରୀ, ପୁଷ୍ପଲତା ଓଝା, ରାଜେନ୍ଦ୍ର ପ୍ରଧାନ, ମନୋରଞ୍ଜନ ଜେନା ପ୍ରମୁଖ ବିପନ୍ନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ, ରାଶନ ସାମଗ୍ରୀ ସହିତ ପିନ୍ଧିବା ବସ୍ତ୍ର, ପିଲାମାନଙ୍କର ପୋଷାକ ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଚଳିତମାସ ୧୨ ତାରିଖ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ବସନ୍ତପୁର ଗ୍ରାମର ୫ଟି ପରିବାରର ସର୍ବସ୍ୱ ପୋଡ଼ି ନଷ୍ଟ ହୋଇଯାଇଥିଲା।

## ମାଙ୍କଡ଼ ଆତଙ୍କ, ୨ ଗୁରୁତର



ଡେରାବିଶ,୧୯।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ଗ୍ରାମରେ ଗତ ସୋମବାର ଠାରୁ ଏକ କାମୁଡ଼ା ମାଙ୍କଡ଼ ଦଳ ଗ୍ରାମରେ ଆତଙ୍କ ସୃଷ୍ଟି କରିଛନ୍ତି। ଏହି ଦଳ ମଧ୍ୟରେ ରହିଥିବା ଏକ ମାଙ୍କଡ଼ର କାମୁଡ଼ାରେ ଗ୍ରାମର ଗୌରହରି ମିଶ୍ରଙ୍କ ପୁଅ ରଞ୍ଜିତ (୨୮) ଓ ଦିଗମ୍ବର ମଲିକଙ୍କ ଝିଅ ଜ୍ୟୋସ୍ନାରାଣୀ (୨୫) ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ମାଙ୍କଡ଼ଙ୍କ କାମୁଡ଼ିବାରୁ ନିଜକୁ ରକ୍ଷା କରିବାକୁ ଗତ ତିନିଦିନ ହେବ ଗ୍ରାମର ଲୋକମାନେ ଭୟରେ ଘରୁ ବାହାରକୁ ବାହାରୁ ନାହାଁନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବନବିଭାଗ ନିକଟରେ ଅଭିଯୋଗ କରିବା ପରେ ଡେରାବିଶ ବନପାଳ ସୁକାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଗ୍ରାମରେ ପହଞ୍ଚି କାମୁଡ଼ା ମାଙ୍କଡ଼କୁ ଧରିବାକୁ ଉଦ୍ୟମ କରିଥିଲେ। ବିଭାଗର କର୍ମଚାରୀଙ୍କ ବହୁ ପ୍ରୟାସ ପରେ ଗୋଟିଏ ମାଙ୍କଡ଼କୁ ଧରିବାରେ ସକ୍ଷମ ହୋଇଥିଲେ। ମାତ୍ର ଏଯାଏ ଲୋକମାନଙ୍କ ଭିତରେ ଥିବା ଭୟ ଦୂର ହୋଇନଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

## ବସୁପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ୩୦ ଅଭିଯୋଗ




ଡେରାବିଶ,୧୯।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ବିଡ଼ିଓ ନମିତା ବାରିକ ଓ ସରପଞ୍ଚ କମଳା ଦାସ ଉପସ୍ଥିତ ରହି ୩୦ଟି ଅଭିଯୋଗର ଶୁଣାଣୀ କରିଥିଲେ। ଏଥିମଧ୍ୟରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ସମାଧାନ ନିମନ୍ତେ ପଠାଯାଇଥିଲା। ଦୀର୍ଘ ଦୁଇ ବର୍ଷ ପରେ ପୁନର୍ବାର ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେଉଥିବାରୁ ସାଧାରଣ ଲୋକଙ୍କ ଭିତରେ ଆଗ୍ରହ ପ୍ରକାଶ ପାଇଛି। ଏହି ଶିବିରରେ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ବିଭୁଦତ ଦାସ, ସହକାରୀ ବୈଷୟିକ କୃଷି ଅଧିକାରୀ ନିରୁପମା ତ୍ରିପାଠୀ ଓ ଓଭରିସିୟର ସୁଜାତା ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଜନଶୁଣାଣୀ ଶିବିରରେ ଅଧିକାଂଶ ଅଭିଯୋଗ ବାସଗୃହ ଓ ରାଶନ କାର୍ଡ଼ ସମ୍ବନ୍ଧୀୟ ରହିଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଅମୃତରାଜ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ




ନିଶ୍ଚିନ୍ତକୋଇଲି,୧୯।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅନୁଦାନ ୧୩୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପ୍ରୟାସ କ୍ରମେ ଅସୁରେଶ୍ୱର ପୁବଂଶଠାରେ ଲୁଣାନଦୀ ଉପରେ ଏକ ସୁଉଚ୍ଚ ସେତୁ, ନିଶ୍ଚିନ୍ତକୋଇଲି ଥାନା ଛକରୁ ନଗସପୁର ଦେଇ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାକୁ ୧୦ ମିଟର ଓସାର କରାଯିବା ଏବଂ କଟିକଟା ଛକରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାକୁ ୭ ମିଟର ଓସାର କରିବା ପାଇଁ ସମସ୍ତ କାର୍ଯ୍ୟ ଶେଷ ହେବା ପରେ ଏହି ଶୁଭଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆସି ପ୍ରଥମେ ଥାନା ଛକଠାରେ ନିଶ୍ଚିନ୍ତକୋଇଲି -ନରେନ୍ଦ୍ରପୁର ରାସ୍ତାକୁ ଶିଳାନ୍ୟାସ କରିଥିଲେ।

ଏହି ଅବସରରେ ଅସୁରେଶ୍ୱର ଖେଳ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସଂଯୋଜନାରେ ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଯୋଗଦେଇ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ହରିଚନ୍ଦନ ଯୋଗଦେଇ ଗୋଟିଏ ଅଞ୍ଚଳର ବିକାଶ ପାଇଁ ଗମନାଗମନର ଆବଶ୍ୟକତା ରହିଥିବାରୁ ଏ ଅଞ୍ଚଳରେ ସେତୁ ଓ ରାସ୍ତା ଗୁଡ଼ିକ ନିର୍ମାଣ ହେବା ପରେ ଏହା ସମୃଦ୍ଧିର ସମସ୍ତ ଦିଗକୁ ସ୍ପର୍ଶ କରିବ ବୋଲି ମତ ପ୍ରକାଶ କରିଥିଲେ। ଏହାଛଡା ଜଗତପୁର-ଚାନ୍ଦବାଲି ରାଜ୍ୟ ରାଜପଥକୁ ଖୁବ୍ ଶୀଘ୍ର ଚାରି ଥାକିଆ ରାସ୍ତା କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ କରିଥିଲେ।

ଏଥିରେ ସମ୍ମାନୀତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳ ଦତ୍ତାତ୍ରୟଭାଉ ସାହେବ ସିନ୍ଦେଧ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଧ୍ୟାନଚାନ୍ଦ ନାୟକ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

## କାଳ ବୈଶାଖୀ, ଅଂଶୁଘାତ, ଅନ୍ୟାନ୍ୟ ଦୁର୍ବିପାକ ପାଇଁ ସମୀକ୍ଷା ବୈଠକ




କେନ୍ଦ୍ରାପଡା,୧୯।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ଆଗାମୀ ଗ୍ରୀଷ୍ମତାପ, ଅଂଶୁଘାତ, କାଳ ବୈଶାଖୀ ଓ ଅନ୍ୟାନ୍ୟ ଦୁର୍ବିପାକ ପାଇଁ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଭର୍ଚୁଆଲ ମାଧ୍ୟମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଅଂଶୁଘାତ ପାଇଁ ଆଇଏମଡି ତରଫରୁ ବୈଜ୍ଞାନିକ ମନୋରମା ମହାନ୍ତି ସନ୍ଦର୍ଭ ଉପସ୍ଥାପନ କରିଥିଲେ । ପରେ ଏସଆରସିଙ୍କ ସନ୍ଦର୍ଭର ପ୍ଲାନ ଉପରେ ଆଲୋଚନା କରାଯାଇଥିଲା।

ସକାଳ ୧୧ଟାରୁ ଦିନ ୩ଟା ୩୦ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ସମୟରେ ବସ୍, ଟ୍ରକ୍, ଟ୍ରେକର, ଅଟୋ ଏବଂ ଯାତ୍ରୀବାହୀ ସମସ୍ତ ଗାଡି ଓ ମାଲଗାଡି ଗୁଡିକ ଉପରେ କଟକଣା ଜାରି କରାଯାଇଛି । ଯାତ୍ରୀ ମାନଙ୍କୁ ନେଇ ଯାତାୟତ କରୁଥିବା ସମସ୍ତ ଗାଡି ଗୁଡିକ ଯାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବେ ।

ଏଥି ସହିତ ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳରେ ଥିବା ପାନୀୟ ଜଳ ସମସ୍ୟା ସ୍ଥାନମାନଙ୍କରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ରୋଗୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। କାଳ ବୈଶାଖୀ ପାଇଁ ବିଦ୍ୟୁତ୍ ବିଭାଗ କ୍ଷତିଗସ୍ତ ହୋଇଥିବା ଅଂଚଳରେ ତୁରନ୍ତ ସେବା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମତାପ ଦେଖି ଜିଲ୍ଲାପାଳଙ୍କୁ ସ୍କୁଲ କଲେଜ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡିଲେ ଜିଲ୍ଲପାଳ ଗ୍ରୀଷ୍ମତାପ ଓ ଅଂଶୁଘାତ ଜନିତ ସମସ୍ୟାକୁ ଉପଲବ୍ଧ କରି ନିଜେ ପଦକ୍ଷେପ ନେଇ ପାରିବେ ବୋଲି ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଏମ୍‌ଏସ୍‌ଏମ୍‌ଇ ବିଭାଗ କମିଶନରଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ



କେନ୍ଦ୍ରାପଡ଼ା,୧୯।୩ (ସଂଚାର ବ୍ୟୁରୋ): ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ଆଜି କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସି ଆସିଥିଲେ । ଏହି ଅବସରରେ ବିଭିନ୍ନ ବ୍ଲକ୍‌ରେ ଚାଲୁଥିବା ସରକାରୀ ଯୋଜନା ଓ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସ୍ଥଳ ପରିଦର୍ଶନ କରିଥିଲେ। ଗସ୍ତ ଅବସରରେ ସେ ଡେରାବିଶ ଓ କେନ୍ଦ୍ରାପଡା ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା,ବସୁଧା ପାନୀୟ ଜଳ ଯୋଜନା, ଓଡ଼ିଶା ଜୀବିକା ମିଶନ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର, ମିଶନ ଶକ୍ତି, ବିକଶିତ ଗାଁ ବିକଶିତ ଓଡ଼ିଶା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକଳାପ ଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ସେହିପରି ନିକିରାଇ ଗ୍ରାମପଞ୍ଚାୟତରେ ମୁଗ ଡେମୋନଷ୍ଟ୍ରେସନ, ଜୁଟ୍ ଟ୍ରେନିଂ ସେର ବୁଲି ଦେଖିଛନ୍ତି । ଅପରାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଗସ୍ତ କରି ବିଭିନ୍ନ ଯୋଜନା ଓ ଚାଲିଥିବା ବିକାଶ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ । ଗସ୍ତ ସମୟରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ନବକୃଷ୍ଣ ଜେନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ଲକ୍ ସ୍ତରୀୟ କର୍ମକର୍ତାମାନେ ଉପସ୍ଥିତ ଥିଲେ । କମିଶନର କ୍ଷେତ୍ରସ୍ତରରେ ଯୋଜନାମାନଙ୍କର କାର୍ଯ୍ୟାନ୍ୱୟନ ଉପରେ ସନ୍ତୋଷ ବ୍ୟକ୍ତ କରିବା ସହିତ ଗୁଣାତ୍ମକ ଓ ସମୟୋପଯୁକ୍ତ କାର୍ଯ୍ୟ ସୁନିଶ୍ଚିତ କରିବାକୁ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ଟାର୍ଗେଟ୍ ନାହିଁ, ଆୟବା ସମିତିରେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ବିକିପାରିନାହାଁନ୍ତି ଧାନ



କେନ୍ଦ୍ରାପଡା,୧୯।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପ୍ରାଥମିକ କୃଷି ସମବାୟ ସମିତିରେ ଟାର୍ଗେଟ୍ ନଥିବାରୁ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କର ଧାନ ଏପର୍ଯ୍ୟନ୍ତ ବିକ୍ରି କରିପାରି ନାହାଁନ୍ତି । ଆୟବା ସମିତିରେ ମୋଟ୍ ୧୪୨୨ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୬୦୦ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିଛନ୍ତି । ବିଭାଗୀୟ ଅଧିକାରୀ ୩୧୪୦୦ ଟାର୍ଗେଟ୍ ଦେଇଛନ୍ତି । ୧୫ ହଜାର ୪୮ କ୍ୱିଣ୍ଟାଲ ଧାନ ବିକ୍ରି କରିବାକୁ ବାକିଅଛି । ୨୭୬ ଜଣ ଚାଷୀଙ୍କୁ ଟୋକନ ଦିଆଯାଇଛି। ମଣ୍ଡିରେ ୭ ହଜାର କ୍ୱିଣ୍ଟାଲ ଧାନ ପଡି ରହିଥିବା ବେଳେ ମିଲର ମାନେ ଏହାକୁ ଉଠାଉ ନହାଁନ୍ତି ।

ଧାନ ବିକ୍ରି କରିପାରି ନଥିବା ଶତାଧିକ ଚାଷୀ ସମିତିର ସଭାପତି ଅଯୋଧ୍ୟାନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ ଓ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ଭେଟି ତୁରନ୍ତ ଟାର୍ଗେଟ୍ ଦେବାପାଇଁ ଦାବି କରିବା ସହିତ ମିଲର ମାନଙ୍କୁ ମଣ୍ଡିରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି ।

## ଯୋଗାଣ ବିଭାଗର ଯାଞ୍ଚ, ଗ୍ୟାସ ଟାଙ୍କି ଜବତ

ମାର୍ଶାଘାଇ,୧୯।୩ (ସଂଚାର ବ୍ୟୁରୋ): ମାର୍ଶାଘାଇ ବଜାର ସମେତ ଆଖପାଖ ଅଂଚଳର ହୋଟେଲ ଏବଂ ଜଳଖିଆ ଦୋକାନ ଗୁଡ଼ିକରେ ବେଆଇନ ଗ୍ୟାସ ବ୍ୟବହାର ନେଇ ଯୋଗାଣ ବିଭାଗ ପକ୍ଷରୁ ବୁଧବାର ଯାଞ୍ଚ କରାଯାଇଥିଲା । ହୋଟେଲ, ଜଳଖିଆ ଦୋକାନ, ଚା ଦୋକାନ ଫାଷ୍ଟ ଫୁଡ ଦୋକାନ ଆଦି ଯାଞ୍ଚ କରିବା ସହିତ ମାର୍ଶାଘାଇ ସବେଜିଷ୍ଟ୍ରି ଅଫିସ ଛକ ନିକଟ ବିରିୟାନୀହବ ନାମକ ହୋଟେଲରୁ ଦୁଇଟି ଗ୍ୟାସଟାଙ୍କି ଜବତ କରିଥିଲେ । କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ଦାସଙ୍କ ନେତୃତ୍ୱରେ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ଶିବପ୍ରସାଦ ମହାନ୍ତି, ମାର୍ଶାଘାଇ ବ୍ଲକ ଯୋଗାଣ ନିରୀକ୍ଷିକା ପ୍ରିୟଙ୍କା ସାହୁ,ଗରଦପୁର ବ୍ଲକ ଯୋଗାଣ ନିରୀକ୍ଷିକା ସୁଚିସ୍ମିତା ମହାନ୍ତି ପ୍ରମୁଖ ଯାଞ୍ଚ ଟିମରେ ସାମିଲ ଥିଲେ ।



## ଜେଏସଡବ୍ଲୁ କମ୍ପାନୀ ନିକଟରେ ଖୋଲିଲା ପୁଲିସ ଆଉଟ୍ ପୋଷ୍ଟ



ପାରାଦୀପ,୧୯।୩ (ସଂଚାର ବ୍ୟୁରୋ): ପାରାଦୀପ ଅଭୟଚାନ୍ଦପୁର ଅଧିନ ଜେ.ଏସ୍.ଡବ୍ଲୁ କମ୍ପାନୀ ୧ନଂ ଗେଟ୍ ନିକଟରେ ଖୋଲିଲା ପୁଲିସ ଆଉଟପୋଷ୍ଟ। କେନ୍ଦ୍ରାଞ୍ଚଳ ଆଇଜି ଡକ୍ଟର ସତ୍ୟଜିତ୍ ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଅଭୟଚାନ୍ଦପୁର ଥାନା ଠାରୁ ୮ କିଲୋମିଟର ଦୂରତାରେ ଏହି ପୋଷ୍ଟ ହେବା ଦ୍ୱାରା ଆଇନଶୃଙ୍ଖଳା ପରିସ୍ଥିତି ଓ ପାଟ୍ରୋଲିଂର ଗୁରୁତ୍ୱ ବଢିବା ସହିତ ଶୀଳ୍ପକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଉପୁଜୁଥିବା ସମସ୍ୟାକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇପାରିବ। ଏନେଇ ଶୀଳ୍ପ କୁ ସହଯୋଗ କରୁଥିବା ଢିଙ୍କିଆ ଚାରିଦେଶର ଲୋକଙ୍କ ସହିତ କେନ୍ଦ୍ରାଞ୍ଚଳ ଆଇଜି ଆଲୋଚନା କରିଥିଲେ। ତେବେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ କାରଖାନା ସମେତ ସିମେଣ୍ଟ କାରଖାନା ଓ ଜଟାଧାରୀରେ ଜେଟି ନିର୍ମାଣ ଚାଲିଥିବା ବେଳେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପୁଲିସ ଆଉଟପୋଷ୍ଟ ଉଦଘାଟନ କରାଯାଇଛି ବୋଲି କେନ୍ଦ୍ରାଞ୍ଚଳ ଆଇଜି ପ୍ରକାଶ କରିଛନ୍ତି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଓ ଅନ୍ୟାନ୍ୟ ପୁଲିସ ଅଧିକାରୀ, ଢିଙ୍କିଆ ଗ୍ରାମବାସୀ,ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ଅଗ୍ନିବୀର ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,୧୯।୩(ସଂଚାର ବ୍ୟୁରୋ):ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, କେନ୍ଦ୍ରାପଡା ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଭାରତୀୟ ସେନାର ଅଗ୍ନିବୀର ଯୋଜନା ସମ୍ପର୍କରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମେଜର ଅଶ୍ୱିନୀ ଓ ଅନ୍ୟାନ୍ୟ ସେନା ଅଧିକାରୀମାନେ ଯୋଗଦେଇ ଅଗ୍ନିବୀର ଯୋଜନାର ଯୋଗ୍ୟତା, ନିଯୁକ୍ତି ପ୍ରକ୍ରିୟା, ସୁବିଧା ଓ କ୍ୟାରିୟର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମ ଓଲାଭର ଡିଗ୍ରୀ କଲେଜ, ଶୈଳେନ୍ଦ୍ର ନାରାୟଣ ଡିଗ୍ରୀ କଲେଜ, ସରକାରୀ ଆଇଟିଆଇ ରାଜକନିକା, ଏସଆଇପିଟି ସରକାରୀ ଆଇଟିଆଇ ପଟ୍ଟାମୁଣ୍ଡାଇ ଏବଂ ସରକାରୀ ପଲିଟେକ୍ନିକ ଛତାରେ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମର ନିଯୁକ୍ତି ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ ଏବଂ ସିଏମଏସଡିଏଫ୍ ଶ୍ରଦ୍ଧାଞ୍ଜଳି ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ ।

### ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ଘଟଣା

## ଯୋଜନାବଦ୍ଧ ହତ୍ୟା ଅଭିଯୋଗ ଆଣିଲା ପରିବାର

ଡେରାବିଶ,୧୯।୩(ସଂଚାର ବ୍ୟୁରୋ): ବସୁପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଲିକ(୪୮)ଙ୍କ ମୃତଦେହ ଗତ ମଙ୍ଗଳବାର ପ୍ରାତଃ ସକାଳରେ ଝୁଲନ୍ତା ଅବସ୍ଥାରେ ଏକ ଚାଖୁଣ୍ଡା ଗଛରୁ ଉଦ୍ଧାର କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ ନେଇ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ।

ପରିବାର ଲୋକଙ୍କ କହିବା ଅନୁଯାୟୀ ମହେନ୍ଦ୍ର ମଲିକ ସହିତ ସେହି ଗ୍ରାମର କାଳନ୍ଦୀ ମହାନ୍ତି ନାମକ ବ୍ୟକ୍ତିର ସୋମବାର ସନ୍ଧ୍ୟା ସମୟରେ ଗୁରୁତର ଝଗଡ଼ା ହୋଇଥିଲା, ଯାହା କାଠ ହଣା କୁରାଢ଼ି ଏବଂ କଟୁରୀ ଦ୍ୱାରା ମରଣାନ୍ତକ ଆକ୍ରମଣ ଆଡ଼କୁ ଗତି କରିଥିଲା। ମଙ୍ଗଳବାର ବଡ଼ି ସକାଳୁ ମହେନ୍ଦ୍ରଙ୍କୁ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ସଦର ଥାନାକୁ ଖବର ଦେଇଥିଲେ । ପରେ ଘଟଣାସ୍ଥଳରେ ସଦର ପୋଲିସ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣା ସ୍ଥଳରୁ ମୃତଦେହ ଉଦ୍ଧାର କରିବା ସହ ଝୁଲନ୍ତା ମୃତଦେହରୁ ନମୁନା ଏବଂ ଝଗଡ଼ା ସ୍ଥଳରୁ ରକ୍ତ ନମୁନା ସହ ମହେନ୍ଦ୍ର ପିନ୍ଧିଥିବା ଚପଲ ଆଦି ଜବତ କରି ତଦନ୍ତ କାର୍ଯ୍ୟ ଚଳାଇଥିବା ସମୟରେ ମଙ୍ଗଳବାର ରାତିରେ ଏକ ଜନଗହଳି ପୂର୍ଣ୍ଣ ରାସ୍ତା କଡ଼ରେ ଥିବା ବରଗଛ ମୂଳରେ ମହେନ୍ଦ୍ରଙ୍କ ବାଇକ୍‌କୁ ଛାଡି ଚାଲିଯାଇଥିଲେ ଦୁର୍ବୃତ୍ତ ।

ପରିବାର ଲୋକଙ୍କୁ ବାଇକ୍ (ଓଡ଼ି ୨୯ ୦୭୨୪୪)ର ସନ୍ଧାନ ମିଳିବା ପରେ ପରିବାର ତରଫରୁ ୧୧୨ ପୋଲିସ ସହାୟତା ନମ୍ବରକୁ ଜଣାଇବାରେ ୧୧୨ ପୋଲିସ ସାହାର୍ଯ୍ୟରେ ବାଇକ୍‌କୁ ଉଦ୍ଧାର କରାଯାଇ ସଦର ଥାନାକୁ ନିଆ ଯାଇଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ପରିବାର ଲୋକେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼ଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟରିଆଙ୍କୁ ଭେଟି ମହେନ୍ଦ୍ରଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଥିବାବେଳେ, ପୁଲିସ ତଦନ୍ତକୁ ଜୋର୍‌ଦାର କରିଛି।

# ସୁକିନ୍ଦା ରୋଡ୍ ରେଲୱେ ପ୍ଲଟ୍‌ରେ ମାତ୍ରାଧିକ ବାୟୁ ପ୍ରଦୂଷଣ

**ଅଣ୍ଟା ଭିଡ଼ିଲେ ମହିଳା: ବସ୍ତିବାସିନ୍ଦାଙ୍କୁ ବିସ୍ଥାପିତ କର ନଚେତ ପ୍ଲଟ ହଟାଅ**



ଯାଜପୁର,୧୯।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ମାନପୁର ଠାରେ ସୁକିନ୍ଦାରୋଡ଼ ରେଲୱେ ପ୍ଲଟ ରହିଛି । ହେଲେ ପ୍ଲଟରେ କାରଖାନା ମାନଙ୍କୁ ଆସୁଥିବା କଞ୍ଚାମାଲ ଲୋଡିଂ ଅନ ଲୋଡିଂ ସମୟରେ ଏଠାରେ ଧୂଳି ଉଡି ସ୍ଥାନୀୟ ଅଞ୍ଚଳକୁ ପ୍ରଦୂଷିତ କରୁଛି। ଏଥି ଯୋଗୁ ମାତ୍ରାଧିକ ବାୟୁ ପ୍ରଦୂଷଣ ହେଉଛି । ପ୍ରଦୂଷଣର ଶିକାର ହୋଇ ସ୍ଥାନୀୟ ଲୋକଙ୍କ ଜୀବନ ଯାଉଛି। ଅଭିଯୋଗ ପରେ ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନୀରବ ସାଜିବା ଘଟଣା ବିଭାଗୀୟ ଅଧିକାରୀ ଅଧିକ ସନ୍ଦେହଘେରକୁ ଟାଣି ହୋଇ ପଡିଛନ୍ତି ।

ପ୍ରାୟ ପ୍ରଦୂଷଣଜନିତ ମୃତ୍ୟୁ ସଂଖ୍ୟା ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ଟପିଲାଣି । କିନ୍ତୁ ଠିକା ସଂସ୍ଥା ସ୍ଥାନୀୟ ରାଜନେତା ତଥା ମନ୍ତ୍ରୀଙ୍କ ପାଖ ଲୋକ ସାଜିଥିବାରୁ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ନୀରବ ସାଜିବା ଘଟଣା ଅଧିକ ରହସ୍ୟମୟ ହେଉଛି। ଏପରିକି ରେଲୱେ ପ୍ଲଟ ଚାଲିବା ପାଇଁ ଯାହା ଆନୁସଙ୍ଗିକ ନିୟମ ଆବଶ୍ୟକ ତାହାବି ଏଠାରେଖୋଲା ଖୋଲି ଉଲ୍ଲଙ୍ଘନ ହୋଇଥିବା ଜଣେ ବିଭାଗୀୟ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି । ତେଣୁ ଆଇନ କାନୁନକୁ ଭୁଲି ପ୍ଲଟ ଚାଲୁଥିବାରୁ ସ୍ଥାନୀୟ ମହିଳାମାନେ ଆଜି ପ୍ଲଟ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇଛନ୍ତି । ଏପରିକି ପ୍ଲଟକୁ ଲାଗିଥିବା ଅନ୍ୟ ଗାଁ ବ୍ୟତୀତ ନୀଳପଦା ସାହି ବସ୍ତିବାସିନ୍ଦା ମାତ୍ରାଧିକ ବାୟୁ ପ୍ରଦୂଷଣର ଶିକାର ହେଉଛନ୍ତି । ତେଣୁ ପ୍ରଦୂଷଣ ମୁକ୍ତ ପାଇଁ ପ୍ରଥମେ 'ନୀଳପଦା ବସ୍ତି ବାସିନ୍ଦାକୁ ବିସ୍ଥାପିତ କର, ନଚେତ ପ୍ଲଟ ବନ୍ଦ କର' ପ୍ରତିବାଦରେ ମହିଳାମାନେ ଅଂଟା ଭିଡ଼ିଛନ୍ତି ।

ଏପରିକି ଏ ସମ୍ପର୍କରେ ରେଲୱେ ଷ୍ଟେସନ ମାଷ୍ଟରଙ୍କୁ ମଧ୍ୟ ସେମାନେ ନିଜର ଦୁଃଖ ଜଣାଇଥିଲେ । ଏପରିକି ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ଯଦି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି କିମ୍ବା ପୁଣି ସୁକିନ୍ଦା ରୋଡ଼ ରେଲୱେ ସାଇଡିଂ (ପ୍ଲଟ)କୁ ଚାଲୁ କରିବା ଅନୁମତି ଦିଅନ୍ତି ତେବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ସାମ୍ନାରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାରଣ ଦେବେ ବୋଲି ଚେତାବନୀ ଦେବା ଘଟଣା ପ୍ରଶାସନର ଚିନ୍ତା ଦ୍ୱିଗୁଣିତ ହୋଇଛି ।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଯାଜପୁର ରୋଡ଼, ୧୯।୩ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳା, ସ୍ଥିତ ଇନ୍ଦରା ଗାନ୍ଧୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ବିଭାଗୀୟ ସଂଯୋଜିକା ଅଧ୍ୟାପିକା ଝୁନୁମଣୀ ଜେନାଙ୍କ ତତ୍ୱାବଧନାରେ ୧୨ଦିନ ଧରି ଅନୁଷ୍ଠିତ ହୋଇଥବା ଶିବିରରେ ମହାବିଦ୍ୟାଳୟର ୧୫୦ଛାତ୍ରୀ ପ୍ରଶିକ୍ଷଣ ନେଇଥିଲା ବେଳେ ତାଲିମପ୍ରାପ୍ତ ପ୍ରଶିକ୍ଷିକା ରୂପଶ୍ରୀ ଲେଙ୍କା ପ୍ରଶିକ୍ଷଣ ଦେଇଥିଲେ ।

ଆଜି ଅନୁଷ୍ଠିତ ଉଦଯାପନୀ ସଭା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ହୋଇଥିଲା ବେଳେ ମୁଖ୍ୟ ଅତିଥିଭାବେ କୋରାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଯୋଗଦେଇ ବାଳିକା ଆତ୍ମରକ୍ଷା କୌଶଳ ଲାଗି ୫-ଏ ସୂତ୍ର ଓ ୧୧୨ କଲ ସଂପର୍କରେ ବିଷଦଭାବେ ପିଲାମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥିଭାବେ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁ ଯୋଗଦେଇ ବାଳିକାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ବିପଦକୁ କିପରି ପ୍ରତିହତ କରିପାରିବେ; ସେ ନେଇ ଉପାଦେୟ ବକ୍ତବ୍ୟମାନ ପ୍ରଦାନ କରିଥିଲେ ।

# ଆର୍‌ଟିଆଇ ସଂକ୍ରାନ୍ତ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଚାଲିଥିବା ସୂଚନା ଅଧିକାର ଆଇନ (ଆର୍‌ଟିଆଇ)-୨୦୦୫ ସମ୍ବନ୍ଧୀୟ ୪ଦିନିଆ ଦକ୍ଷତା ବିକାଶ ତାଲିମ ଓ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ନୋଡାଲ୍ ପିଆଇଓ, ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଓ ଅଧିକାରୀମାନେ ଅଂଶଗ୍ରହଣ କରି ଆଇନର ପ୍ରୟୋଗାଧାରିତ ଜ୍ଞାନ ଅର୍ଜନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ଫାଲଗୁନୀ ସାହେ ନାୟକ ଯୋଗଦେଇଥିଲେ। ସୂଚନାଧିକାର ଆଇନର କାର୍ଯ୍ୟକାରୀ ଅନୁଷ୍ଠାନ ସରକାରୀ ପ୍ରଣାଳୀକୁ ଆହୁରି ପାରଦର୍ଶୀ ଓ ସ୍ୱଚ୍ଛ କରିଥାଏ। ଆବେଦନଗୁଡ଼ିକର ସମୟୋପଯୁକ୍ତ ନିଷ୍ପତ୍ତି ଓ ସଠିକ୍ ସୂଚନା ପ୍ରଦାନ ଜନସାଧାରଣଙ୍କ ଭରସାକୁ ଦୃଢ଼ କରିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପସଚିବ ପ୍ରଣବ ଦାସ ମଧ୍ୟ ଉପସ୍ଥିତ ଥିଲେ।

ମୁଖ୍ୟ ପ୍ରଶିକ୍ଷକ ଓ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ୍ କୁମାର ବିଶୋଇ କର୍ମଶାଳା ଅବଧିରେ ଆଇନର ବିଭିନ୍ନ ଧାରା, ନିୟମ ଓ ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ତଥ୍ୟଭିତ୍ତିକ ମାର୍ଗଦର୍ଶନ କରିଥିଲେ। ବିଭିନ୍ନ ମାମଲା ଓ ଅନୁଭବ ଆଧାରିତ ଉଦାହରଣ ମାଧ୍ୟମରେ ସେ ଅଂଶଗ୍ରହଣକାରୀଙ୍କୁ ଆଇନର ସଠିକ୍ ପ୍ରୟୋଗ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଥିଲେ।




ତାଲିମ କାର୍ଯ୍ୟକ୍ରମରେ ସମବାୟ, କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଳ ସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ପୂର୍ତ୍ତ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପର୍ଯ୍ୟଟନ ଏବଂ ସୂଚନା ଓ ଲୋକସମ୍ପର୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳା ମାଧ୍ୟମରେ ଅର୍ଜିତ ଜ୍ଞାନ ଓ ଦକ୍ଷତା ସରକାରୀ କାର୍ଯ୍ୟପ୍ରଣାଳୀକୁ ଆହୁରି କାର୍ଯ୍ୟକରୀ କରିବା ସହ ସୂଚନାଧିକାର ଆଇନର ସଫଳ ପ୍ରୟୋଗରେ ସହାୟକ ହେବ ବୋଲି କୁହାଯାଇଛି। ଏଥିସହ ଆସନ୍ତା ୨୪ରେ ଗୀତ ଗୋବିନ୍ଦ ସଦନରେ ସୂଚନାଧିକାର ଆଇନ ଉପରେ ନାଗରିକ ସଚେତନତା କର୍ମଶାଳା ଅନୁଷ୍ଠିତ ହେବ, ଯେଉଁଥିରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଯୋଗଦେବେ।

# ଜୟଦେବ ଭବନରେ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍ସବ

ଭୁବନେଶ୍ୱର, ୧୯।୩ (ସଂଚାର ବ୍ୟୁରୋ) : ପଲ୍ଲୀରୁ ଦିଲ୍ଲୀ ଯାଏ ପାଳନ ହେବ ଓଡ଼ିଶା ଦିବସ । ରାଜ୍ୟ ରାଜଧାନୀ ଭୁବନେଶ୍ୱର, ସମସ୍ତ ରାଜସ୍ୱ ଆୟୁକ୍ତ, ଜିଲ୍ଲା ଓ ଉପଖଣ୍ଡ ତଥା ସାରା ଓଡ଼ିଶା ସମେତ ଦେଶର ରାଜଧାନୀ ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇରେ ପାଳନ ହେବ ଓଡ଼ିଶା ଦିବସ। ଆନନ୍ଦ, ଉଲ୍ଲାସ ଓ ଆକର୍ଷଣୀୟ ଭାବରେ ମହା ସମାରୋହରେ ପାଳନ ଲାଗି ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ଓଡ଼ିଶା ଦିବସ-୨୦୨୬ ପାଳନ ଉପଲକ୍ଷେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବସିଥିଲା । ଏଥିରେ ଗୃହ, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଓଡ଼ିଶା ଦିବସ ଏପ୍ରିଲ ୧ ତାରିଖ ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହେବ । ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ହେବ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧନା କରାଯିବ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ବିଭାଗ ପକ୍ଷରୁ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ



**ପଲ୍ଲୀରୁ ଦିଲ୍ଲୀ ଯାଏ ପାଳନ ନିଷ୍ପତ୍ତି**



ସହ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ପତ୍ରିକା "ପ୍ରଗତି ପ୍ରବାହ"ର ୩ୟ ସଂସ୍କରଣ ଉନ୍ମୋଚନ ହେବ । ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଦେଶାତ୍ମବୋଧକ ସଙ୍ଗୀତ ବାଦନ, ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଠାଗୁଡ଼ିକର ଆଲୋକୀକରଣ ନେଇ ଆଲୋଚନା ହୋଇଥିଲା । ନୂଆଦିଲ୍ଲୀଠାରେ ପ୍ରମୁଖ ଆବାସିକ ଆୟୁକ୍ତ ଏବଂ କାଲକାତା, ମୁମ୍ବାଇ, ଚେନ୍ନାଇଠାରେ ସ୍ଥାନୀୟ ଓଡ଼ିଆ ସମାଜ ସହଯୋଗରେ ଓଡ଼ିଶା ଦିବସ ପାଳନ ହେବ ।

ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଅସ୍ମିତାକୁ ଆଧାର କରି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ପୃକ୍ତ ବିଭାଗମାନଙ୍କ ସହଯୋଗରେ 'ଓଡ଼ିଆ ପକ୍ଷ' ପାଳନ ପୂର୍ବକ ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ କରାଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ସଚିବ ସଞ୍ଜୟ କୁମାର ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଡ. ଏନ୍. ତିରୁମାଲା ନାଏକ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ, ବୈଷୟିକ ଗୁରବୀର ସିଂଙ୍କ ସମେତ ସମ୍ପୃକ୍ତ ଅନ୍ୟ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବିଧାନସଭା ଖବର

### ଦୁର୍ଘଟଣାରେ ଦୈନିକ ଯାଉଛି ୧୮ ଜୀବନ

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ଦ୍ରୁତ ଗାଡ଼ି ଚାଳନାରେ ହଜାର ହଜାର ସଂଖ୍ୟାରେ ହେଉଛି ଦୁର୍ଘଟଣା। ୨୦୨୫ରେ ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ୪୧୮୯ଟି ଦୁର୍ଘଟଣା ଘଟିଛି। ଅବଶ୍ୟ ୨୦୨୪ ତୁଳନାରେ ଦୁର୍ଘଟଣା ସଂଖ୍ୟା କମିଛି। ୨୦୨୪ରେ ୭୨୬୯ଟି ଦୁର୍ଘଟଣା ବେପରୁଆ ଡ୍ରାଇଭିଂ ଯୋଗୁଁ ହୋଇଥିଲା। ୨୦୨୫ରେ ୯୬ଟି ଦୁର୍ଘଟଣା କେବଳ ନିଶା ସେବନ କରି ଗାଡ଼ି ଚଳାଇବାରୁ ଘଟିଥିଲା। ରଙ୍ଗସାଇଡ ଡ୍ରାଇଭିଂରେ ୯୦ଟି ଦୁର୍ଘଟଣା ଘଟିଛି। ମୋବାଇଲ ଫୋନରେ ଗପି ଗାଡ଼ି ଚଳାଇବାରୁ ୩ଟି ଦୁର୍ଘଟଣା ଘଟିଛି। ରାଜ୍ୟ କ୍ରାଇମବ୍ରାଞ୍ଚଠାରୁ ଉପଲବ୍ଧ ତଥ୍ୟ ଅନୁଯାୟୀ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ପ୍ରତିଦିନ ହାରାହାରି ୧୮ ଜଣ ବ୍ୟକ୍ତି ପ୍ରାଣ ହରାଉଛନ୍ତି। ସେମାନଙ୍କ ମଧ୍ୟରେ ହାରାହାରି ଦୁଇ ଜଣ ମହିଳା ଓ ଜଣେ ଶିଶୁ ଅଛନ୍ତି। ଗୃହରେ ପରିବହନ ମନ୍ତ୍ରୀ ବିଭୂତି ଜେନା ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି।

### ଓଡ଼ିଶା ମାଟି ତଳେ ହୀରାର ଭଣ୍ଡାର

ନୂଆପଡ଼ା ଜିଲ୍ଲାର ନୂଆପଡ଼ା ବ୍ଲକ ଅନ୍ତର୍ଗତ କାଲମିଦାଦରଠାରେ ହୀରାପଥର ଥିବାର ଚିହ୍ନଟ ହୋଇଛି। ଏହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୂଲ୍ୟାୟନ କାର୍ଯ୍ୟ ଚାଲୁଛି। ସେହିପରି କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକର ହିଞ୍ଜିଳିବାହାଲ-ଜିଲିଙ୍ଗିବାରଠାରେ ମାଣିକ ଥିବା ଚିହ୍ନଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ କୌଣସି ମୋତି ଖଣି ଚିହ୍ନଟ କରାଯାଇନାହିଁ। ସେହିଭଳି ଦେବଗଡ଼ ଜିଲ୍ଲାର ରିଆମାଳ ବ୍ଲକ ଅନ୍ତର୍ଗତ ଆଦାସ-ରାମପାଲ୍ଲୀ ଅଞ୍ଚଳରେ ତମ୍ବାବାହୀ ପଥର, ଗ୍ରାଫାଇଟ୍, ନିକେଲ ସହ ସୁନା ଥିବା ଜଣାପଡିଛି। ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ବ୍ଲକ ଅନ୍ତର୍ଗତ ମଦନାସାହି-କାଞ୍ଜିଆ ଅଞ୍ଚଳରେ ତମ୍ବାବାହୀ ପଥର ସହ ସୁନା ଥିବା ଆକଳନ କରାଯାଇଛି। କେନ୍ଦୁଝର ଜିଲ୍ଲାର ବଂଶପାଳ ବ୍ଲକ ଅନ୍ତର୍ଗତ ଗୋପୁର-ଜଳଡିହି ଅଞ୍ଚଳରେ ସୁନାପଥର ଥିବାର ସନ୍ଧାନ ମିଳିଛି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି।

### ବିଜୁଳି ମାଡ଼ରେ ବଢୁଛି ମୃତକଙ୍କ ସଂଖ୍ୟା

୨୦୨୩-୨୪ରେ ବଜ୍ରାଘାତରେ ୨୮୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୪-୨୫ରେ ଏହି ସଂଖ୍ୟା ବଢ଼ି ୩୧୪ରେ ପହଞ୍ଚିଛି। ମୟୂରଭଞ୍ଜରେ ସର୍ବାଧିକ ବିଜୁଳି ମାଡ଼ରେ ମୃତ୍ୟୁବରଣ କରିଛନ୍ତି। ସେହିପରି ବୁଡ଼ି ମୃତ୍ୟୁ ବି ଚିନ୍ତା ବଢ଼ାଉଛି। ୨୦୨୩-୨୪ରେ ୨୦୦୬ ଜଣ ବୁଡ଼ି ମରିଛନ୍ତି। ଏହି ସଂଖ୍ୟା ୨୦୨୪-୨୫ରେ କମିଛି। ଏହି ବର୍ଷ ୧୮୫୪ ଜଣ ବୁଡ଼ିକି ମରିଛନ୍ତି। ସାପ କାମୁଡ଼ା ବି ଅନେକ ଜୀବନ ନେଇଛି। ୨୦୨୩-୨୪ରେ ସାପ କାମୁଡ଼ାରେ ୧୧୪୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୪-୨୫ରେ ୯୭୧ ଜଣଙ୍କ ପ୍ରାଣ ନେଇଛି ଏହି ବିଷାକ୍ତ ଜୀବ। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି।

### ୫୨.୧୦ ଲକ୍ଷ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି

୨୦୨୫ ଡିସେମ୍ବର ଶେଷ ସୁଦ୍ଧା ପ୍ରାୟ ୫୨,୧୦,୫୭୦ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇପାରିଛି। ରାଜ୍ୟରେ ଥିବା ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ବୃହତ ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ ପ୍ରକଳ୍ପ ଓ ଅନ୍ୟାନ୍ୟ ଉତ୍ସ ମାଧ୍ୟମରେ ଏହି ସାମର୍ଥ୍ୟ ସୃଷ୍ଟି ହୋଇଛି ବୋଲି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନରେ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରଗଡ଼ରେ ସର୍ବାଧିକ ୪୧, ୪୪, ୯୮ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ହୋଇଛି। ସେହିପରି ଗଞ୍ଜାମରେ ୩୭,୬୪,୫୮ ହେକ୍ଟର ଓ ମୟୂରଭଞ୍ଜରେ ୩୨,୭୯,୮୦ ହେକ୍ଟର ଚାଷଜମିର ସେଚ ସାମର୍ଥ୍ୟ ସୃଷ୍ଟି ହୋଇପାରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜଳସେଚନ ବୃଦ୍ଧି କରିବାକୁ ଜଳସମ୍ପଦ ବିଭାଗ ତରଫରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ବୃହତ ଓ ମଧ୍ୟମ, ବୃହତ ଉଠା, କ୍ଷୁଦ୍ର, ଉଠା ଓ ଅନ୍ୟାନ୍ୟ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପ୍ରାୟ ୨.୭୭ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ରାଜ୍ୟର ୨୫ଟି ବ୍ଲକରେ ଏଯାବତ୍ ୩୫ ପ୍ରତିଶତ ଜଳସେଚନ ହୋଇପାରିନଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

### ରାଜ୍ୟର ୬ ଜଳମାର୍ଗ ଜାତୀୟ ଜଳମାର୍ଗ ଘୋଷିତ

ରାଜ୍ୟରେ ଜଳପଥର ବିକାଶ ପାଇଁ ଜାତୀୟ ଜଳମାର୍ଗ ନୀତି-୨୦୧୬ ଅଧୀନରେ କେନ୍ଦ୍ର ସରକାର ୬ଟି ଜଳମାର୍ଗକୁ ଜାତୀୟ ଜଳମାର୍ଗ ରୂପେ ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା ଜାତୀୟ ଜଳମାର୍ଗ ୫,୧୪, ୨୨, ୨୩, ୬୪ ଓ ୯୬। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ଉତ୍ତର ରଖିଛନ୍ତି। ଜଳମାର୍ଗ-୫ ବ୍ରାହ୍ମଣୀ, ଖରସୁଆଁ, କାଣୀ, ମଟେଇ, ମହାନଦୀ ଓ ଏହାର ଶାଖା ନଦୀ, ଇଷ୍ଟକୋଷ୍ଟ କେନାଲ ଓ ବୈତରଣୀ ଦେଇ ଅତିକ୍ରମ କରିବ। ସେହିପରି ଜଳମାର୍ଗ -୧୪ ବୈତରଣୀ, ଜଳମାର୍ଗ-୨୨ ବିରୂପା, ବଡ଼ି, ଗେଙ୍ଗୁଟି ଓ ବ୍ରାହ୍ମଣୀ, ଜଳମାର୍ଗ -୨୩ ବୁଢ଼ାବଳଙ୍ଗ, ଜଳମାର୍ଗ- ୬୪ ମହାନଦୀ ଓ ଜଳମାର୍ଗ-୯୬ ସୁବର୍ଣ୍ଣରେଖା ଦେଇ ଅତିକ୍ରମ କରିବ। ଏହି ଜଳମାର୍ଗ ମଧ୍ୟରୁ ଜାତୀୟ ଜଳମାର୍ଗ-୫ର ବିକାଶ ପାଇଁ ରାଜ୍ୟ ସରକାର ଭାରତୀୟ ଜଳମାର୍ଗ ପ୍ରାଧିକରଣ କର୍ତ୍ତୃପକ୍ଷ ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ତାଳଚେର କୋଇଲାଖଣି ଅଞ୍ଚଳରୁ ପାରାଦୀପ ଏବଂ ଧାମରା ବନ୍ଦରକୁ କୋଇଲା ସହ ବିଭିନ୍ନ ବାଣିଜ୍ୟିକ ପଣ୍ୟ ଜଳପଥ ମାଧ୍ୟମରେ ପରିବହନ ସମ୍ଭବ ହେବ। ଯାହା ସଡ଼କ ଓ ରେଳପଥ ଉପରେ ଥିବା ପରିବହନ ଚାପକୁ ହ୍ରାସ କରି ପରିବହନ ବ୍ୟୟ ଓ ସମୟକୁ କମ କରିପାରିବ। ଏହି ପ୍ରକଳ୍ପର ବିକାଶ ପାଇଁ ପ୍ରାୟ ୧୨,୨୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହା ରାଜ୍ୟର ବିଭିନ୍ନ ପରିବହନ ପ୍ରକଳ୍ପକୁ ସଂଯୋଗ, ଶିଳ୍ପ ଗତିଶୀଳତା, ଅର୍ଥନୈତିକ ଅଭିବୃଦ୍ଧି କରିବା ସହ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହେବ ବୋଲି ମନ୍ତ୍ରୀ ଉତ୍ତରରେ କହିଛନ୍ତି।

### ବାଲେଶ୍ୱର ଓ ସମ୍ବଲପୁରରେ ଡପଲର ରାଡାର

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ଅଗ୍ରିମ ସୂଚନା ପାଇଁ ଗୋପାଳପୁରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡପଲର ରାଡାର ସେଣ୍ଟର ସ୍ଥାପନ କରାଯାଇଛି। ଏଥିସହ ବାଲେଶ୍ୱର ଓ ସମ୍ବଲପୁରଠାରେ ମଧ୍ୟ ଡପଲର ରାଡାର ସେଣ୍ଟର କାର୍ଯ୍ୟ ନିର୍ମାଣାଧୀନ ରହିଛି ବୋଲି ଆଜି ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରସ୍ଥିତ 'ରୋଟି' କ୍ୟାମ୍ପସରେ ଏକ ଏକ୍ସ-ବ୍ୟାଣ୍ଡ ଡପଲର ରାଡାର ସେଣ୍ଟର ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ମଞ୍ଜୁରୀ ମିଳିଛି ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ପଖାଳ ପର୍ବ '୨୦୨୬' ଭୁବନେଶ୍ୱରରେ ଉଦ୍‌ଘାଟିତ

# ଓଡ଼ିଶାର ରୋଷେଇ ପରମ୍ପରାର ଦୁଇଦିନିଆ ଉତ୍ସବ ଆରମ୍ଭ

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ଓଡ଼ିଶାର ସମୃଦ୍ଧ ରୋଷେଇ ଶୈଳୀ ଓ ପରମ୍ପରାକୁ ସମ୍ମାନ ଜଣାଇ ଆଜି ସ୍ଥାନୀୟ ପାନ୍ଥନିବାସଠାରେ ଦୁଇଦିନିଆ 'ପଖାଳ ପର୍ବ' ଉଦଘାଟିତ ହୋଇଛି। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏହି ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଆସନ୍ତାକାଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ।

ଉଦ୍‌ଘାଟନୀ ଅଧିବେଶନରେ ପଦ୍ମଶ୍ରୀ ଡକ୍ଟର ଅଶୋକ କୁମାର ମହାପାତ୍ର ପଖାଳର ଔଷଧୀୟ ଗୁଣ ସମ୍ପର୍କରେ ଆଲୋକପାତ କରିବା ସହ ଜଗନ୍ନାଥ ସଂସ୍କୃତିରେ ଏହାର ଅନନ୍ୟ ମହତ୍ତ୍ୱକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ସେହିପରି ପ୍ରଫେସର ଡକ୍ଟର ଶୀତିକଣ୍ଠ ମିଶ୍ର ଓ ସନ୍ଦୀପ ମୁଖାର୍ଜୀ ସ୍ଥାୟୀ ଖାଦ୍ୟର ଦର୍ଶନ, ଧାନର




ବିବିଧତା ଓ ଆଧୁନିକ ହୋଟେଲ ଶିଳ୍ପରେ ପାରମ୍ପରିକ ଖାଦ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଦୁଇଟି ବିଷୟଭିତ୍ତିକ ଆଲୋଚନାଚକ୍ର, ଯେଉଁଥିରେ ଓଡ଼ିଆ ରୋଷେଇର ସାଂସ୍କୃତିକ ମୂଳ ଓ ଭବିଷ୍ୟତର ସମ୍ଭାବନା ଉପରେ ଆଲୋକପାତ କରାଯାଇଥିଲା।

ପ୍ରଥମ ଆଲୋଚନାଚକ୍ର 'ମନ୍ଦିର ରୋଷେଇ ଶାଳରୁ ଘରୋଇ ଚୁଲି ପର୍ଯ୍ୟନ୍ତ: ଓଡ଼ିଆ ରୋଷେଇର ସାଂସ୍କୃତିକ ମୂଳ'ରେ ଡକ୍ଟର ସୁଧାଂଶୁ ଶେଖର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ବିଶ୍ୱନାଥ ସାମନ୍ତରାୟ ଓ ବିପି ତ୍ରିପାଠୀ ଯୋଗଦେଇ ଓଡ଼ିଆ ଖାଦ୍ୟ ପରମ୍ପରାର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଐତିହାସିକ ସମ୍ପର୍କ ବିଷୟରେ ମତ ରଖିଥିଲେ। ସେହିପରି ଦ୍ୱିତୀୟ ଆଲୋଚନାଚକ୍ର 'ସ୍ଥାନୀୟ ପରମ୍ପରାରୁ ବିଶ୍ୱସ୍ତରୀୟ ବ୍ରାଣ୍ଡ: ଓଡ଼ିଆ ରୋଷେଇ ପାଇଁ ମାର୍କେଟିଂ ରଣନୀତି'ରେ ପ୍ରଫେସର ତପନ କୁମାର ପଣ୍ଡା, ପ୍ରଫେସର ପ୍ରୀତି ରଞ୍ଜନ ସାହୁ, ରିତୁ ପଟ୍ଟନାୟକ ଓ ସେଫ୍ ଅବିନାଶ ନାୟକ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଆ ଖାଦ୍ୟକୁ ଅନ୍ତର୍ଜାତୀୟ ସ୍ତରକୁ ନେବା ପାଇଁ ବ୍ରାଣ୍ଡିଂ ଓ ଅଭିନବ ମାର୍କେଟିଂ ପଦ୍ଧତି ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ସୁଦର୍ଶନ ସାହୁ, ଡକ୍ଟର ଜି. ଏ. କୁମାର (ନିର୍ଦ୍ଦେଶକ, ସିଆର୍‌ଆର୍‌ଆଇ), ସ୍ୱସ୍ତି ମିଶ୍ର ଓ ଶବନମ ଆଫ୍ରିନଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ସ୍ୱତନ୍ତ୍ର ଉପସ୍ଥାପନା କରିଥିବା ବେଳେ ସେଫ୍ ମନଜିତ ସିଂ ଗିଲ ଓ ଡକ୍ଟର ସୁନୀତି ମୁଣ୍ଡଙ୍କ ଅଭିଭାଷଣ ଆଲୋଚନାକୁ ସମୃଦ୍ଧ କରିଥିଲା। ଏଥିସହ ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ଓ ଗୋଟିପୁଅ ନୃତ୍ୟ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ୨ଟି ଅଣ-ବୃହତ ବନ୍ଦର ପ୍ରତିଷ୍ଠା ନିର୍ମାଣ କାର୍ଯ୍ୟ ଜାରି

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ) : ରାଜ୍ୟରେ ଅଣ-ବୃହତ ବନ୍ଦରର ବିକାଶ ପାଇଁ ରାଜ୍ୟ ସରକାର ୧୪ଟି ସ୍ଥାନ ନିରୂପଣ କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସେମଧ୍ୟରୁ ବର୍ତ୍ତମାନ ଦୁଇଟି ଅଣ-ବୃହତ ବନ୍ଦର ଧାମରା ଓ ଗୋପାଳପୁରଠାରେ କାର୍ଯ୍ୟକ୍ଷମ ଅଛି। ଆଉ ଦୁଇଟି ଅଣ-ବୃହତ ବନ୍ଦର ସୁବର୍ଣ୍ଣରେଖା ମୁହାଣ ଓ ଅସ୍ତରଙ୍ଗଠାରେ ପ୍ରତିଷ୍ଠା କାର୍ଯ୍ୟ ଜାରି ରହିଛି ବୋଲି ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ତାରକା ପ୍ରଶ୍ନରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲାର ଜଟାଧାରୀ ମୁହାଣ ଠାରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ଦ୍ୱାରା ପ୍ରସ୍ତାବିତ ସମନ୍ୱିତ ଇସ୍ପାତ ପ୍ଲାଣ୍ଟର ପଣ୍ୟ ପରିବହନ ପାଇଁ ଏହି କମ୍ପାନୀ ଏକ ନିଜସ୍ୱ ଜେଟୀ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହ ଏକ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣଠାରେ ଏକ ବନ୍ଦର ପ୍ରତିଷ୍ଠା ନିମିତ୍ତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଓଡ଼ିଶା ମାରିଟାଇମ୍ ବୋର୍ଡ ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅଧିନସ୍ଥ ସାଗରମାଳା ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍ ମଧ୍ୟରେ ଏକ ତ୍ରିପାକ୍ଷୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୋଲି ମନ୍ତ୍ରୀ କହିଛନ୍ତି।

## ସିପେଟ୍ ପରୀକ୍ଷା ଆବେଦନ ପାଇଁ ସମୟ ସୀମା ବୃଦ୍ଧି




ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପେଟ୍) ପରୀକ୍ଷା ପାଇଁ ଆବେଦନ କରିବାର ସମୟ ସୀମାକୁ ଆଜି ବୃଦ୍ଧି କରାଯାଇଛି। ଆବେଦନର ସମୟ ସୀମାକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସିପେଟ୍ ପରୀକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୨୨ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ନିଜର ସିଏଏଫ୍ ପୂରଣ କରିପାରିବେ। ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମୟସୀମା ଅନୁସାରେ, ସିପେଟ୍ ପରୀକ୍ଷା ଆବେଦନ ପାଇଁ ଗତକାଲି ଶେଷ ତାରିଖ ଥିଲା। କିନ୍ତୁ ଛାତ୍ରଛାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନର ସମୟ ସୀମାରେ ଆଉ ୪ ଦିନ ବୃଦ୍ଧି କରିବା ସକାଶେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ ସିପେଟ୍ ପରୀକ୍ଷାରେ ଭାଗ ନେବାକୁ ପଡ଼ିବ। ସିପେଟ୍ ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ସଠିକ ସମୟରେ ସ୍ନାତକୋତ୍ତର ପାଠ୍ୟକ୍ରମର ପାଠପଢ଼ା ସମାପ୍ତ ହେବା ସହ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

# କାର୍ଯ୍ୟରେ ଅବହେଳା, ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): କର୍ତ୍ତବ୍ୟ ପାଳନରେ ଅବହେଳା କରିଥିବାରୁ ଆଜି ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜାରି ଆଦେଶରୁ ଏହା ଜଣାପଡ଼ିଛି। ଉକ୍ତ ସହକାରୀ ଶିକ୍ଷୟିତ୍ରୀ ଜଣଙ୍କ ହେଉଛନ୍ତି ଚନ୍ଦ୍ରଶେଖରପୁର ଫେଜ-୨ ସରକାରୀ ଉଚ୍ଚ ବିଦ୍ୟାଳୟର ରଶ୍ମି ସାହୁ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି। ସରକାରୀ ଚନ୍ଦ୍ରଶେଖରପୁର ଉଚ୍ଚ ବିଦ୍ୟାଳୟ ଫେଜ୍-୨ରେ କାର୍ଯ୍ୟରତ ଶ୍ରୀମତୀ ସାହୁଙ୍କୁ ବିଧାନସଭା ମଣ୍ଡଳୀ ନଂ.୧୧୩ର ବୁଥ୍ ନଂ.୧୦୯ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ସେ କୌଣସି ବୈଧ କାରଣ କିମ୍ବା ପୂର୍ବ ଅନୁମତି ବିନା ଦାୟିତ୍ୱରେ ଅନୁପସ୍ଥିତ ରହିବା ସହ ନିଜ କର୍ତ୍ତବ୍ୟ ପାଳନରେ ବିଫଳ ହୋଇଛନ୍ତି। ତେଣୁ ଏହାକୁ ଗୁରୁତର ଅବହେଳା ଓ କର୍ତ୍ତବ୍ୟଚ୍ୟୁତି ଭାବେ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୩୨(୧) ଅନୁଯାୟୀ ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ତାଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବିନ କରିଛନ୍ତି। ନିଲମ୍ବନ ସମୟରେ ଶ୍ରୀମତୀ ସାହୁ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଓ ନିୟମାନୁସାରେ ଭତ୍ତା ପାଇବେ ବୋଲି ଉକ୍ତ ଆଦେଶରେ ଉଲ୍ଲେଖ ରହିଛି।

## ଜଗତସିଂହପୁରରେ ନର୍ସିଂ କଲେଜ ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିକଟରେ ଦାବି କରିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସେ ଏନେଇ ଶ୍ରୀ ମହାଲିଙ୍ଗଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ, କ୍ଲିନିକ୍ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ତାଲିମପ୍ରାପ୍ତ ନର୍ସମାନଙ୍କର ଆବଶ୍ୟକତା ରହିଛି।



ଚିକିତ୍ସା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦକ୍ଷ ଓ ସେବା ମନୋବୃତ୍ତି ରଖୁଥିବା ପେସାଦାର ନର୍ସ ପ୍ରସ୍ତୁତ କରିବା ପାଇଁ ନର୍ସିଂ କଲେଜ ଆବଶ୍ୟକ। ଜଗତସିଂହପୁରରେ ଜନସଂଖ୍ୟା ବଢୁଥିବା ବେଳେ ବର୍ଦ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ନର୍ସିଂ କଲେଜର ଆବଶ୍ୟକତା ରହିଛି। ଦୀର୍ଘ ଦିନ ଧରି ଜଗତସିଂହପୁର ଜିଲ୍ଲାବାସୀ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି। ତେଣୁ ଜିଲ୍ଲାବାସୀଙ୍କ ଶିକ୍ଷାଗତ ଆଶା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ବିଚାର କରି ଏ ଦିଗରେ ଯଥାଶୀଘ୍ର ହସ୍ତକ୍ଷେପ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ। ଜଗତସିଂହପୁରରେ ନର୍ସିଂ କଲେଜ ପ୍ରତିଷ୍ଠା ହେଲେ ଅଞ୍ଚଳପାଇଁ ଏକ ବଡ଼ ମାଇଲଖୁଣ୍ଟ ହେବ।

## ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ,୧୯।୩(ସଂଚାର ବ୍ୟୁରୋ): ସୃଷ୍ଟି ନିର୍ମାଣର ପ୍ରଥମ ଦିବସ ଓ ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ ଚୈତ୍ର ଶୁକ୍ଳ ପ୍ରତିପଦାରେ ଆର୍ଯ୍ୟ ସମାଜ ଭଦ୍ରକ ପକ୍ଷରୁ ମହାସମାରୋହରେ ପାଳନ କରାଯାଇଛି। ବୈଦିକ ବିଦ୍ୱାନ୍ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ମାର୍ଗଦର୍ଶନରେ କୁଆଁସସ୍ଥିତ ବେଦ ମନ୍ଦିରରେ ଲକ୍ଷ୍ମୀଧର ପଣ୍ଡାଙ୍କ ପୌରହିତ୍ୟ ଓ ସଭାପତି ବୀଣାପାଣି ପଣ୍ଡାଙ୍କ ସଭାପତିତ୍ୱରେ ଆର୍ଯ୍ୟ ସମାଜର ସ୍ଥାପନା ଦିବସ ସହ ହିନ୍ଦୁ ନବବର୍ଷ ପାଳିତ ହୋଇଥିଲା। ପ୍ରାରମ୍ଭରେ ଶ୍ରୀ ପଣ୍ଡା ସୃଷ୍ଟିର ଆଦ୍ୟ ଦିବସ ଓ ଆର୍ଯ୍ୟ ସମାଜର ମହତ୍ତ୍ୱ ବର୍ଣ୍ଣନା କରିବା ସହ ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ନନ୍ଦ କିଶୋର ସାହୁ, ସନ୍ଧ୍ୟାରାଣୀ ସାହୁଙ୍କ ଯଜମାନତ୍ୱରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହେବା ପରେ ଆର୍ଯ୍ୟ ସମାଜର ସଦସ୍ୟସଦସ୍ୟାଙ୍କ ଦ୍ୱାରା ବେଦମନ୍ତ୍ର ପାଠ ଓ ଭଜନ ପରିବେଷଣ କରାଯାଇଥିଲା। ସମ୍ପାଦକ ସୁଧୀର ମୁଦୁଲି




ସମାଜର ସଂସ୍କାର ଦିଗ ଓ ବୈଚାରିକ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅତିଥି ଭାବେ ଯୋଗଦେଇ ନୃସିଂହ ବ୍ରହ୍ମଚାରୀ ସୃଷ୍ଟି ଆରମ୍ଭ ଦିବସରେ ମହତ୍ତ୍ୱ ବ୍ୟାଖ୍ୟା କରିଥିଲେ। ରବି ନାରାୟଣ ଲେଙ୍କାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକର ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଦ୍ୱାନ ବିଦୂଷୀ ଓ ଆର୍ଯ୍ୟ ସମାଜର ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ।

# ଲୁହାପଥର ବ୍ୟବହାର, ରାଜ୍ୟରେ ଅଧାରୁ କମ୍

ଭୁବନେଶ୍ୱର,୧୯।୩: ରାଜ୍ୟରେ ପ୍ରତିବର୍ଷ ଯେତିକି ଲୁହାପଥର ଉତ୍ତୋଳନ ହେଉଛି ତାହାର ଅଧାରୁ କମ୍ ରାଜ୍ୟ ଭିତରେ ଥିବା କଳକାରଖାନାରେ ବିନିଯୋଗ ହେଉଛି। ଗତ ୫ବର୍ଷରେ ରାଜ୍ୟରେ ଲୁହାପଥରର ଉତ୍ତୋଳନ ଓ ଏହାର ବ୍ୟବହାର ନେଇ ବିଧାନସଭାରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ରଖିଥିବା ଉତ୍ତୋରରୁ ଏହା ଜଣାଯାଇଛି।

ରାଜ୍ୟରୁ ଲୁହାପଥର ଉତ୍ତୋଳନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟର ୫ଟି ଜିଲ୍ଲା ଯଥା ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରୁ ଲୁହାପଥର ଉତ୍ତୋଳନ ହେଉଥିବାବେଳେ ବର୍ଷକୁ ବର୍ଷ ଉତ୍ତୋଳନର ପରିମାଣ ବଢ଼ିବାରେ ଲାଗିଛି।

୨୦୨୧-୨୨ ବର୍ଷରେ ଓଡ଼ିଶାରେ ୧୪ କୋଟି



୭୩ ଲକ୍ଷ ମେଟ୍ରିକ ଟନ୍ ଲୁହାପଥର ଉତ୍ତୋଳିତ ହୋଇଥିବା ବେଳେ ଏଥିରୁ ୬ କୋଟି ୬୫ ଲକ୍ଷ ମେଟ୍ରିକ ଟନ୍ ଲୁହାପଥର ରାଜ୍ୟ ଭିତରେ ବ୍ୟବହୃତ ହୋଇଥିଲା। ରାଜ୍ୟ ବାହାରକୁ ୬ କୋଟି ମେଟ୍ରିକ ଟନ୍ ଲୁହାପଥର ଯାଇଥିବା ବେଳେ ପାଖପାଖି ୧ କୋଟି ମେଟ୍ରିକ ଟନ୍ ଲୁହାପଥର ରପ୍ତାନି ହୋଇଥିଲା।

ସେହିପରି ୨୦୨୨-୨୩ ବର୍ଷରେ ରାଜ୍ୟରୁ ଲୁହାପଥର ଉତ୍ପାଦନ ପରିମାଣ ୧୫ କୋଟି ୫୨ ଲକ୍ଷ ମେଟ୍ରିକ ଟନ୍‌କୁ ଟପିଯାଇଥିଲା। ହେଲେ ଏହିବର୍ଷ ରାଜ୍ୟ ଭିତରେ ଏଥିରୁ ବ୍ୟବହାର ହୋଇଥିବା ଲୁହାପଥରର ପରିମାଣ ୭ କୋଟି ମେଟ୍ରିକ ଟନ୍‌ରୁ କମ୍ ରହିଥିଲା। ଅନ୍ୟ ରାଜ୍ୟରେ ୬ କୋଟି ମେଟ୍ରିକ ଟନ୍‌ରୁ କମ୍ ଲୁହାପଥର ବ୍ୟବହାର ହୋଇଥିବା ବେଳେ ରପ୍ତାନି ପରିମାଣ ୬୪ ଲକ୍ଷ ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହିଥିଲା। କରୋନା ପ୍ରଭାବ ଯୋଗୁଁ ଏହିବର୍ଷ ରପ୍ତାନି ପରିମାଣ ହ୍ରାସ ପାଇଥିବା ଆକଳନ କରାଯାଉଛି।

୨୦୨୪-୨୫ ବର୍ଷରେ ରାଜ୍ୟରେ ଲୁହାପଥର ଉତ୍ତୋଳନ ପରିମାଣ ୧୭ କୋଟି ୮୯ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ରହିଥିଲା। ଯଦିଓ ଏହିବର୍ଷ ରାଜ୍ୟ ଭିତରେ ବ୍ୟବହାର ହେଉଥିବା ଲୁହାପଥର ପରିମାଣ ବୃଦ୍ଧି ପାଇ ୮ କୋଟି ଟନ୍‌କୁ ଟପିଥିଲା, କିନ୍ତୁ ଏହା ମୋଟ ଉତ୍ପାଦନର ଅଧାରୁ ବି କମ୍ ଥିଲା। ଏହିବର୍ଷ ବିଦେଶକୁ ରପ୍ତାନି ହୋଇଥିବା ଲୁହାପଥର ପରିମାଣ ପ୍ରାୟ ୧ କୋଟି ୮୦ ଲକ୍ଷ ଟନ୍ ଥିଲା।

ଚଳିତ ଆର୍ଥିକ ବର୍ଷରେ ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟରେ ୧୫ କୋଟି ମେଟ୍ରିକ ଟନରୁ ଅଧିକ ଲୁହାପଥର ଉତ୍ତୋଳିତ ହୋଇଥିବା ବେଳେ ରାଜ୍ୟ ଭିତରେ ବ୍ୟବହାରର ପରିମାଣ ୭ କୋଟି ୫୧ ଲକ୍ଷ ମେଟ୍ରିକ ଟନ୍‌କୁ ଟପିଛି। ଅନ୍ୟ ରାଜ୍ୟକୁ ୬ କୋଟି ଟନ୍ ଲୁହାପଥର ଯାଇଥିବା ବେଳେ ପାଖାପାଖି ଦେଢ଼ କୋଟି ମେଟ୍ରିକ ଟନ୍ ଲୁହାପଥର ରପ୍ତାନି ହୋଇଛି। ମନ୍ତ୍ରୀଙ୍କ ଉତ୍ତରରେ ଦର୍ଶାଯାଇଛି ଯେ କେନ୍ଦୁଝର ଜିଲ୍ଲାରୁ ସର୍ବାଧିକ ଲୁହାପଥର ଉତ୍ପାଦନ ହେଉଥିବା ବେଳେ ଏହା ପଛକୁ ସୁନ୍ଦରଗଡ଼ ଜିଲ୍ଲା ରହିଛି। ଏ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ତୃତୀୟ ସ୍ଥାନରେ ଥିବା ବେଳେ ଯାଜପୁରରେ ସବୁଠାରୁ କମ୍ ପରିମାଣର ଲୁହାପଥର ଉତ୍ତୋଳନ ହେଉଛି। (ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୨୦ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର

Friday 20 March 2026, Bhubaneswar

# ବଙ୍ଗଳା ଆତ୍ମାର ପରୀକ୍ଷା

ପଶ୍ଚିମବଙ୍ଗ ରାଜନୀତି ଆଜି ଏକ ଉତ୍ତପ୍ତ ମଞ୍ଚ ପରି ଦେଖାଯାଉଛି। ନିଟକଟରେ ନିର୍ବାଚନ ଆୟୋଗ ତାରିଖ ଘୋଷଣା କରିଛନ୍ତି। ଏପ୍ରିଲ ୨୩ ଏବଂ ୨୯ ତାରିଖରେ ଦୁଇ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବ ଏବଂ ମେ ୪ ତାରିଖରେ ଫଳ ପ୍ରକାଶ ପାଇବ। ୨୯୪ଟି ଆସନ



ପାଇଁ ଏହି ନିର୍ବାଚନ କେବଳ ଏକ ରାଜ୍ୟର ଭାଗ୍ୟ ନୁହେଁ, ବରଂ ଜାତୀୟ ରାଜନୀତିର ଏକ ବଡ଼ ପରୀକ୍ଷା ହେବାକୁ ଯାଉଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟରେ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, ଯାହା ରାଜ୍ୟର ରାଜନୈତିକ ପରିବେଶକୁ ଉତ୍ତାପମୟ କରି ଦେଇଛି।

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ମାର୍ଚ୍ଚ ୧୭ ତାରିଖରେ ୨୯୧ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ମମତା ନିଜେ କୋଲକାତାର ଭବାନୀପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ଯେଉଁଠାରେ ତାଙ୍କର ପୂର୍ବତନ ସହଯୋଗୀ ଏବଂ ବର୍ତ୍ତମାନ ବିଜେପି ନେତା ସୁଭେନ୍ଦୁ ଅଧିକାରୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବେ। ଏହା ଏକ ଐତିହାସିକ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ଟିଏମ୍‌ସି ୭୪ଜଣ ବର୍ତ୍ତମାନ ବିଧାୟକଙ୍କ ଟିକେଟ କାଟି ନୂତନ ରକ୍ତ ସଞ୍ଚାର କରିଛି ଏବଂ ମମତା ଦାବି କରିଛନ୍ତି ଯେ ଦଳ ୨୦୬ ଆସନ ଜିତିବ। ଅନ୍ୟପଟେ ବିଜେପି ନେତା ଅମିତ ଶାହା ପୂର୍ବରୁ ଘୋଷଣା କରିଛନ୍ତି ଯେ ୨୦୨୬ରେ ବିଜେପି ସରକାର ଗଠନ କରିବ। ଏହି ଦୁଇ ଶିବିର ମଧ୍ୟରେ ରାଜ୍ୟର ଭବିଷ୍ୟତ ଝୁଲୁଛି।

ରାଜ୍ୟର ରାଜନୀତିର ମୂଳ ସମସ୍ୟା ହେଉଛି ଆଇନଶୃଙ୍ଖଳା, ଉନ୍ନୟନ ଏବଂ ସାମ୍ପ୍ରଦାୟିକ ସଦଭାବ। ଟିଏମ୍‌ସି ସରକାର ମହିଳା କଲ୍ୟାଣ ଯୋଜନା, କିଷାନ ସହାୟତା ଏବଂ ଗ୍ରାମୀଣ ଉନ୍ନୟନର ଉପରେ ଜୋର ଦେଉଛି। ମମତାଙ୍କ 'ମହିଳା ବାହିନୀ' ଗ୍ରାସରୁଟ ସ୍ତରରେ ସୁରକ୍ଷା ଏବଂ କଲ୍ୟାଣର ପ୍ରତିଶ୍ରୁତି ଦେଉଛି। କିନ୍ତୁ ବିରୋଧୀ ବିଜେପି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅଭିଯାନକୁ ହାତିଆର କରି ଟିଏମ୍‌ସିର ଦୁର୍ନୀତି ଏବଂ ସନ୍ଦେଶଖାଲି ପରି ଘଟଣାର ଉଲ୍ଲେଖ କରୁଛି। ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ବିବାଦ ଆଉ ଏକ ମୁଖ୍ୟ ପ୍ରସଙ୍ଗ। ଭୋଟର ସଂଖ୍ୟା ୭.୬୬ କୋଟିରୁ କମି ୬.୪୪ କୋଟି ହୋଇଛି, ଯାହା ପ୍ରାୟ ୧୬ ପ୍ରତିଶତ କମ୍। ମୁର୍ଶିଦାବାଦ, ମାଲଦା ପରି ଜିଲ୍ଲାରେ ପ୍ରତିବାଦ ହୋଇଛି। ଟିଏମ୍‌ସି ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହୁଛି ଯେତେବେଳେ ନିର୍ବାଚନ ଆୟୋଗ ଏହାକୁ ସଫେଇ କାର୍ଯ୍ୟ ବୋଲି କହୁଛନ୍ତି।

ପଶ୍ଚିମବଙ୍ଗର ରାଜନୀତିର ଇତିହାସ ବାମପନ୍ଥୀ ଶାସନରୁ ଟିଏମ୍‌ସିର ଉତଥାନ ପର୍ଯ୍ୟନ୍ତ ବିସ୍ତାରିତ। ୨୦୨୧ର ନିର୍ବାଚନରେ ଟିଏମ୍‌ସି ବିଜୟୀ ହୋଇଥିଲା କିନ୍ତୁ ବିଜେପି ବିରାଟ ଉନ୍ନତି କରିଥିଲା। ଆଜି ରାଜ୍ୟରେ ମାନସିକତାରେ ପରିବର୍ତ୍ତନ ହୋଇଛି। ମତୁଆ ସମ୍ପ୍ରଦାୟ, ଉର୍ବନ ଅସନ୍ତୋଷ ଏବଂ ଅନୁପ୍ରବେଶ ପରି ପ୍ରସଙ୍ଗ ବିଜେପିର ଅସ୍ତ୍ର। ଟିଏମ୍‌ସି କିନ୍ତୁ ମହିଳା ଏବଂ ସଂଖ୍ୟାଲଘୁ ଭୋଟ ଉପରେ ନିର୍ଭର କରୁଛି। ଏହି ନିର୍ବାଚନରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଭୂମିକା ବିବାଦୀୟ ହୋଇଛି। ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ରେଡ୍ ଏବଂ ମମତାଙ୍କ ପ୍ରତିବାଦ ଏହାର ଉଦାହରଣ।

ଏହି ରାଜନୀତିର ଅନ୍ତର୍ନିହିତ ଅର୍ଥ ହେଉଛି ଗଣତନ୍ତ୍ରର ସୁସ୍ଥତା। ଯଦି ହିଂସା, ବୁଥ ଜବରଦଖଲ ଏବଂ ପ୍ରଚାର ଯୁଦ୍ଧ ବଢ଼େ ତେବେ ରାଜ୍ୟର ଉନ୍ନୟନ ପଛକୁ ପଡ଼ିଯିବ। ଓଡ଼ିଶା ପରି ପଡ଼ୋଶୀ ରାଜ୍ୟ ପାଇଁ ଏହାର ପ୍ରଭାବ ଅଛି- ଆର୍ଥିକ ସହଯୋଗ, ସୀମାନ୍ତ ସମସ୍ୟା ଏବଂ ରାଜନୈତିକ ପ୍ରେରଣା। ବିଜେପି ଜିତିଲେ କେନ୍ଦ୍ର-ରାଜ୍ୟ ସମ୍ପର୍କ ବଦଳିବ, ଟିଏମ୍‌ସି ଜିତିଲେ ବିରୋଧୀ ଶିବିର ମଜବୁତ ହେବ।

ପଶ୍ଚିମବଙ୍ଗର ଜନତା ଏଥରେ ଏକ ସ୍ପଷ୍ଟ ନିର୍ଣ୍ଣୟ ନେବେ ବୋଲି ଆଶା କରାଯାଉଛି। ଉନ୍ନୟନ, ସୁରକ୍ଷା ଏବଂ ସାମ୍ପ୍ରଦାୟୀକ ସଦଭାବ ହେଉଛି ମୂଳ ମନ୍ତ୍ର। ଏହି ନିର୍ବାଚନ କେବଳ ଏକ ଦଳର ଜୟ ନୁହେଁ, ବରଂ ବଙ୍ଗଳାର ଆତ୍ମାର ପରୀକ୍ଷା। ଗଣତନ୍ତ୍ରର ସଫଳତା ନିର୍ଭର କରୁଛି ନିରପେକ୍ଷ ଭୋଟ ଏବଂ ଶାନ୍ତିପୂର୍ଣ୍ଣ ପ୍ରକ୍ରିୟା ଉପରେ। ପଶ୍ଚିମବଙ୍ଗ ଏଥରେ ଏକ ନୂତନ ଅଧ୍ୟାୟ ଲେଖିବ ବୋଲି ସମସ୍ତେ ଆଶା ରଖିଛନ୍ତି।

# ବନାଗ୍ନି ନିୟନ୍ତ୍ରଣ ଓ ମନୁଷ୍ୟ ସମାଜ

**ଇଂ ସତ୍ୟନାରାୟଣ ମାଝୀ**

ଜଙ୍ଗଲ ନିଆଁ ନିୟନ୍ତ୍ରଣ ଲାଗି ଜନ ଭାଗିଦାରୀ ଏକ ପ୍ରମୁଖ ଆହ୍ୱାନ।ସବୁ ସମୟରେ ମନୁଷ୍ୟକୃତ ନିଆଁ ହିଁ ଜଙ୍ଗଲକୁ ଅଗ୍ନିମୟ କରୁଛି।ସେହି ନିଆଁରୁ ସୃଷ୍ଟି ଧୂଆଁରେ କବଳିତ ହେଉଛି ସୂର୍ଯ୍ୟଙ୍କର ଉଜ୍ଜଳମୟ କୋମଳମତି କିରଣ।ନିଆଁରୁ ସୃଷ୍ଟି ଅଙ୍ଗାର ଓ ପାଉଁଶ କରୁଛି ଜଙ୍ଗଲକୁ କଳାମୟ।ଜଙ୍ଗଲ ନିଆଁ କେବଳ ହିଁ କେବଳ ମନୁଷ୍ୟକୃତ।ବିଭିନ୍ନ କାରଣକୁ ନେଇ ଜଙ୍ଗଲରେ ନିଆଁ ଲଗାଉଛି ଅମାନୁଷିକ ମଣିଷ।ବର୍ତ୍ତମାନ ପରିପେକ୍ଷୀରେ ଜଙ୍ଗଲ ପାଦଦେଶରେ ବସବାସ କରୁଥିବା ଜନସାଧାରଣଙ୍କୁ ନେଇ ସୃଷ୍ଟି ହୋଇଛି ଜଙ୍ଗଲ ସୁରକ୍ଷାର ପ୍ରଶ୍ନବାଚୀ?ଏଥିରେ କେବଳ ସୀମିତ ନୁହେଁ ଜଙ୍ଗଲ ସୁରକ୍ଷା ବଳୟର ଦାୟିତ୍ୱ।କାରଣ ସ୍ୱତନ୍ତ୍ର ଭାବରେ ଜଙ୍ଗଲ ଓ ପରିବେଶ ବିଭାଗ ମଧ ସମାନ ଦାୟୀ।

ଜଙ୍ଗଲ ନିଆଁରେ ଜର୍ଜରିତ ସବୁଜ ବୃକ୍ଷରାଜି ଏବଂ ଶୀତଳ ଭୂଇଁର ରହିଲା ଭୂଲ କେଉଁଠି?ସୃଷ୍ଟି ଆରମ୍ଭରୁ ଜୀବନକୁ ବଂଚିବାର ରାହା ଦେଇ ସବୁଜ ହରାଭରା ଜଙ୍ଗଲ ଆମକୁ କଣ ଅଭାବ କରିଛି?ସତରେ ଜଙ୍ଗଲ ଯଦି କଥା କହିପାରନ୍ତା ଆମେ ତାର ଅଗ୍ନିଭରା କୋହ ସହିତ କଷ୍ଟମୟ ଚିତ୍କାର କ'ଣ ଆମ କାନ ସହିପାରନ୍ତା?କେବେ ନୁହଁ, କାରଣ ସମ୍ପ୍ରତି ମଧପ୍ରାଚ୍ୟରେ ଚାଲିଥିବା ଘମାଘଟ ଯୁଦ୍ଧ ସାରା ବିଶ୍ୱକୁ ଆତଙ୍କିତ କରିସାରିଲାଣି।ଯେଉଁ



ଭଳି ଯୁଦ୍ଧ ହେବା ଦ୍ୱାରା ସାରା ବିଶ୍ୱରେ ଅର୍ଥନୀତି ଠାରୁ ଆରମ୍ଭ କରି ସାମାଜିକ କ୍ଷତି ସହିବାକୁ ପଡୁଛି ତାର କୁପ୍ରଭାବ ପୂରା ପରିବେଶରେ ମଧ ପଡୁଛି।ତେଣୁ ସାମାନ୍ୟ ନିଆଁଟେ ବିଶ୍ୱକୁ କେତେ କ୍ଷତି ପହଂଚାଉଛି, ତାର ଅନୁଭବ କଷ୍ଟ ଦାୟକ।ଗତ କେଇ ଦଶନ୍ଧି ଧରି ବିଶ୍ୱର ବିଭିନ୍ନ ଦେଶରେ ଲାଗି ଜଙ୍ଗଲ ନିଆଁ ଅତ୍ୟନ୍ତ ଭୟାବହ ରହିଆସିଛି।ମନୁଷ୍ୟ ସମାଜ ପୃଥିବୀରେ ବଂଚିବାକୁ ଚାହୁଁଛି,କିନ୍ତୁ ମଣିଷ ଅମଣିଷ ହୋଇ ତାର ବିଚାର କରିବାର କ୍ଷମତା ହରାଉଛି।ସମୟ ଥିଲା ଲୋକମାନେ ଗ୍ରାମ୍ୟ ଜଙ୍ଗଲକୁ ଜଗିବା ଲାଗି ପାଳି କରୁଥିଲେ।ବର୍ତ୍ତମାନ ପରିବେଶରେ ଶୁଷ୍କତା ବଢୁଥିବାରୁ ଜଙ୍ଗଲରେ ଲାଗୁଥିବା ନିଆଁ ଖୁବ୍ ଶୀଘ୍ର ବ୍ୟାପିଯାଉଛି।ଅଳ୍ପ ସମୟ ମଧ୍ୟରେ ପ୍ରତିକୂଳ ପରିବେଶରେ ସଂଘର୍ଷ କରି ବଂଚିବାକୁ ଚେଷ୍ଟା କରୁଥିବା ଗୁଳ୍ମଲତାଟି ମଧ ଜଳି ଝାଉଁଖାର ହୋଇଯାଉଛି।ଗଛଟେ ଯଦି କଥା କହିପାରନ୍ତା ସିଏ କ'ଣ ପ୍ରତିରୋଧ କରନ୍ତା ନାହିଁ?ନିଶ୍ଚୟ ପ୍ରତିରୋଧ କରନ୍ତା ଆଉ କୁହନ୍ତା, ହେ ନିର୍ଦୟ! ମଣିଷ ତୋହରି ପାଇଁ ମୁଁ ବଂଚୁଛି।ରେ ତୋହରି ଭବିଷ୍ୟତ ପିଢି ପାଇଁ ବଂଚୁଛି।ତୁ ନ ରହିଲେ ମଧ ମୁଁ ରହିବି କିନ୍ତୁ ମୁଁ ନ ରହିଲେ ତୁ ରହିପାରିବୁ କି? ବହୁ ଗବେଷଣାରୁ ଜଣାପଡିଛି ଯେ ସାରା ପୃଥିବୀର ସବୁ ଗଛ ଯଦି କାଟିଦିଆଯାଏ,କିଛି ସମୟ ମଧରେ ପ୍ରାଣୀଜଗତ ଠପ୍ ହୋଇଯିବ।ଆଜି ଯେଉଁ ମଣିଷ ନିଜର ପ୍ରତ୍ୟକ୍ଷ ସ୍ୱାର୍ଥ ଚିନ୍ତନରେ ବ୍ୟତିବ୍ୟସ୍ତ ହେଉଛି ତାହା ଯେ ପରୋକ୍ଷ ସମୟକୁ ଏତେ କଦର୍ଯ୍ୟ କରିବ ତା ମୁଣ୍ଡକୁ ସେ ଚିନ୍ତା ଆସୁନାହିଁ। ମୁଁ ଭାବୁଛି ଜଙ୍ଗଲ ନିଆଁ ନିରାକରଣରେ ଜନ ଭାଗିଦାରୀ ଏକ ପ୍ରମୁଖ ଆହ୍ୱାନ। ସବୁବେଳେ ଆମର ସଦବୁଦ୍ଧି ହିଁ ଆମର ସୁରକ୍ଷା କବଚ।ଯେତେବେଳେ କେହି କୌଣସି ଏକ କାର୍ଯ୍ୟରେ ସଫଳତା ହାସଲ କରେ, ତାର କେବଳ ନିଜର ସଦବୁଦ୍ଧି ଦ୍ୱାରା ହିଁ ହୋଇଥାଏ।ଏହି ନିଆଁକୁ ନିୟନ୍ତ୍ରଣ କରିବାକୁ ହେଲେ ବ୍ୟକ୍ତିସ୍ତରରେ ବ୍ୟାପକ ସଚେତନତା ଆବଶ୍ୟକ।ଜଙ୍ଗଲ ନିଆଁକୁ ପ୍ରତିହତ କରିବ କେବଳ ଆମର ଜନମାନସ।ବିଷୟ ଏହା ଯେ ଜଙ୍ଗଲ ପାଦଦେଶରେ ରହୁଥିବା ଲୋକଙ୍କର ଅଭ୍ୟାସରେ ପରିବର୍ତ୍ତନ ଆବଶ୍ୟକ।କାରଣ ଜଙ୍ଗଲକୁ ସୁରକ୍ଷା ଦେଲା ପରେ ଆମେ ଯାହା ପାଇବା ତାହା ହିଁ ବ୍ୟବହାର କରିବା ଉଚିତ୍।ଜଙ୍ଗଲ ଗଛରୁ ଫୁଲ, ଫଳ, ଔଷଧୀୟ ଦ୍ରବ୍ୟ, ଶୁଖିଲା କାଠ,ପତ୍ର ଇତ୍ୟାଦି ନିର୍ଦ୍ଦିଷ୍ଟ କିଛି ଜିନିଷ ହିଁ ବ୍ୟବହାର କରିବା ଉଚିତ।ଏହା ଦ୍ୱାରା ଆମ ଜଙ୍ଗଲର ସମୃଦ୍ଧି ହେବ,ବନ୍ୟପ୍ରାଣୀମାନଙ୍କ ଖାଦ୍ୟ ତଥା ବାସଗୃହର ସୁରକ୍ଷା ହୋଇପାରିବ।ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ସେ ଅଂଚଳ ଉତ୍ତପ୍ତ ହେଉଛି ଏବଂ ପରିବେଶଗତ ବିଭିନ୍ନ ସମସ୍ୟାର କାରଣ ସାଜୁଛି।ବର୍ତ୍ତମାନ ପରିପେକ୍ଷୀରେ ଜଙ୍ଗଲ ନିଆଁର ଭୟାବହତା ସମ୍ପର୍କରେ ପିଲାମାନଙ୍କର ପାଠ୍ୟ ପୁସ୍ତକରେ ରହିବା ଜରୁରୀ।ବିଗତ ଦିନରେ ଘଟିଯାଇଥିବା ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ବିଶ୍ୱ ପରିବେଶକୁ କେଉଁ ସବୁ କ୍ଷତି ପହଂଚୁଛି ତାହା ମଧ ଆଲୋଚନାର ବିଷୟ ବସ୍ତୁ ହେବା ଏକାନ୍ତ ଆବଶ୍ୟକ।ପ୍ରକୃତିର ଭାରସାମ୍ୟକୁ ସନ୍ତୁଳନ କେବଳ ପୃଥିବୀର ସବୁ ଜଙ୍ଗଲ ହିଁ କରୁଛି। ସ୍ଥାନୀୟ ପ୍ରଶାସନ ଜଙ୍ଗଲ ନିଆଁକୁ ଦୃଷ୍ଟିରେ ରଖି ପ୍ରଶାସନିକ ଦକ୍ଷତା ଓ ବିବେକ ବୋଧରେ ଆୟତ୍ତ କରିବାକୁ ବହୁ ଅତ୍ୟାଧୁନିକ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ସତ ହେଲେ ବହୁ ସମୟରେ ତାହା ଫଳପ୍ରଦ ହୋଇପାରୁନାହିଁ।

**ଏକତାଲୀ, ଯଶିପୁର, ମୟୂରଭଞ୍ଜ**
**ମୋ-୯୪୩୮୫୩୭୦୧୩**

# ସ୍ନେହ, ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନାର ପର୍ବ - ଇଦ୍‌-ଉଲ୍ ଫିତର

**ମୌଲାନା ଫଜଲ ହକ ଖାନ୍**

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ସାମ୍ପ୍ରଦାୟୀକ ସ୍ନେହ, ସୌହାର୍ଦ୍ଦ ଓ ସଦ୍‌ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି। ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ। ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ। ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ଓ ସଚେତନାର ବାର୍ତ୍ତା ଦିଆ ଯାଇଥାଏ। ଇଦୁଲ ଫିତର ପର୍ବ ମଧ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ଉପବାସ ପରେ ପ୍ରାପ୍ତ ହୋଇଥାଏ। ଏହା ସମାଜରେ ସ୍ନେହ, ସୌହାର୍ଦ୍ଦ ତଥା ଭାଇଚାରା ଆଣିଥାଏ। ଚତୁର୍ଦ୍ଦିଗରେ ସୁଖ, ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ। ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇଥାଏ। ସେବା ଓ ସାହାଯ୍ୟର ପର୍ବ ହୋଇଥାଏ। ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ। ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ। ପରକୁ ନିଜର କରିନେବାର ପର୍ବ ହୋଇଥାଏ। ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ। ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ। ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ। ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ। ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ। ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ। ଖରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ। ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ।

ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଙ୍ଗ ବିରଙ୍ଗ ପୋଷାକରେ ସାଜ ସଜା ହୋଇ ତଥା ଘରର ବୟସ୍କରମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାଃଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢ଼ିବାକୁ ଯାଇଥାନ୍ତି। ଧର୍ମଗୁରୁ ବିଶେଷ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି, ଭାଇଚାରା, ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା, ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି। ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ। ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ। ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି।

ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି। ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ। ଘୃଣା ଓ ଅରାଜକତାର ବାତାବରଣ ମଧରେ, ଧର୍ମ ଧର୍ମ ମଧରେ ଘୃଣାର ପ୍ରାଚୀର ଛିଡ଼ା ହୁଏ। ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଂସ୍ଥାପକ ଅବଗତ କରାଇ କୁହନ୍ତି; ହେ ଦେଶବାସୀ ! ଆପଣା ମଧରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତୃତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ। ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ସମସ୍ୟା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇଥାଏ। ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ। ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ। ଆଉ ସେମାନଙ୍କ ମଧରୁ ଯଦି କେହି ନିଜ ପଡ଼ୋଶୀଙ୍କୁ ସାହାଯ୍ୟ, ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ। ଯଦି କେହି ତୁମ ମଧରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯିଏ କି ଯେଉଁ ଡ଼ାଳରେ ବସିଥାଏ, ସେହି ଡ଼ାଳକୁ ହିଁ ହାଣିବାରେ ଲାଗିଥାଏ।



ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ। ଅହମଦୀୟା ମୁସଲିମ ସମ୍ପ୍ରଦାୟର ୪ର୍ଥ ଖଲିଫା କୁହନ୍ତି; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ। ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ। ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ, ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ। ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତ୍ତାଙ୍କୁ ମଧ ପ୍ରେମ କରେ ନାହିଁ। ରମଜାନ ଆମକୁ ସ୍ନେହ, ସୌହାର୍ଦ୍ଦ, ସମ୍ମାନ, ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ। ଆସନ୍ତୁ ଆମେ ଏହି ପଙ୍‌କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖିବା। '' ହିନ୍ଦ, ମୁସଲିମ, ଶିଖ, ଇସାଇ ହମ୍ ସବ୍ ହୈଁ ଭାଇ ଭାଇ /ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା !'' ଖୁଦା ହାଫିଜ୍। ସବ୍‌କୋ ଇଦ୍ ମୁବାରକ୍।

ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

# ହସ୍‌ପିଟାଲରେ ଅଗ୍ନିକାଣ୍ଡ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଜୀବନଦାନକାରୀ ପବିତ୍ର ଆଶ୍ରୟ ସ୍ଥଳ ମୃତ୍ୟୁ ଯନ୍ତାରେ ପଡ଼ିବା ଠାରୁ ଅଧିକ ବିଶ୍ୱାସଘାତକତା ଏବଂ ଦାୟିତ୍ୱ ହୀନତା ଆଉ କଣ ହୋଇପାରେ। ଦେଶରେ ହସ୍‌ପିଟାଲଗୁଡିକରେ ଅଗ୍ନିକାଣ୍ଡ ଏବଂ ତଦ୍‌ଜନିତ ମୃତ୍ୟୁ ଏବେ ଏହିଭଳି ଯନ୍ତାରେ ପଡ଼ିଛି ବୋଲି ସ୍ପଷ୍ଟ ଭାବେ କୁହାଯାଇପାରିବ। ରାଜ୍ୟରେ ବଡ ଡାକ୍ତରଖାନା ଭାବେ ପରିଚିତ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ଟ୍ରମା କେୟାର ୟୁନିଟରେ ଗତ ରବିବାର ଦିନ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଚିକିତ୍ସାଧୀନ ଥିବା ୧୨ଜଣ ରୋଗୀଙ୍କର ଦୁଃଖଦ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୭ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କ ମଧରେ ୩ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡ଼ିଛି। ରାତିରେ ରୋଗୀମାନେ ଶୋଇଥିବାବେଳେ ହଠାତ ଅଗ୍ନିକାଣ୍ଡ ଘଟିବା ଯୋଗୁଁ ବଡ ଡାକ୍ତରଖାନା ପରିସର ଚିତ୍କାର ଓ ଆତଙ୍କରେ ଥରି ଉଠିଥିଲା। ବିଦ୍ୟୁତ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟଣା ଘଟିଥିବାବେଳେ ସମସ୍ତେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା କୁହାଯାଏ। ଜୀବନ ବଞ୍ଚାଇବା ଆଶା ନେଇ ବଡ ଡାକ୍ତରଖାନାକୁ ଧାଇଁ ଆସିଥିବା ରୋଗୀ ଶେଷରେ କର୍ତ୍ତୃପକ୍ଷଙ୍କ ଅବହେଳା ଏଂବ ଦାୟିତ୍ୱହୀନତାର ଶିକାର ହୋଇ ଜୀବନ ହରାଇଛି ବୋଲି କହିଲେ ଭୁଲ ହେବ ନାହିଁ। ଏହା ସତ୍ୟ ଯେ, କଟକ ବଡ ଡାକ୍ତରଖାନା କିମ୍ବା ଆମ ରାଜ୍ୟରେ ତଥା ଦେଶର ବିଭିନ୍ନ ହସ୍‌ପିଟାଲରେ ଅଗ୍ନିକାଣ୍ଡ ଘଟଣା ନୂଆ ନୁହେଁ। ବଡ ଡାକ୍ତରଖାନାରେ ଗତ ୨୦୨୪ ଜୁନ ୧୨ତାରିଖ ଦିନ ଟ୍ରମା କାଜୁଆଲିଟ୍ ଆଇସିୟୁ ବର୍ହିବିଭାଗରେ ଲାଗିଥିବା ଶୀତତାପ ଯନ୍ତ୍ର(ଏସି)ରେ ଅଗ୍ନିକାଣ୍ଡ ଘଟିଥିଲା। ସେଥିରେ କୌଣସି କ୍ଷୟକ୍ଷତି ଘଟିନଥିଲା। ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ୨୦୧୬ର ଅଗ୍ନିକାଣ୍ଡ ଘଟି ଜଣେ ରୋଗୀଙ୍କର ମୃତ୍ୟୁ ଘଟିଥିଲା। ସେହି ୨୦୧୬ ଅକ୍ଟୋବର ୧୭ତାରିଖ ସନ୍ଧ୍ୟାରେ ବେସରକାରୀ ସମ୍ ହସପିଟାଲ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୧ଜଣଙ୍କର ମୃତ୍ୟୁ ଘଟିଥିଲା। ଯାହାକି ରାଜ୍ୟରେ ସବୁଠାରୁ ଭୟଙ୍କର ହସପିଟାଲ୍ ଟ୍ରାଜେଡି ଥିଲା। କେବଳ ଆମ ରାଜ୍ୟ ନୁହେଁ, ଦିଲ୍ଲୀ, ରାଜସ୍ଥାନ, ମଧପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର




ସମେତ ବିଭିନ୍ନ ରାଜ୍ୟରେ ହସ୍‌ପିଟାଲରେ ଅଗ୍ନିକାଣ୍ଡ ଘଟି ବହୁ ଜୀବନ ହାନୀ ଘଟିଥିବା ନଜୀର ରହିଛି। ଗତବର୍ଷ ନଭେମ୍ବର ୧୫ରେ ଉତରପ୍ରଦେଶର ଥନାସସ୍ଥିତ ମହରାଣୀ ଲକ୍ଷ୍ମୀବାଇ ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ୭ଜଣ ନବଜାତ ଏବଂ ଦଲ୍ଲୀର ଏକ ଘରୋଇ ହସ୍‌ପିଟାଲରେ ୭ଜଣ ନବଜାତକଙ୍କ ମୃତ୍ୟୁ ଘଟିଥିଲା। ଦେଶରେ ହସ୍‌ପିଟାଲଗୁଡିକରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବା ସତ୍ୱେ ସରକାର ଏଥିପ୍ରତି କମ୍ ଧ୍ୟାନ ଦେଉଥିବା କୁହାଯାଇପାରେ। ଯାହାର ପରିଣତି ସ୍ୱରୂପ ଦେଶରେ ବାରମ୍ବାର ଦୁଃଖଦ ଘଟଣାର ପୁନରାବୃତି ଘଟିବାରେ ଲାଗିଛ, ଯାହାକି ଅତ୍ୟନ୍ତ ଚିନ୍ତାଜନକ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଚିକିତ୍ସା କ୍ଷେତ୍ରରେ ପ୍ରାଣକେନ୍ଦ୍ର ଭାବେ ପରିଚିତ କଟକ ବଡ ଡାକ୍ତରଖାନାକୁ ବିଶ୍ୱସ୍ତରୀୟ କରିବା ପାଇଁ ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଅଗ୍ନିକାଣ୍ଡରେ ୧୨ଜଣଙ୍କ ମୃତ୍ୟୁ ଘଟଣା ଏକ କଳଙ୍କିତ ଘଟଣା ହୋଇଛି। ରାଜ୍ୟ ସରକାର ଏହି ଦୁଃଖଦ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ତଦନ୍ତ କରିବେ। ସେହିପରି ମୃତକଙ୍କ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହା ସତ୍ୟ ଯେ, ହସ୍‌ପିଟାଲରେ ଦୁର୍ଘଟଣା ପରେ କ୍ଷତିପୂରଣ ପ୍ରଦାନ କରାଯାଏ, ତଦନ୍ତ ନିର୍ଦ୍ଦେଶ ଦିଆଯାଏ। କିଛି ଦିନ ପରେ ସମସ୍ତେ ଭୁଲିଯାଆନ୍ତି। ପୁନର୍ବାର ଘଟଣା ଘଟିଥାଏ। ଯଦି ହସ୍‌ପିଟାଲରେ ନିୟମିତ ବିଦ୍ୟୁତ ସଂଯୋଗ ସ୍ଥଳିଗୁଡିକ ଅନୁଧାନ କରାଯାଇଥାନ୍ତା, ତେବେ ଏଭଳି ଘଟଣା ଘଟି ନଥାନ୍ତା। ସେହିପରି ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ କଡାକଡି କରାଯିବା ଜରୁରୀ। ଲୋକଙ୍କ ସ୍ୱାସ୍ଥ୍ୟର ଆସ୍ଥା ଓ ବିଶ୍ୱାସର କ୍ଷେତ୍ର ହସ୍‌ପିଟାଲ ସରକାରୀ କିମ୍ବା ବେସରକାରୀ ହେଉ ସୁରକ୍ଷା ବ୍ୟବସ୍ଥାକୁ କୌଣସି କ୍ଷେତ୍ରରେ ଢିଲା କରାଯିବା ଉଚିତ ନୁହେଁ। ଏହି ଘଟଣାରେ କର୍ତ୍ତୃପକ୍ଷ ଏବଂ ସରକାର କିଛି ଶିକ୍ଷା କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ଆମର ଆଶା।

(ରାଜା), ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ

**ଅଲେଖ ଚନ୍ଦ୍ର ସାମଲ**

ସମ୍ବଲପୁରୀ ବାନ୍ଧକଳାକୁ ବିଶ୍ୱ ଦରବାରରେ ପ୍ରସିଦ୍ଧ କରାଇଥିଲେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ। ଘରୋଇ ଟ୍ୟୁସନ ଥିଲା, ତାଙ୍କର ପ୍ରଥମ ବୃତ୍ତି। ସମ୍ବଲପୁରରୁ ବୃତ୍ତିଗତ ଜୀବନର ଆରମ୍ଭ। ତାହା ପରେ ବରଗଡ଼ା ଟ୍ୟୁସନ କରି ଚଳୁଥିବାରୁ ଏକଦା ଲୋକମୁଖରେ ସେ ଥିଲେ କୃତାର୍ଥ ମାଷ୍ଟର। ଅଠେଇଶ ବର୍ଷ ବୟସରେ ସେ ନିଜକୁ ଖଦି ବୁଣା କାମରେ ନିୟୋଜିତ କରିଥିଲେ। ଖଦି ଦୋକାନରୁ ଖଦି ଆନ୍ଦୋଳନ। ତାହାପରେ ଖଦି ସୂତା ରଙ୍ଗ କରିବା କାର୍ଯ୍ୟ। ସେ ପ୍ରଥମେ ବରଗଡ଼ରେ ଏକ ଖଦି ବୁଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ତେବେ ବ୍ୟବସାୟରୁ ଲାଭ ନ ମିଳିବାରୁ, ଶାଢ଼ି ବୁଣା ପ୍ରତି ଆଗ୍ରହୀ ହୋଇଥିଲେ। ତାଙ୍କ ସମୟରେ ପଶ୍ଚିମ ଓଡ଼ିଶାର ମହିଳାମାନେ ମିଲ୍ ବୁଣା ଶାଢ଼ି ପିନ୍ଧୁ ନଥିଲେ। କୁଷ୍ଟା, ଭୁଲିଆ, କୁଲି ଆଦି ସମ୍ପ୍ରଦାୟର ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ତନ୍ତ ଶାଢ଼ି ହିଁ ପିନ୍ଧୁଥିଲେ। ବୁଣାକାରମାନଙ୍କ ଠାରୁ ଶାଢ଼ି କିଣି ସେ ପ୍ରତିଷ୍ଠା କରିଥିଲେ ସମ୍ବଲପୁରୀ ବସ୍ତ୍ରାଳୟ। ତାହା ୧୯୩୩ର କଥା। କ୍ରମଶଃ ବ୍ୟବସାୟ ବଢ଼ିଲା ଏବଂ କୃତାର୍ଥ, ତୋରା ଗ୍ରାମରେ ଲୁଗା ବୁଣା କେନ୍ଦ୍ର ଖୋଲିଲେ। ଏହିଠାରୁ ଆରମ୍ଭ ହୋଇଥିଲା ସମ୍ବଲପୁରୀ ବସ୍ତ୍ରାଳୟର ନିଜସ୍ୱ ଲୁଗା ବୁଣା। ସୂତା ରଙ୍ଗ କରିବା କାର୍ଯ୍ୟ ତୁଲାଉଥିଲେ ପତ୍ନୀ ଚଞ୍ଚଳା ଦେବୀ। ସମ୍ବଲପୁରୀ ବସ୍ତ୍ରାଳୟ ଖୁବ୍ କମ୍ ଦିନ ମଧରେ ଜନପ୍ରିୟ ହୋଇଉଠିଥିଲା। ୧୯୫୪ରେ ସେ ଏହି ଅନୁଷ୍ଠାନରୁ ଏକ ସମବାୟ ସଂସ୍ଥାରେ ପରିଣତ କରିଥିଲେ। ତାଙ୍କ ଉଦ୍ୟମରେ ସୋନପୁରରେ ମଧ ବାନ୍ଧକଳା ନବ ରୂପ ପାଇଥିଲା। ଏସବୁ ଅବଦାନ ପାଇଁ ୧୯୪୫ରେ ସେ ପାଇଥିଲେ, ରାୟ ବାହାଦୂର ଉପାଧି, ୧୯୬୫ରେ ପଦ୍ମଶ୍ରୀ, ୧୯୭୫ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍। ୧୯୦୦ ମାର୍ଚ୍ଚ ୨୦ ତାରିଖ ଦିନ ବରଗଡ଼ ଅନ୍ତର୍ଗତ ଦବ୍‌ତାଟିକିରାରେ ସେ ଜନ୍ମ ଗ୍ରହାଣ କରିଥିଲେ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ:୯୪୩୭୨୫୭୧୨୩ E-MAIL: ALEKHA007SAMAL@GMAIL.COM**

# ଆମେରିକାରେ ପଶିଲା ଇରାନୀ ଡ୍ରୋନ୍

## ରୁବିଓଙ୍କ ଜୀବନ ପ୍ରତି ବିପଦ ବଢ଼ିଲା





**ନ୍ୟୁୟର୍କ,୧୯।୩:** ଇରାନ ଓ ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଆମେରିକାକୁ ଗ୍ରାସିଲାଣି ବିପଦ। ଆମେରିକାରେ ଉଡ଼ିଲା ଡ୍ରୋନ, ହାଇଆଲର୍ଟରେ ୱାଶିଂଟନ। ଯାହା ଫଳରେ ଟ୍ରମ୍ପ ନିଜେ ୨ ଘଣ୍ଟା ମଧ୍ୟରେ ତାଙ୍କ ନିଷ୍ପତ୍ତିକୁ ବଦଳାଇ ଦେଇଥିଲେ। ସେ ଇରାନର ତୈଳ ଏବଂ ଗ୍ୟାସ ସୁବିଧା ଉପରେ ଆକ୍ରମଣ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ୱାଶିଂଟନ ପୋଷ୍ଟ ଅନୁଯାୟୀ, ଗୁରୁବାର ପେଣ୍ଟାଗନ ନିକଟରେ ଏକ ଆମେରିକୀୟ ସାମରିକ ଘାଟି ଉପରେ ଏକ ସନ୍ଦିଗ୍ଧ ଡ୍ରୋନ୍ ଦେଖାଯାଇଥିଲା, ଯାହାକୁ ନେଇ ପୂରା ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା।

ତଥାପି, ଇରାନ ସରକାର କିମ୍ବା ଆମେରିକୀୟ ପ୍ରଶାସନ ଡ୍ରୋନ୍ ସମ୍ପର୍କରେ କୌଣସି ବିବୃତ୍ତି ଜାରି କରିନାହାଁନ୍ତି। ଗୁରୁବାର ଦିନ, ଇରାନ କତାରର ଗ୍ୟାସ ଫାସିଲିଟି ଉପରେ ସିରିଜ ଆଟାକ୍ କରିଛି। ଯାହା ଆମେରିକା ସରକାରଙ୍କୁ ବ୍ୟାକପୁଟକୁ ନେଇଆସିଛି। ଇରାନ ଯୁଦ୍ଧ ମଧ୍ୟରେ, ୱାଶିଂଟନର ଏକ ଆମେରିକୀୟ ସାମରିକ ଘାଟି ଉପରେ ଏକ ସନ୍ଦିଗ୍ଧ ଡ୍ରୋନ୍ ଉଡୁଥିବାର ଦେଖାଯାଇଥିଲା। ଏହା ପରେ ୱାଶିଂଟନକୁ ହାଇ ଆଲର୍ଟ ଜାରି କରାଯାଇଛି। ଆମେରିକୀୟ ପ୍ରଶାସନ ଡ୍ରୋନ୍ ବିଷୟରେ ସୂଚନା ସଂଗ୍ରହ କରୁଛି। ପ୍ରଥମ ଥର ପାଇଁ ଆମେରିକାରେ ଏକ ସନ୍ଦିଗ୍ଧ ଡ୍ରୋନ୍ ଦେଖାଯାଇଛି। ଯଦି ଏହା ଇରାନର ବୋଲି ଜଣାପଡ଼େ, ତେବେ ଏହା ଆମେରିକା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ।

ଇରାନ ଏକ ନିର୍ଣ୍ଣାୟକ ଯୁଦ୍ଧ ପାଇଁ ମୁଡରେ ଅଛି। ଇରାନର ସର୍ବୋଚ୍ଚ ନେତା ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆମେରିକା କ୍ଷମା ନମାଗିବ ପର୍ଯ୍ୟନ୍ତ ଏବଂ କ୍ଷତିପୂରଣ ନଦେବ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବ ନାହିଁ। ଇରାନ କହିଛି ଯେ ସେ ଆମେରିକାକୁ କିପରି ପରାସ୍ତ କରିବ ତାହା ଜାଣେ। ସବୁଠୁ ବଡ଼ କଥା ହେଲା- ଡ୍ରୋନ୍ ଯେଉଁ ଅଞ୍ଚଳରେ ଉଡୁଥିଲା ସେହି ଅଞ୍ଚଳରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ରୁହନ୍ତି। ଡ୍ରୋନ୍ ଘଟଣା ପରେ, ଉଭୟ ନେତାଙ୍କ ସ୍ଥାନ ପରିବର୍ତ୍ତନ କରାଯାଇଛି। ସେମାନଙ୍କୁ ଅଜ୍ଞାତ ସ୍ଥାନକୁ ପଠାଯାଇଛି। ଆମେରିକୀୟ ସାମରିକ ଘାଟି ଉପରେ ଡ୍ରୋନ୍ ଉଡ଼ିବା ପରେ, ଇରାନର କାର୍ଯ୍ୟକଳାପ କ'ଣ ଆମେରିକା ପର୍ଯ୍ୟନ୍ତ ପହଞ୍ଚିଛି ବୋଲି ପ୍ରଶ୍ନ ଉଠାଯାଉଛି। ଏପର୍ଯ୍ୟନ୍ତ, ଇରାନ କେବଳ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରିଥିଲା।

### ଇରାନ ସହ ଯୁଦ୍ଧ ଆମେରିକାକୁ ଭାରି ପଡୁଛି

## ୩୯ ଟ୍ରିଲିୟନ ଡଲାରରେ ପହଞ୍ଚିଲାଣି ଋଣଭାର

**ନ୍ୟୁୟର୍କ,୧୯।୩:** ଗତ ମାସରେ ଇସ୍ରାଏଲ ସହିତ ମିଶି ଆମେରିକା ଇରାନ ଉପରେ ଆକ୍ରମଣ କରିଥିଲା। ଆକ୍ରମଣକୁ ମାତ୍ର କିଛି ସପ୍ତାହ ବିତିଛି, କିନ୍ତୁ ଆମେରିକାର ଆର୍ଥିକ କ୍ଷତି କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବିଶ୍ୱର ସବୁଠାରୁ ଧନୀ ଦେଶ ମଧ୍ୟ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ବୁଧବାର ସୁଦ୍ଧା ଏହାର ମୋଟ ଜାତୀୟ ଋଣ ରେକର୍ଡ ୩୯ ଟ୍ରିଲିୟନ ଡଲାରରେ ପହଞ୍ଚିଛି।




ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ସେତେବେଳେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଆମେରିକାର ଅର୍ଥନୀତିକୁ ପୁନଃ ସ୍ଥାପିବା ପାଇଁ କାମ କରୁଛନ୍ତି। ଏକ ପ୍ରମୁଖ ଟିକସ ଆଇନ ପାସ କରୁଛନ୍ତି, ପ୍ରତିରକ୍ଷା ଖର୍ଚ୍ଚ ଏବଂ ସାମାଜିକ କଡ଼ାକଡ଼ି କରୁଛନ୍ତି ଏବଂ ଋଣ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ଟ୍ରମ୍ପ ତାଙ୍କ ନିର୍ବାଚନ ପ୍ରଚାର ସମୟରେ ଆମେରିକାର ଋଣ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକାର ମୋଟ ଋଣ ୩୯ ଟ୍ରିଲିୟନ ଡଲାର ଭାରତର ମୋଟ ଅର୍ଥନୀତି ଅପେକ୍ଷା ୧୦ ଗୁଣା ଅଧିକ। ସରକାରୀ ଉତ୍ତରଦାୟିତ୍ୱ କାର୍ଯ୍ୟାଳୟ ଆମେରିକୀୟମାନଙ୍କ ଉପରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସରକାରୀ ଋଣର କିଛି କାରଣ ଉଲ୍ଲେଖ କରିଛନ୍ତି। ଯେଉଁଥିରେ ମର୍ଟଗେଜ୍ ଏବଂ କାର ଭଳି ଜିନିଷ ଉପରେ ଉଚ୍ଚ ସୁଧ ହାର, ନିବେଶ ପାଇଁ କମ୍ କାମ ପାଇଁ କମ୍ ମଜୁରୀ ଏବଂ ସାମଗ୍ରୀ ତଥା ସେବା ପାଇଁ ଅଧିକ ମୂଲ୍ୟ ଅନ୍ତର୍ଭୁକ୍ତ ରହିଛି। ସବୁଜିତ ବଜେଟ୍ ପ୍ରକଳ୍ପମାନେ ଚେତାବନୀ ଦେଉଛନ୍ତି ଯେ ଅଧିକ ଋଣ ନେବା ଏବଂ ଅଧିକ ସୁଧ ଦେବାର ଏହି ଦୀର୍ଘକାଳୀନ ଧାରା ଆମେରିକୀୟମାନଙ୍କୁ ଲାଭଦାୟକ କରିବ ନାହିଁ। ଭବିଷ୍ୟତରେ ଆମେରିକୀୟମାନେ ଆହୁରି କଠୋର ଆର୍ଥିକ ନିଷ୍ପତ୍ତିର ସମ୍ମୁଖୀନ ହୋଇପାରନ୍ତି।

ଆମକୁ ଏହି ଚିନ୍ତାଜନକ ଅଭିବୃଦ୍ଧି ହାର ଏବଂ ଏହା ପରବର୍ତ୍ତୀ ପିଢ଼ି ଉପରେ ପକାଉଥିବା ପ୍ରଭାବ ଆର୍ଥିକ ବୋଝକୁ ଚିହ୍ନିବାକୁ ପଡିବ ବୋଲି ଆମେରିକାର ଦୀର୍ଘକାଳୀନ ଆର୍ଥିକ ଚ୍ୟାଲେଞ୍ଜ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଥିବା ଏକ ଅଣଲାଭକାରୀ ସଂଗଠନ ପିଟର ଜି. ପିଟରସନ ଫାଉଣ୍ଡେସନର ଅଧ୍ୟକ୍ଷ ଏବଂ ସିଇଓ ମାଇକେଲ ପିଟରସନ ଏକ ବିବୃତିରେ କହିଛନ୍ତି। ଏହା ଆମେରିକା ପାଇଁ ଚିନ୍ତାର ବିଷୟ। ରିପବ୍ଲିକାନ୍ ଏବଂ ଡେମୋକ୍ରାଟିକ୍ ରାଷ୍ଟ୍ରପତିଙ୍କ ଅଧୀନରେ ସଂଘୀୟ ଋଣ ଯଥେଷ୍ଟ ବୃଦ୍ଧି ପାଇଛି।

ଆମେରିକାର ଋଣରେ ସମ୍ପ୍ରତି ବୃଦ୍ଧିର ମୁଖ୍ୟ କାରଣ ହେଉଛି ଯୁଦ୍ଧ, କୋଭିଡ୍-୧୯ ମହାମାରୀ ସମୟରେ ବିପୁଳ ଖର୍ଚ୍ଚ ଏବଂ ଗୁରୁତ୍ୱପୂର୍ଣ୍ଣ ଟିକସ ହ୍ରାସ। ବର୍ତ୍ତମାନର ଅଭିବୃଦ୍ଧି ହାରରେ, ଚଳିତ ବର୍ଷର ନିର୍ବାଚନ ପୂର୍ବରୁ ଆମର ଜାତୀୟ ଋଣ ଆଶ୍ଚର୍ଯ୍ୟଜନକ ଭାବରେ ୪୦ ଟ୍ରିଲିୟନ ଡଲାରରେ ପହଞ୍ଚିବ। ହ୍ୱାଇଟ୍ ହାଉସର ଅର୍ଥନୈତିକ ପରାମର୍ଶଦାତା କେଭିନ୍ ହାସେଟ୍ ସମ୍ପ୍ରତି ଆକଳନ କରିଛନ୍ତି ଯେ ଇରାନ ସହିତ ଚାଲିଥିବା ଯୁଦ୍ଧ ପାଇଁ ଆମେରିକାକୁ ଏପର୍ଯ୍ୟନ୍ତ ୧୨ ବିଲିୟନ ଡଲାରରୁ ଅଧିକ କ୍ଷତି ସହିବାକୁ ପଡ଼ିଛି।

## ବିଶ୍ୱର ବୃହତ୍ତମ ଏଲ୍ଏନ୍ଜି ପ୍ଲାଣ୍ଟ ଉପରେ ମିସାଇଲ ମାଡ଼



**କାତାର,୧୯।୩:** କାତାରରେ ଥିବା ବିଶ୍ୱର ବୃହତ୍ତମ ଏଲଏନଜି ପ୍ଲାଣ୍ଟ ଉପରେ ଇରାନ ମିସାଇଲ ମାଡ଼ କରିଛି। ଫଳରେ ସେଠାରେ ଭୟଙ୍କର ନିଆଁ ଲାଗିଯାଇଛି। ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଥିବା ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ ଯୋଗୁଁ ଏହି ସଂଘର୍ଷ ଏବେ ଏକ ନୂଆ ମୋଡ଼ ନେଇଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ଏଲଏନଜି ଯୋଗାଣ କରୁଥିବା 'ରାସ ଲାଫାନ ଇଣ୍ଡଷ୍ଟ୍ରିଆଲ ସିଟି' ଇରାନର ମିସାଇଲ ମାଡ଼ରେ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣ ଯୋଗୁଁ ସେଠାରେ ନିଆଁ ଲାଗିଯାଇଛି, ଯାହାକୁ ନିୟନ୍ତ୍ରଣ କରିବାକୁ କାତାର କର୍ତ୍ତୃପକ୍ଷ ଚେଷ୍ଟା କରୁଛନ୍ତି। ଆବୁଧାବିର 'ହବଶାନ' ଗ୍ୟାସ ସୁବିଧା କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଛି। ଯାହା ଫଳରେ ଏହାକୁ ବନ୍ଦ କରିବାକୁ ପଡ଼ିଛି।

ସେହିପରି ସାଉଦି ଆରବର ପୂର୍ବ ପ୍ରାନ୍ତରେ ଥିବା ଏକ ଗ୍ୟାସ ପ୍ଲାଣ୍ଟ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରାଯାଇଛି। ଏହି ଆକ୍ରମଣକୁ ସାର୍ବଭୌମତ୍ୱର ଉଲ୍ଲଂଘନ ଏବଂ ଆଞ୍ଚଳିକ ସ୍ଥିରତା ପ୍ରତି ଏକ ବିପଦ ବୋଲି ଦର୍ଶାଇଛି କାତାର। ପ୍ରତିକ୍ରିୟା ସ୍ୱରୂପ, କାତାର ସରକାର ଇରାନର ସାମରିକ ଏବଂ ସୁରକ୍ଷା ଅଧିକାରୀମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଇରାନ ଯୁଦ୍ଧ ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦାୟୀ। ଇରାନ ଯୁଦ୍ଧ ପ୍ରତିବାଦରେ ଇସ୍ତଫା ଦେବାର ଦିନକ ପରେ ଏଭଳି କହିଛନ୍ତି ଆମେରିକା ରାଷ୍ଟ୍ରପତିଙ୍କ ପୂର୍ବତନ କାଉଣ୍ଟର-ଟେରରିଜିମ୍ ମୁଖ୍ୟ ଜୋ କେଣ୍ଟ୍। ଏହା ସହ ଇସ୍ରାଏଲକୁ ଏହି ଯୁଦ୍ଧ ପାଇଁ ଦାୟୀ କରିଛନ୍ତି।

ଏଥିସହ ତେହେରାନ ପରମାଣୁ ଅସ୍ତ୍ରଶସ୍ତ୍ର ବିକାଶ କରୁନାହିଁ ବୋଲି ମଧ୍ୟ ସେ ଦାବି କରିଛନ୍ତି। ନ୍ୟାସନାଲ କାଉଣ୍ଟର-ଟେରରିଜିମ୍ ସେଣ୍ଟରର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା କେଣ୍ଟ୍ ଏକ ସାକ୍ଷାତକାରରେ କହିଛନ୍ତି ଇସ୍ରାଏଲୀମାନେ ହିଁ ଏହି ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଥିଲେ। ଟ୍ରମ୍ପ ଏବଂ ତାଙ୍କ ପ୍ରଶାସନର କିଛି ବରିଷ୍ଠ ଅଧିକାରୀ ଦାବି କରିଛନ୍ତି ଯେ, ଫେବୃଆରୀ ୨୮ ରେ ଇରାନ ଉପରେ ଆକ୍ରମଣ କରିବା ଜରୁରୀ ଥିଲା କାରଣ ପରମାଣୁ କାର୍ଯ୍ୟକ୍ରମ ଆମେରିକାର ଜାତୀୟ ସୁରକ୍ଷା ପାଇଁ ଏକ ବିପଦ ଥିଲା।

### ପୂର୍ବତନ ସୁରକ୍ଷା ଅଧିକାରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ କଲେ ଟ୍ରମ୍ପ

## ଯୁଦ୍ଧ ନୀତିକୁ ବିରୋଧ କରୁଥିଲେ ସୁରକ୍ଷା ମୁଖ୍ୟ

**ନ୍ୟୁୟର୍କ,୧୯।୩:** ଆମେରିକାର କାଉଣ୍ଟର ଟେରୋରିଜିମ୍ କେନ୍ଦ୍ରର ପୂର୍ବତନ ମୁଖ୍ୟ ଜୋ କେଣ୍ଟଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏନେଇ ଏଫବିଆଇ ସମସ୍ତ ପ୍ରକ୍ରିୟା ଆରମ୍ଭ କରିଛି। ଟ୍ରମ୍ପଙ୍କ ଯୁଦ୍ଧ ନୀତିକୁ ବିରୋଧ କରି ସେ ପଦ ଛାଡିଥିଲେ। ତେଣୁ କେଣ୍ଟ୍ ଇସ୍ତଫା ଦେବାର୨୪ ଘଣ୍ଟା ପରେ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ଦେଶର ଅନେକ ଗୋପନୀୟ ତଥ୍ୟ ଲିକ୍ କରିବା ଅଭିଯୋଗରେ ତଦନ୍ତ ହେବ।

ରିପୋର୍ଟ ଅନୁସାରେ, ଇରାନ୍ ଯୁଦ୍ଧକୁ ନେଇ ଟ୍ରମ୍ପଙ୍କ ପ୍ରଶାସନ ଭିତରେ ମତଭେଦ ସୃଷ୍ଟି ହୋଇଛି। ଟ୍ରମ୍ପଙ୍କ ନିଷ୍ପତ୍ତିକୁ ବିରୋଧ କରି ଦେଶର କାଉଣ୍ଟର ଟେରୋରିଜିମ୍ କେନ୍ଦ୍ରର ମୁଖ୍ୟ ଦାୟିତ୍ୱରେ ଥିବା ଜୋ କେଣ୍ଟ ଇସ୍ତଫା ପ୍ରଦାନ କରିଥିଲେ। ନିଜ ଇସ୍ତଫା ପତ୍ରରେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସେ ଖୋଲା ବିରୋଧ କରିଥିଲେ। ଏପରିକି ଟ୍ରମ୍ପଙ୍କୁ ସମର୍ଥନ କରିବାକୁ ତାଙ୍କ ବିବେକ ବାଧା ଦେଉଛି ବୋଲି ସୋସିଆଲ ମିଡିଆରେ ଜୋ କେଣ୍ଟ ଲେଖିଥିଲେ।

ପ୍ରଥମେ ଜୁନ୍ ୨୦୨୫ ପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜୀବନ ହାନୀ କରିବା ସହ ଦେଶର ସଂପତ୍ତି ନଷ୍ଟ କରୁଛି ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ପରେ ଇସ୍ରାଏଲର କିଛି ନେତା ଏବଂ ଆମେରିକା ମିଡିଆ ଜଗତର କିଛି ଶକ୍ତିଶାଳୀ ଲୋକ ଇରାନ୍ ଉପରେ ଆକ୍ରମଣ କରାଇବାକୁ ରାଷ୍ଟ୍ରପତିଙ୍କୁ ଉସୁକାଇଥିଲେ। ୭୯ ବର୍ଷୀୟ ରାଷ୍ଟ୍ରପତିଙ୍କୁ ଉସୁକାଇ ଯୁଦ୍ଧ ଆରମ୍ଭ କରିବାକୁ ଏକ ଇକୋ ଚ୍ୟାମ୍ବର ତିଆରି କରାଯାଇଥିଲା। ଏଭଳି କରି ରାଷ୍ଟ୍ରପତିଙ୍କୁ ବିଶ୍ୱାସ କରିବାକୁ ବାଧ୍ୟ କରାଯାଇଥିଲା ଯେ, ଇରାନ୍ ଆମେରିକା ପାଇଁ ଏକ ବଡ଼ ବିପଦ ଏବଂ ଇରାନ୍ ଉପରେ ଆକ୍ରମଣ କରିବା ଜରୁରୀ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୋ କେଣ୍ଟଙ୍କ ଇସ୍ତଫା ନିଷ୍ପତ୍ତି ଦେଶ ପାଇଁ ଭଲ ବୋଲି କହିଥିଲେ। ସୁରକ୍ଷାକୁ ନେଇ କେଣ୍ଟ ଦୁର୍ବଳ ଥିଲେ ବୋଲି ଟ୍ରମ୍ପ ଅଭିଯୋଗ କରିଥିଲେ। ଇରାନ୍ ଉପରେ ଆକ୍ରମଣ ଆମେରିକା ହିତରେ ନୁହେଁ ବୋଲି ଯେଉଁମାନେ ଭାବୁଛନ୍ତି, ସେମାନଙ୍କୁ ଆମେ ଚାହୁଁନାହୁଁ ବୋଲି ଗଣମାଧ୍ୟମରେ କହିଥିଲେ ଆମେରିକା ରାଷ୍ଟ୍ରପତି।

### ଇସ୍ରାଏଲ୍ର ଟାର୍ଗେଟ କିଲିଂକୁ ଚୀନ୍ର ନିନ୍ଦା

## ଶୀର୍ଷ ଅଧିକାରୀଙ୍କ ହତ୍ୟା ସମ୍ପୂର୍ଣ୍ଣ ଅଗ୍ରହଣୀୟ



**ବେଜିଂ,୧୯।୩:** ଇସ୍ରାଏଲ୍ ଦ୍ୱାରା ଇରାନର ବରିଷ୍ଠ ସୁରକ୍ଷା ମୁଖ୍ୟ ଅଲୀ ଲାରିଜାନି ଓ ଅନ୍ୟ ଶୀର୍ଷ ନେତାଙ୍କୁ ହତ୍ୟା କରାଯିବା ଘଟଣାରେ ଚୀନ୍ ପ୍ରଥମ ପ୍ରତିକ୍ରିୟା ରଖିଛି। ଅନ୍ତର୍ଜାତୀୟ ସମ୍ପର୍କରେ 'ବଳପ୍ରୟୋଗ'କୁ ବିରୋଧ କରିବା ସହ ଏଭଳି ହତ୍ୟାକାଣ୍ଡକୁ 'ଅଗ୍ରହଣୀୟ' ବୋଲି ଚୀନ୍ କହିଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖ୍ୟପାତ୍ର ଲିନ୍ ଜିଆନ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଅନ୍ତର୍ଜାତୀୟ ସ୍ତରରେ ବଳପ୍ରୟୋଗକୁ ଆମେ ସର୍ବଦା ବିରୋଧ କରିଆସିଛୁ। ପୂର୍ବରୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଏକ ଫଟୋ ଶେୟାର କରି କହିଥିଲେ ଯେ ସେ ଓ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଇସ୍ରାଏଲୀୟ ସେନା ଆଇଡିଏଫକୁ ବିନା କୌଣସି ଅତିରିକ୍ତ ଅନୁମତିରେ ଇରାନର ଯେକୌଣସି ବରିଷ୍ଠ ଅଧିକାରୀଙ୍କୁ ହତ୍ୟା କରିବାକୁ ପୂର୍ଣ୍ଣ କ୍ଷମତା ଦେଇଛନ୍ତି। ନେତାନ୍ୟାହୁ ମଧ୍ୟ ହାଇ-ସିକ୍ୟୁରିଟି କିରିୟା କମାଣ୍ଡ ସେଣ୍ଟରରୁ ଏକ ଭିଡିଓ ଜାରି କରି ଇରାନର ଦୁଇ 'ଆତଙ୍କବାଦୀ ମୁଖିଆ' ଅଲୀ ଲାରିଜାନି ଏବଂ ଘୋଲାମରେଜା ସୋଲେମାନିଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଉଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ମିଳିତ ଜାତିସଂଘର ନୀରବତାକୁ ନେଇ ଇରାନ କଡ଼ା ପ୍ରଶ୍ନ ଉଠାଇଛି।

### ରୁଷ-ୟୁକ୍ରେନରେ ଭୁଶୁଡି ପଡିଛି ଶିକ୍ଷା ବ୍ୟବସ୍ଥା

## ବଙ୍କରରେ ଚାଲିଛି ସ୍କୁଲ, ପଢୁଛନ୍ତି ଛାତ୍ରଛାତ୍ରୀ



**କିଭ୍,୧୯।୩:** ଋଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଛି ଭୟଙ୍କର ସଙ୍ଘର୍ଷ। ୟୁକ୍ରେନ ଶକ୍ତିଶାଳୀ ଋଷର ମୁକାବିଲା କରୁଛି। କିନ୍ତୁ ଦୁଇ ଦେଶ ମଧ୍ୟରେ ଲାଗିଥିବା ଯୁଦ୍ଧରେ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡିଛି। କେଉଁଠି ଖାଇବାକୁ ମିଳୁନି ତ ଆଉ କେଉଁଠି ଲୋକେ ବାସହରା ହେଲେଣି। ଏଭଳି ସ୍ଥିତିରେ ୟୁକ୍ରେନରେ ଶିକ୍ଷାବ୍ୟବସ୍ଥା ମଧ୍ୟ ଭୁଶୁଡି ପଡିଛି। ପିଲା ସ୍କୁଲ ଯାଉନଥିବା ଜଣାପଡିଛି। ଆଉ କିଛି ଜାଗାରେ ମାଟି ତଳେ ଚାଲିଛି ପାଠପଢା। ୟୁକ୍ରେନର ଖାରକିଭ୍ ହେଉଛି ଦେଶର ଦ୍ୱିତୀୟ ବୃହତ ସହର। ଏଠାକାର ଏକ ସ୍କୁଲର ପ୍ରଧାନଶିକ୍ଷକ ମାକସିମ୍ ଟ୍ରାଇଷ୍ଟାପସନ୍ କହିଛନ୍ତି ଯେ ସେ ଋଷ ସୀମାରୁ ମାତ୍ର ୪୦ କିମି ଦୂରରେ ରହୁଛନ୍ତି। ତାଙ୍କୁ ଛାତ୍ରଛାତ୍ରୀଙ୍କୁ ଦେଖିବା ପାଇଁ ଘର ଛାଡ଼ି ଯିବାକୁ ପଡୁନାହିଁ। ତାଙ୍କ ସ୍କୁଲ ଓଲେକାସଣ୍ଡର୍ ଷ୍ଟେସନ ଭିତରେ ରହିଛି। ତେବେ ଏହି ଷ୍ଟେସନ ବନ୍ଦ ହୋଇ ପଡ଼ିଛି। ଏଠାକୁ କୌଣସି ଟ୍ରେନ୍ ଯିବା ଆସିବା କରୁନାହିଁ। ସେଠାରେ ପ୍ରାୟ ୨ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।

ପ୍ରଧାନଶିକ୍ଷକ କହିଛନ୍ତି ଯେ ଯୁଦ୍ଧ ବିଷୟରେ ଭାବିବାର ଆବଶ୍ୟକତା ନାହିଁ। ସ୍କୁଲଟି ସୁରକ୍ଷିତ ସ୍ଥାନରେ ଅଛି। ସେ କେବଳ ଛାତ୍ରଛାତ୍ରୀଙ୍କ ପାଠପଢା କଥା ଭାବୁଛନ୍ତି। ଏପରିକି ଛାତ୍ରଛାତ୍ରୀମାନେ ମଧ୍ୟ ଏଠାରେ ପଢିବାକୁ ପସନ୍ଦ କରୁଛନ୍ତି। ନିଜ ସହପାଠୀଙ୍କ ସହ କଥାବାର୍ତ୍ତା ଏବଂ ମଜା କରି ପାରୁଥିବା ଛାତ୍ରଛାତ୍ରୀ କହିଛନ୍ତି। ୨୦୨୨ରୁ ୟୁକ୍ରେନରେ ୩୦୦୦ରୁ ଅଧିକ ପ୍ରାପ୍ତବୟସ୍କ ଏବଂ ୧୦୦ରୁ ଅଧିକ ଶିଶୁ ଋଷ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଦିନକୁ ଅନେକ ଥର ଖାରକିଭରେ ଯୁଦ୍ଧ ସାଇରନ୍ ବାଜିଥାଏ। ତେଣୁ ଖାରକିଭର ବଙ୍କରରେ ୧୮ରୁ ଅଧିକ ସ୍କୁଲ ପରିଚାଳିତ ହେଉଛି। ଯେଉଁଥିରେ ୨୦ ହଜାରରୁ ଅଧିକ ପିଲା ପାଠ ପଢୁଛନ୍ତି ଅର୍ଥାତ ମାଟି ତଳେ ସୁରକ୍ଷିତ ଭାବେ ସେମାନଙ୍କ ପାଠପଢା ଚାଲିଛି। ସେମାନଙ୍କୁ ମଧ୍ୟାହ୍ନ ଭୋଜନରେ ପ୍ଲାଷ୍ଟିକ ଟିଫିନରେ ପୃଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି।

## ଭାରତରେ ପହଞ୍ଚିଲା 'ଜଗ୍ ଲାଡକୀ'

● ପହଞ୍ଚିଲା ୮୦ହଜାର ଟନରୁ ଅଧିକ ଅଶୋଧିତ ତେଲ



**ନୂଆଦିଲ୍ଲୀ,୧୯।୩:** ହର୍ମୁଜ ପ୍ରଣାଳୀ ବନ୍ଦ ଯୋଗୁ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଥିବା ବେଳେ ଭାରତୀୟ ଜାହାଜ 'ଜଗ୍ ଲାଡକୀ' ହର୍ମୁଜ ପାର୍ କରି ଆଜି ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି। ଏଥିରେ ୮୦,୮୮୬ ଟନ୍ ଅଶୋଧିତ ତୈଳ ରହିଛି। ଏହାଦ୍ୱାରା ଦେଶରେ କୌଣସି ତୈଳ ଅଭାବ ରହିବ ନାହିଁ ବୋଲି ଆଶା କରାଯାଉଛି। ଏହା ପୂର୍ବରୁ ଦୁଇଟି ତୈଳ ଜାହାଜ ହର୍ମୁଜ ବାଧା ଡେଇଁ ଭାରତରେ ପହଞ୍ଚିଥିଲା। ଜଗ୍ ଲାଡ ତୈଳ ଟ୍ୟାଙ୍କର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଫୁଜୈରା ବନ୍ଦରରୁ ତୈଳ ଆଣି ଆସିଛି। ଏହା ପୂର୍ବରୁ ସୋମବାର ଏଲପିଜି ଟ୍ୟାଙ୍କର ଶିବାଳିକ୍ ମୁନ୍ଦ୍ରାରେ ପହଞ୍ଚିଥିଲା। ନନ୍ଦା ଦେବୀ ଜାହାଜ ବି ପହଞ୍ଚିଥିଲା। ଜଗ୍ ଲାଡକୀ ଜାହାଜ ୨୭୪.୧୯ ମିଟର ଲମ୍ବା। ଯେଉଁ ଦିନ ଫୁଜୈରା ତୈଳ ଟର୍ମିନାଲ ଉପରେ ଇରାନ ଆକ୍ରମଣ କରିଥିଲା, ସେହିଦିନ ହିଁ ଏହି ଜାହାଜରେ ତୈଳ ଭର୍ତ୍ତି ହେଉଥିଲା। ହର୍ମୁଜ ପ୍ରଣାଳୀ ସେପଟେ ଆହୁରି ୨୨ଟି ଭାରତୀୟ ଜାହାଜ ରହିଛି। ଅଧିକାଂଶ ଜାହାଜରେ ତୈଳ ଓ ଗ୍ୟାସ ରହିଛି। ତେବେ ସେଗୁଡ଼ିକ ଏବେ ସୁରକ୍ଷିତ ରହିଥିବା କେନ୍ଦ୍ର ସରକାର କହିଛନ୍ତି। ଜାହାଜଗୁଡ଼ିକରେ ଥିବା ସମସ୍ତ ୬୧୧ କୁ ସଦସ୍ୟ ମଧ୍ୟ ସୁରକ୍ଷିତ ଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ମଧ୍ୟରେ ଅଦ୍ୟାବଧି ୨.୬ ଲକ୍ଷ ଭାରତୀୟ ସ୍ୱଦେଶ ଫେରିଛନ୍ତି।

## ନିର୍ବାଚନ କମିଶନଙ୍କ ଉପରେ ଗର୍ଜିଲେ ମମତା



ଜାରି ହୋଇଛି ଅଘୋଷିତ ଜରୁରିକାଳୀନ ପରିସ୍ଥିତି

**କୋଲକାତା, ୧୯।୩:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗକୁ ଟାର୍ଗେଟ୍ କରି ଅଭୂତପୂର୍ବ ତଥା ଚିନ୍ତାଜନକ ପଦକ୍ଷେପସବୁ ନେଉଛନ୍ତି। ମମତା ବାନାର୍ଜୀ ତାଙ୍କ ଏକ୍ସ ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି ଯେ, ଔପଚାରିକ ନିର୍ବାଚନ ଘୋଷଣା ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟର ୫୦ରୁ ଅଧିକ ବରିଷ୍ଠ ଅଧିକାରୀଙ୍କୁ ଅଚାନକ ବଦଳି କରିଛନ୍ତି। ଏଥିରେ ମୁଖ୍ୟ ସଚିବ, ଗୃହ ସଚିବ, ଡିଜିପି, ଏଡିଜି, ଆଇଜି, ଡିଆଇଜି ଓ ଜିଲ୍ଲା ଅଧିକାରୀ ସାମିଲ। ମମତା ଏହାକୁ ଉଚ୍ଚସ୍ତରୀୟ ରାଜନୈତିକ ହସ୍ତକ୍ଷେପ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ନିରପେକ୍ଷ ରହୁଥିବା ସଂସ୍ଥାଙ୍କୁ ରାଜନୀତିକରଣ କରାଯାଉଛି, ଯାହା ସମ୍ବିଧାନ ଉପରେ ସିଧା ଆକ୍ରମଣ। ଗୋଟିଏ ପଟେ ରାଜ୍ୟରେ ତ୍ରୁଟିପୂର୍ଣ୍ଣ ଏସଆଇଆର ପ୍ରକ୍ରିୟା ଚାଲିଥିବା ବେଳେ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟରେ ୨୦୦ ରୁ ଅଧିକ କର୍ମଚାରୀଙ୍କ ମୃତ୍ୟୁ ହେଲାଣି। ଏଥିରୁ ଆୟୋଗଙ୍କ ଆଭିମୁଖ୍ୟ ପକ୍ଷପାତପୂର୍ଣ୍ଣ ଲାଗୁଛି। ରାଜ୍ୟରେ ଅଦ୍ୟାବଧି ସପ୍ଲିମେଣ୍ଟାରୀ ଭୋଟର ଲିଷ୍ଟ ପ୍ରକାଶ କରାଯାଇନାହିଁ, ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅଣଦେଖା। ଏଣୁ ସାଧାରଣ ନାଗରିକ ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ଥିବା ମମତା କହିଛନ୍ତି।

ମମତା ଅଭିଯୋଗ କରିଛନ୍ତି ଯେ ଆଇବି, ଏସଟିଏଫ ଓ ସିଆଇଡି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଙ୍କ ବରିଷ୍ଠ ଅଧିକାରୀଙ୍କୁ ବାଛି ବାଛି ରାଜ୍ୟରୁ ବାହାରକୁ ପଠାଯାଉଛି, ଯାହା ପ୍ରଶାସନିକ ଢାଞ୍ଚାକୁ ଦୁର୍ବଳ କରିବାକୁ ଉଦ୍ଦିଷ୍ଟ। ଆୟୋଗ ଗୋଟେ ପଟେ କହୁଛନ୍ତି ହଟାଯାଇଥିବା ଅଧିକାରୀଙ୍କୁ ନିର୍ବାଚନ ଡ୍ୟୁଟି ଦିଆଯିବନି, ଅନ୍ୟପଟେ ମାତ୍ର କିଛି ଘଣ୍ଟା ପରେ ସେମାନଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ କରି ବାହାରକୁ ପଠାଇ ଦେଇଥିବା ମମତା ଅଭିଯୋଗ କରିଛନ୍ତି।

## ଆମେରିକାରେ ଖସିଲା ୭ ଟନ୍ ଓଜନର ଉଲ୍କାପିଣ୍ଡ

● ଭୂପୃଷ୍ଠଠାରୁ ୪୮ କିଲୋମିଟର ଉଚ୍ଚରେ ହେଲା ଖଣ୍ଡ ଖଣ୍ଡ



**ନ୍ୟୁୟର୍କ,୧୯।୩:** ପ୍ରତିଦିନ ପୃଥିବୀର ବାୟୁମଣ୍ଡଳରେ ଉଲ୍କାପାତ ହୋଇଥାଏ। ରାତିରେ ଏହା ଉଜ୍ଜ୍ୱଳ ଆଲୋକ ଭାବେ ଦେଖାଯାଏ। ତେବେ ଆମେରିକାର ଓହିଓର କ୍ଲିଭଲ୍ୟାଣ୍ଡରେ ଦିନ ସମୟରେ ଏକ ବଡ଼ ଉଲ୍କାପିଣ୍ଡ ଯୋଗୁ ପ୍ରଚଣ୍ଡ ବିସ୍ଫୋରଣ ଘଟିଛି। କ୍ଲିଭଲ୍ୟାଣ୍ଡଠାରୁ ଶତାଧିକ କିମି ଦୂରରେ ଥିବା ଲୋକେ ମଧ୍ୟ ଏହି ଅଗ୍ନିପିଣ୍ଡୁଳା ଦେଖିଛନ୍ତି। ଆମେରିକୀୟ ଉଲକାପାତ ସୋସାଇଟି କହିଛି ଯେ ପୂର୍ବାହ୍ନ ୯ଟାରେ ୱିସ୍କନସିନରୁ ମେରିଲ୍ୟାଣ୍ଡ ପର୍ଯ୍ୟନ୍ତ ଅଞ୍ଚଳରେ ଉଲକାପାତ ଦେଖାଯିବାର ରିପୋର୍ଟ ମିଳିଛି। ଆମେରିକାର ମହାକାଶ ସଂସ୍ଥା ନାସାର ଉଲ୍କା ପରିବେଶ କାର୍ଯ୍ୟାଳୟ ନିଶ୍ଚିତ କରିଛି,ଏହାର ବ୍ୟାସ ପ୍ରାୟ ୬ ଫୁଟ ଏବଂ ଓଜନ ୭ ଟନ୍ ଥିଲା। ସୂଚନା ଅନୁଯାୟୀ ଉଲ୍କା ଘଣ୍ଟା ପ୍ରତି ପ୍ରାୟ ୭୨,୪୦୦ କିଲୋମିଟର ବେଗରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଉଲ୍କାପିଣ୍ଡଟି ପ୍ରଥମେ ଲୋରେନ୍ ନିକଟରେ ଏରି ହ୍ରଦ ଉପରେ ପ୍ରାୟ ୮୦ କିଲୋମିଟର ଉପରେ ଦେଖାଯାଇଥିଲା। ଏହା ଉପର ବାୟୁମଣ୍ଡଳ ଦେଇ ଗତି କରିବା ସମୟରେ ଦ୍ରୁତ ଗତିରେ ଦକ୍ଷିଣ-ପୂର୍ବମୁହାଁ ହୋଇଥିଲା। ଉଲ୍କାପିଣ୍ଡଟି ଓହିଓରେ ପ୍ରାୟ ୪୮ କିମି ଉପରେ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଏଥିରୁ ନିର୍ଗତ ଶକ୍ତି ଭୟଙ୍କର ଥିଲା। ଏହାର ବିସ୍ଫୋରଣରୁ ୨୫୦ ଟନ୍ ଟିଏନ୍ଟି (ଟ୍ରାଇ ନାଇଟ୍ରୋ ଟୁଲିନ୍) ବିସ୍ଫୋରକ ଭଳି ସମାନ ଶକ୍ତି ନିର୍ଗତ ହୋଇଥିବା ନାସା କହିଛି। ଏହା ଏକ ବଡ଼ ସାମରିକ-ଗ୍ରେଡ୍ ବିସ୍ଫୋରଣ ସହ ସମାନ ଥିଲା। ଏହାର ଉଜ୍ଜ୍ୱଳତା ଏତେ ଶକ୍ତିଶାଳୀ ଥିଲା ଯେ ୱାଶିଂଟନ, ଡିସି ଓ କାନାଡାର ଓଣ୍ଟାରିଓ ସମେତ ଅନ୍ୟୂନ ୧୦ଟି ଆମେରିକୀୟ ରାଜ୍ୟର ଲୋକମାନେ ଏହାକୁ ଦେଖିଥିଲେ।

## ଫିନ୍ଲାଣ୍ଡ ସବୁଠୁ ଖୁସିର ଦେଶ

**ନୂଆଦିଲ୍ଲୀ,୧୯।୩:** ଫିନ୍ଲାଣ୍ଡ ଲଗାତର ଦଶମ ବର୍ଷ ପାଇଁ ବିଶ୍ୱର ସବୁଠୁ ଖୁସି ଦେଶ ଭାବେ ଆଗରେ ରହିଛି। ସଦ୍ୟ ପ୍ରକାଶିତ ୱାର୍ଲ୍ଡ ହାପିନେସ୍ ରିପୋର୍ଟ ଅନୁଯାୟୀ ଇସ୍ରାଏଲ ୮ମ ସ୍ଥାନରେ ରହିଛି। ଆଇସ୍ଲାଣ୍ଡ, ଡେନମାର୍କ, ସ୍ୱିଡେନ ଓ ନରୱେ ମଧ୍ୟ ଶ୍ରେଷ୍ଠ ୧୦ ତାଲିକାରେ ସ୍ଥାନ ପାଇଛନ୍ତି। କୋଷ୍ଟା ରିକା ସମସ୍ତଙ୍କୁ ଚକିତ କରି ୪ ର୍ଥ ସ୍ଥାନରେ ରହିଛି। ୨୦୨୩ରେ ଏହି ଲାଟିନ୍ ଆମେରିକା ଦେଶ ୨୩ତମ



ସ୍ଥାନରେ ଥିଲା। ଭାରତ ଏହି ତାଲିକାରେ ୧୧୬ତମ ସ୍ଥାନରେ ରହିଛି। ଯୁଦ୍ଧରତ ଦେଶ ଇସ୍ରାଏଲ, ଇରାନ (୯୭) ମଧ୍ୟ ଭାରତୀୟଙ୍କଠାରୁ ଭଲ ସ୍ଥିତିରେ ଅଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ୱେଲବିଇଙ୍ଗ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏହି ବାର୍ଷିକ ରିପୋର୍ଟ ପ୍ରକାଶ ପାଇଥାଏ। ସାମଗ୍ରିକ ଖୁସି ୬ଟି ପ୍ରମୁଖ ସୂଚକ ମୁଣ୍ଡପିଛା ଜିଡିପି, ସାମାଜିକ ସମର୍ଥନ, ସୁସ୍ଥ ଜୀବନ କାଳ, ସ୍ୱାଧୀନତା, ଉଦାରତା ଏବଂ ଦୁର୍ନୀତି ପ୍ରତି ଧାରଣାକୁ ଦେଖି ବଛା ଯାଇଥାଏ। ରିପୋର୍ଟ ଅନୁଯାୟୀ, ଭାରତରେ ହାରାହାରି ଜୀବନ କାଳ ମାତ୍ର ୫୮.୨ ବର୍ଷ ରହିଛି। ଭାରତ ତୁଳନାରେ ଇରାନରେ ହାରାହାରି ଆୟୁକାଳ ୬୪ ବର୍ଷ ଓ ଇସ୍ରାଏଲରେ ୭୦.୮ ବର୍ଷ। ସ୍ୱାଧୀନତା ମାପଦଣ୍ଡରେ ଭାରତ ୬୧ରେ ଓ ଦୁର୍ନୀତିରେ ୬୪ରେ ରହିଛି। ଅନ୍ୟପକ୍ଷରେ ପଡ଼ୋଶୀ ପାକିସ୍ତାନ ତାଲିକାରେ ୧୦୪, ବାଂଲାଦେଶ ୧୨୭, ଆଫଗାନିସ୍ତାନ ୧୪୭, ଶ୍ରୀଲଙ୍କା ୯୯ ଓ ନେପାଳ ୧୩୪ରେ ରହିଛନ୍ତି। ଭାରତର ହାରାହାରି ଜୀବନ ମୂଲ୍ୟାଙ୍କନ ସ୍କୋର ୪.୫୩୬ ରହିଛି। ଦେଶ ଅନେକ ମାପଦଣ୍ଡରେ ଖରାପ ପ୍ରଦର୍ଶନ କରିଛି।

# ଏସ୍‌ସିବି ଟ୍ରାଜେଡି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ମିଳିତ ବିରୋଧୀ ଦଳ



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ)**: ଆଜି ସ୍ଥାନୀୟ ସିପିଆଇ(ଏମ୍) ରାଜ୍ୟ କାର୍ଯ୍ୟାଳୟରେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଘଟଣା ନେଇ ମିଳିତ ବିରୋଧୀ ଦଳମାନଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅଘଟଣରେ ୧୪ ଜଣ ନିରୀହ ରୋଗୀଙ୍କ ଜୀବନ ଯାଇଥିବା ବେଳେ ଏନେଇ ବୈଠକରେ ଗଭୀର ଶୋକ ପ୍ରକାଶ କରାଯିବା ସହ ଗୁରୁତର ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଏଥିସହ ଏହି ଅଘଟଣ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ ଏହା ସ୍ପଷ୍ଟ ଭାବେ ସରକାରଙ୍କ ବିଫଳତା ବୋଲି ଅଭିଯୋଗ କରାଯାଇଛି। ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ସରକାର ଓ ହସ୍ପିଟାଲ ପ୍ରଶାସନର ଅପରାଧିକ ଅବହେଳାର ପ୍ରମାଣ ଓ ଏକ 'ବ୍ୟବସ୍ଥାକୃତ ହତ୍ୟା' ବୋଲି ମିଳିତ ବିରୋଧୀ ଦଳର ନେତୃବୃନ୍ଦ ମତ ଦେଇ ତୁରନ୍ତ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେବାକୁ ସେମାନେ ଦାବି କରିଛନ୍ତି। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ଅନ୍ୟୂନ ଏକ କୋଟି ଟଙ୍କାର କ୍ଷତିପୂରଣ ଓ ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି, ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ, ସମସ୍ତ ଆହତଙ୍କ ମାଗଣା ଚିକିତ୍ସା ଓ ସେମାନଙ୍କ ପରିବାରକୁ ଅନ୍ୟୂନ ୫ ଲକ୍ଷ ଟଙ୍କାର ସହାୟତା, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ଘଟଣା ପାଇଁ ଦାୟୀ ସରକାରୀ ଅଧିକାରୀ, କର୍ମଚାରୀ ଓ ବିଦ୍ୟୁତ ଠିକାଦାରଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ, ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର୍ ସେଫ୍ଟି ଓ ସୁରକ୍ଷା ବ୍ୟବସ୍ଥାର ସାମଗ୍ରିକ ଅଡିଟ୍ କରାଯିବା ସକାଶେ ବୈଠକରେ ଦାବି ହୋଇଛି। ଏହିସବୁ ଦାବି ପୂରଣ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ମିଳିତ ଭାବେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବା ସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ନେତାମାନେ କହିଛନ୍ତି।

# ସୁବାସିନୀଙ୍କ ଘର ଆଗରେ ଗର୍ଜିଲା ବିଜୁ ମହିଳା ଜନତା ଦଳ



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ)**: ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ ଅବମାନନା କରି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡିର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ବିଜେବି ନଗର ସ୍ଥିତ ବାସଭବନ ସମ୍ମୁଖରେ ଆଜି ଏକ ପ୍ରତିବାଦ ସଭା ଆୟୋଜନ କରିବା ସହ ତାଙ୍କ ଦଳ ବିରୋଧୀ କାର୍ଯ୍ୟକୁ କଡ଼ା ନିନ୍ଦା କରିଛି ବିଜୁ ମହିଳା ଜନତା ଦଳ।

ଏହି ପ୍ରତିବାଦ ସଭାର ନେତୃତ୍ୱ ନେଇଥିବା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ସୁବାସିନୀ ଜେନା ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳରୁ ଟିକେଟ ପାଇ ନିର୍ବାଚିତ ହୋଇଥିଲେ। ରାଜ୍ୟସଭା ନିର୍ବାଚନ ପୂର୍ବରୁ ସଭାପତିଙ୍କ ନିର୍ଦ୍ଦେଶ ଯାହା ରହିବ, ତାକୁ ମାନିବି ବୋଲି କହୁଥିବା ସୁବାସିନୀ ନିର୍ବାଚନ ଦିନ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜୁ ଜନତା ଦଳ ସହିତ ରହି, ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଦଳ ବିରୋଧୀ କାର୍ଯ୍ୟ କରି ସେ ନବୀନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ ଅର୍ଥ ଲୋଭରେ ସେ ଯେଉଁ ଦଳବିରୋଧୀ କାର୍ଯ୍ୟ କରିଛନ୍ତି, ଯଦି ନୈତିକ ସାହସ ଅଛି, ତେବେ ସେ ତୁରନ୍ତ ବିଧାୟିକା ପଦରୁ ଇସ୍ତଫା ଦିଅନ୍ତୁ ବୋଲି କହିଛନ୍ତି ସ୍ନେହାଙ୍ଗିନୀ।

# ଓଡ଼ିଶା ସିଭିଲ୍ ସର୍ଭିସ ଭଲିବଲ୍ ଟିମ୍‌ର ଦିଲ୍ଲୀ ଗସ୍ତ



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ)**: ଦିଲ୍ଲୀରେ ଆସନ୍ତା ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏଥିରେ ଯୋଗଦେବା ସକାଶେ ଓଡ଼ିଶା ସିଭିଲ୍ ସର୍ଭିସ୍ ଭଲିବଲ୍ ଟିମ୍‌ର ସଦସ୍ୟମାନେ ଆଜି ଦିଲ୍ଲୀ ଯାତ୍ରା କରିଛନ୍ତି। ଏହି ଦଳରେ ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ରହିଛନ୍ତି। କେନ୍ଦ୍ରୀୟ ସିଭିଲ୍ ସର୍ଭିସ୍ ସାଂସ୍କୃତିକ ଓ କ୍ରୀଡ଼ା ବୋର୍ଡ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ସମସ୍ତ ରାଜ୍ୟର ସିଭିଲ୍ ସର୍ଭିସ୍ ଟିମ୍ ଭାଗନେବେ। ଓଡ଼ିଶା ପକ୍ଷରୁ ଟୁର୍ଣ୍ଣାମେଣ୍ଟରେ ଚନ୍ଦନ କୁମାର ମଣ୍ଡଳ, ନାରାୟଣ ଦାସ, ଜଳେନ୍ଦ୍ର କୁମାର ପ୍ରିବକା, ଅକ୍ଷୟ କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ବେହେରା, ଆଶିଷ ବେହେରା, ଜଗନ୍ନାଥ ପ୍ରସାଦ ବଳ, ପାର୍ଥସାରଥି ଜେନା, ରଶ୍ମିରଞ୍ଜନ ଦାସ, ଅବିନାଶ ଜେନା, ବିଚିତ୍ର ପ୍ରଧାନ, ରାଜେଶ ସେନାପତି ଭାଗନେବେ। ଏହି ଦଳରେ ପ୍ରଶିକ୍ଷକ ଭାବେ ପ୍ରକାଶ ଚନ୍ଦ୍ର ରଥ ଓ ମ୍ୟାନେଜର ଭାବେ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ଖେଳାଳିମାନଙ୍କ ସହ ମଧ୍ୟ ଦିଲ୍ଲୀ ଗସ୍ତ କରିଛନ୍ତି। ଆଜି ଭୁବନେଶ୍ୱର ରେଳଷ୍ଟେସନ୍‌ଠାରେ ବରିଷ୍ଠ ଅଧିକାରୀମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ପ୍ରତିଯୋଗିତାରେ ସେମାନଙ୍କର ଉତ୍ତମ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିବା ସକାଶେ ଶୁଭକାମନା ଦେଇଛନ୍ତି।

### ବହଳଦାରେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ମାମଲା

# ଏନ୍‌ଏସ୍‌ସିସି ଅଧ୍ୟକ୍ଷଙ୍କୁ ବିଜେଡିର ସ୍ମାରକପତ୍ର

**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ)**: ଗୁରୁବାର ଜାତୀୟ ଅନୁସୂଚିତ ଜାତି ଆୟୋଗ (ଏନ୍‌ଏସ୍‌ସିସି) ଅଧ୍ୟକ୍ଷଙ୍କୁ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିଛି। ଓଡିଶାର ବିଭିନ୍ନ ଜିଲ୍ଲାରେ ଆଦିବାସୀ ମହିଳା ଓ ନାବାଳିକାଙ୍କ ଉପରେ ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ଅତ୍ୟାଚାର ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିବା ସହ ଏଭଳି ଘଟଣାରେ ପୁଲିସର ନିଷ୍କ୍ରିୟତା ଓ ପ୍ରଶାସନିକ ଅବହେଳାକୁ କଡ଼ା ନିନ୍ଦା କରିଛି ଦଳ।

ଗତ ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଭିଞ୍ଜୁଆ ଗ୍ରାମ, ବହଳଦା ଛକ ନିକଟରେ ଥିବା ତିରିଂ ଥାନାଞ୍ଚଳରେ ଜନୈକା ୧୪ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିଲା, ଯାହାକୁ ନେଇ ସ୍ଥାନୀୟ ଆଦିବାସୀ ସମୁଦାୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପୁଲିସ ନିରୀହ ଆଦିବାସୀଙ୍କ ଉପରେ ଅତ୍ୟାଚାର କରିଥିଲା। ଘଟଣା ଅନୁଯାୟୀ, ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଦାବିରେ ସ୍ଥାନୀୟ ଆଦିବାସୀ ସମୁଦାୟ ପ୍ରତିବାଦ କରି ଥାନା ଘେରିଥିଲେ। ଆଦିବାସୀଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ସେମାନଙ୍କ ଉପରେ ବର୍ବରୋଚିତ ଭାବେ ପୁଲିସ୍ ଲାଠିମାଡ଼ କରିଥିଲା, ଯାହାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ଆଦିବାସୀ ସମୁଦାୟକୁ ସୁରକ୍ଷା, ମର୍ଯ୍ୟାଦା ଓ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବିଜେପି ସରକାର। ବହଳଦା ଘଟଣାରେ ପୁଲିସ ଏଫଆଇଆର୍ ରୁଜୁ କରିବାରେ ବିଳମ୍ବ କରିବା, ଅଭିଯୁକ୍ତକୁ ତୁରନ୍ତ ଗିରଫ ନ କରିବା, ପୀଡ଼ିତାଙ୍କ ସହ ଅସମ୍ବେଦନଶୀଳ ବ୍ୟବହାର କରିବା ଓ ଲୋକଙ୍କ ପ୍ରତିବାଦକୁ ଦମନ କରିବା ଆଦି ପ୍ରସଙ୍ଗରେ ସ୍ମାରକପତ୍ର ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଜେଡି ଜାତୀୟ ଅନୁସୂଚିତ ଜାତି ଆୟୋଗ ଅଧ୍ୟକ୍ଷଙ୍କୁ ନିବେଦନ କରିଛି ଯେ ବହଳଦା ଘଟଣାରେ ପୁଲିସର ନିଷ୍କ୍ରିୟତା ପାଇଁ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛି। ଏହି ଘଟଣାରେ ଜଡ଼ିତ ପୁଲିସ୍ ଅଧିକାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୁପାରିସ୍ ସରିବା ସହ ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା କରିବା ସକାଶେ ଦଳ ପକ୍ଷରୁ ଦାବି ହୋଇଛି। ଏଥିସହ ଦଳ ଉଲ୍ଲେଖ କରିଛି ଯେ ଏବେ ଓଡ଼ିଶାରେ ଯେପରି ଆଇନଶୃଙ୍ଖଳା ସ୍ଥିତି ରହିଛି, ସେଥିରେ ଆଦିବାସୀ ସମୁଦାୟ ଭୟରେ ରହିବା ସହ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

# ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ବାରୁଇପୁରରୁ ଲକ୍ଷାଧିକ ଟଙ୍କା ଉଦ୍ଧାର



**କୋଲକାତା,୧୯।୩(ସଂଚାର ବ୍ୟୁରୋ)**: ନିର୍ବାଚନ ଆଚରଣ ବିଧି ମାର୍ଚ୍ଚ ୧୫ ତାରିଖରେ ଲାଗୁ ହେବାର ମାତ୍ର ତିନି ଦିନ ପରେ, ଲକ୍ଷାଧିକ ଟଙ୍କା ଉଦ୍ଧାର କରାଯାଇଛି। ଏହି ଘଟଣା ବୁଧବାର ଦକ୍ଷିଣ ୨୪ ପ୍ରଗଣାର ବାରୁଇପୁରରେ ଘଟିଛି। ଜୟତଲା ଅଞ୍ଚଳରେ ଏକ ନିୟମିତ ଚେକ୍ ପଏଣ୍ଟ ଯାଞ୍ଚ ସମୟରେ ପୋଲିସ ଜଣେ ମୋଟରସାଇକେଲ ଚାଳକଙ୍କୁ ଅଟକାଇଥିଲା। ତାଙ୍କ ନିକଟରୁ ପ୍ରାୟ ନଅ ଲକ୍ଷ ଟଙ୍କା ଜବତ କରାଯାଇଛି। ଗିରଫ ବ୍ୟକ୍ତି ନାମ ସମଦ ଅଲି ସର୍ଦ୍ଦାର ବୋଲି ଚିହ୍ନଟ କରାଯାଇଛି। ବାରୁଇପୁର ଥାନା ସୂତ୍ର ଅନୁସାରେ, ଅଭିଯୁକ୍ତ ଜୟନଗର ଥାନାର କ୍ଷେତ୍ରାଧିକାର ଅନ୍ତର୍ଗତ ତିଲପି ଅଞ୍ଚଳର। ପୋଲିସ ସୂତ୍ର ଅନୁଯାୟୀ, ଜୟତଲା ଅଞ୍ଚଳରେ ନିୟମିତ ତଲାସୀ କରାଯାଉଥିଲା। ଏହି ଅଭିଯାନ ସମୟରେ ଜଣେ ମୋଟରସାଇକେଲ ଚାଳକ ଅଧିକାରୀମାନଙ୍କୁ ସନ୍ଦେହଜନକ ମନେ ହେଉଥିଲା। ତାଙ୍କୁ ଅଟକାଯାଇଥିଲା ଏବଂ ତାଙ୍କ ମୋଟରସାଇକେଲ ଯାଞ୍ଚ କରିବା ପରେ ନଅ ଲକ୍ଷ ଟଙ୍କା ଥିବା ଏକ ବ୍ୟାଗ ମିଳିଥିଲା। ପୋଲିସ ଦାବି କରିଛି ଯେ ମୋଟରସାଇକେଲ ଚାଳକ ତିଲପିରୁ କୁହାଲି ଅଭିମୁଖେ ଯାତ୍ରା କରୁଥିଲେ। ଉଦ୍ଧାର ହୋଇଥିବା ପାଣ୍ଠିର ଉତ୍ସ ଜାଣିବା ପାଇଁ ତଦନ୍ତ ଆରମ୍ଭ କରାଯାଇଛି। ଗିରଫ ବ୍ୟକ୍ତିଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି।

# ପରିତ୍ୟକ୍ତ ଘରେ ବଡ଼ ବିସ୍ଫୋରଣ, ସ୍ଥାନୀୟ ବାସିନ୍ଦାଙ୍କ ବୋମା ତିଆରି ଅଭିଯୋଗ

**କୋଲକାତା,୧୯।୩(ସଂଚାର ବ୍ୟୁରୋ)**: ଭାଙ୍ଗଡ଼ର ଚାଲତାବେଡିଆ ଅଞ୍ଚଳର ପାଇକପଡାର ସ୍ମୃତି ପୁଣି ଥରେ ଉଭା ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଦକ୍ଷିଣ ବାମୁନିଆ, ଚାଲତାବେଡିଆ ଗ୍ରାମର ଏକ ପରିତ୍ୟକ୍ତ କୋଠରୀ ଭିତରେ ବୋମା ତିଆରି ଚାଲିଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଘଟଣାଟି ବୁଧବାର ବିଳମ୍ବିତ ରାତିରେ ଘଟିଥିଲା। କିନ୍ତୁ ରାତିର ଅନ୍ଧାର ମଧ୍ୟରେ ଜୋରଦାର ବିସ୍ଫୋରଣ ଶୁଣିବା ସତ୍ତ୍ୱେ ସ୍ଥାନୀୟ ବାସିନ୍ଦାମାନେ ଘଟଣାସ୍ଥଳକୁ ଯିବାରୁ ନିବୃତ୍ତ ରହିଥିଲେ। ପରବର୍ତ୍ତୀ ସମୟରେ, ଗୁରୁବାର ସକାଳେ ଆଇଏସ୍‌ଏଫ୍‌ର ପ୍ରତିନିଧିତ୍ୱ କରୁଥିବା ପଞ୍ଚାୟତ ସଦସ୍ୟ ଅବୁଲ ଖୟର ମୋଲ୍ଲା ଘଟଣାସ୍ଥଳ ପରିଦର୍ଶନ କରିବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ବାଧା ଦିଆଯାଇଥିଲା। ତାଙ୍କ ଉପରେ ଶାରୀରିକ ଆକ୍ରମଣ ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି। ପଞ୍ଚାୟତ ସଦସ୍ୟ ଦାବି କରିଛନ୍ତି ଯେ ଏକକାଳୀନ ଚାରୋଟି ବୋମା ବିସ୍ଫୋରଣ ହୋଇଥିଲା।

### ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

# ନିଜ ସଂସ୍କୃତି ଓ ଭାଷାକୁ ସମ୍ମାନ ଦେବାକୁ ଆହ୍ୱାନ



**ସମ୍ବଲପୁର,୧୯।୩(ସଂଚାର ବ୍ୟୁରୋ)**: ପ୍ରକୃତିର ନୂତନ ରୂପ ସହ ଆରମ୍ଭ ହେଉଥିବା ରାଷ୍ଟ୍ରୀୟ ନବବର୍ଷ ଆମକୁ ଗୌରବଶାଳୀ ଇତିହାସର ସ୍ମୃତି କରାଇଥାଏ। ଯେତେବେଳେ ସମାଜ ନିଜର ସଂସ୍କୃତିକୁ ସମ୍ମାନ ଦିଏ, ସେତେବେଳେ ରାଷ୍ଟ୍ର ପରମ ବୈଭବକୁ ପ୍ରାପ୍ତ ହୁଏ। ତେଣୁ ସବୁବେଳେ ନିଜର ସଭ୍ୟତା, ସଂସ୍କୃତି ଓ ଭାଷାକୁ ସମ୍ମାନ ଦେବା ପାଇଁ ଯୁବ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

'ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପ ଠାରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଡ଼ିଓ ବାର୍ତ୍ତା ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଦିନଟି କେବଳ ଏକ ତାରିଖ ପରିବର୍ତ୍ତନର ଦିନ ନୁହେଁ, ଏହା ହେଉଛି ଆମର ସଭ୍ୟତା, ସଂସ୍କୃତି ଏବଂ ମୂଲ୍ୟବୋଧର ପୁନର୍ଜାଗରଣର ଦିନ। ବସନ୍ତ ଋତୁର ଆରମ୍ଭରେ ଯେତେବେଳେ ପ୍ରକୃତି ନୂଆ ରୂପ ଧାରଣ କରେ, ସେତେବେଳେ ଆମର ଏହି ନୂତନ ବର୍ଷ ଆରମ୍ଭ ହୁଏ। ଏହି ପବିତ୍ର ଦିନ ଆମକୁ ମନେ ପକାଇଦିଏ - ଆମର ଇତିହାସ କେତେ ପ୍ରାଚୀନ ଓ ଗୌରବଶାଳୀ। ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆମର ଯୁବପିଢ଼ିକୁ ନିଜର ମୂଳ ଶେର ସହ ଯୋଡ଼ିବାର ଏକ ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ସେ ଅଭିହିତ କରିଛନ୍ତି।

ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଶ୍ରୀ ପ୍ରଧାନ ସମ୍ବଲପୁରର ମାଟିରୁ ଅନେକ ସଂକଳ୍ପ' ନେବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି। ସେଗୁଡିକ ହେଉଛି, ନିଜର ସଂସ୍କୃତି, ସଭ୍ୟତା ଓ ଭାଷାକୁ ସମ୍ମାନ ଦେବା, ବ୍ୟାପକ ଚାରାରୋପଣ ସହ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା, ଜାତି, ଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରଖିବା, ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଞ୍ଚାଇବା ପାଇଁ ସାମୂହିକ ଦାୟିତ୍ୱ ନେବା ଓ ଦେଶର ପ୍ରଗତି ପାଇଁ ନିଜ ନିଜ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବା। ମା' ସମଲେଇଙ୍କ ନିକଟରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରରୁ ଆରମ୍ଭ ହୋଇଥିବା ଏହି ସଂକଳ୍ପ ସମଗ୍ର ଓଡ଼ିଶା ଓ ଭାରତବର୍ଷରେ ଏକ ନୂତନ ଚେତନା ସୃଷ୍ଟି କରିବ।

# ବିଜେପି ପ୍ରାର୍ଥୀଙ୍କୁ ନେଇ ଦଳୀୟ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ



**କୋଲକାତା,୧୯।୩(ସଂଚାର ବ୍ୟୁରୋ)**: ଆଲିପୁରଦୁଆରରେ ବିଜେପି ପ୍ରାର୍ଥୀ ପରିତୋଷ ଦାସଙ୍କୁ ନେଇ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ତୀବ୍ର ହୋଇଛି। ଗୁରୁବାର, କର୍ମୀ ଏବଂ ସମର୍ଥକମାନେ ପୁଣି ଥରେ ଦଳର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ପ୍ରାର୍ଥୀ ପରିବର୍ତ୍ତନ ଦାବି କରି ଜୋରଦାର ପ୍ରତିବାଦ କରିଥିଲେ। ସେମାନେ ଚୟନ ବିରୋଧରେ ମଧ୍ୟ ପ୍ରଦର୍ଶନ କରିଛନ୍ତି। ଧାରଣା ଏବଂ ପ୍ରତିବାଦ ସମୟରେ, ଅସନ୍ତୁଷ୍ଟ ଦଳୀୟ କର୍ମୀମାନେ ନିରନ୍ତର ସ୍ଲୋଗାନ ଦେଇ ଘୋଷଣା କରିଛନ୍ତି 'ଆମେ ପ୍ରାର୍ଥୀ ପରିତୋଷଙ୍କୁ ଗ୍ରହଣ କରୁନାହୁଁ, ଏବଂ ଆମେ କେବେ ଗ୍ରହଣ କରିବୁ ନାହିଁ!' ସେମାନେ ଜାଣିବାକୁ ଦାବି କରିଛନ୍ତି 'କାହା ସ୍ୱାର୍ଥରେ ପରିତୋଷ ଦାସଙ୍କୁ ପ୍ରାର୍ଥୀ ଭାବରେ ମନୋନୀତ କରାଯାଇଛି? ବିଧାୟକ ଦୀପକ ବର୍ମନ, ସାଂସଦ ମନୋଜ ଟିଗ୍ଗା ଆମକୁ ଉତ୍ତର ଦିଅନ୍ତୁ!' ସେମାନଙ୍କର ଏକମାତ୍ର ଦାବି 'ଗୋଟିଏ ଦଫା, ଜଣେ ପ୍ରାର୍ଥୀ' ପରିତୋଷ ଦାସଙ୍କୁ ତୁରନ୍ତ ବଦଳାଇବାକୁ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱରରେ...

ଉପସଭାପତି ତଥା ପୂର୍ବତନ ଏଏଫ୍ଆଇ ସଭାପତି ଆଦିଲ୍ ସୁମାରିୱାଲା ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା ୨୦୨୮ରେ ଅନୁଷ୍ଠିତ ହେବାକୁ ଥିବା ଏହି ୱାର୍ଲ୍ଡ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ବଛାଯାଇଛି। ଗତ ଜାନୁଆରୀରେ ୱାର୍ଲ୍ଡ ଆଥଲେଟିକ୍ସର ଦୁଇ ଜଣ ସଦସ୍ୟ କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନରେ ଆସିଥିଲେ। ସେମାନେ ଏଠାରେ ଥିବା ଇନ୍‌ଡୋର ଷ୍ଟାଡିୟମର ସୁବିଧା ସୁଯୋଗ ଦେଖିଥିଲେ। କଳିଙ୍ଗ ଷ୍ଟାଡିୟମର ଇନ୍‌ଡୋର ଷ୍ଟାଡିୟମରେ ଖେଳାଳିଙ୍କ ପାଇଁ ଥିବା ଉଚ୍ଚକୋଟିର ସୁବିଧାସୁଯୋଗ ଓ ସରଞ୍ଜାମ ସେମାନଙ୍କୁ ଉତ୍ସାହିତ କରିଥିଲା। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସୋସିଆଲ ମିଡିଆ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି।

## ବଢ଼ିଲା ...

ନିୟମାବଳୀ ଅନୁଯାୟୀ, ଏବେ ଅନେକ କ୍ଷେତ୍ରରେ କ୍ୟାବିନେଟ ବା ମନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷା ନ କରି ବିଭାଗୀୟ ସଚିବ ଓ ଜିଲ୍ଲାପାଳମାନେ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିପାରିବେ। ନୂତନ ନିୟମ ଅନୁସାରେ, ପ୍ରଶାସନିକ ବିଭାଗର ସଚିବମାନଙ୍କୁ ଆନୁଷଙ୍ଗିକ ଖର୍ଚ୍ଚ କ୍ଷେତ୍ରରେ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି। ସେହିପରି ଦ୍ରବ୍ୟ କ୍ରୟ କ୍ଷେତ୍ରରେ ବିଭାଗୀୟ ମୁଖ୍ୟମାନେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଓ ସଚିବମାନେ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ମଞ୍ଜୁର କରିପାରିବେ। ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ କ୍ରୟ କିମ୍ବା ପରାମର୍ଶଦାତା ସେବା ନିଯୁକ୍ତି ପାଇଁ କ୍ୟାବିନେଟ୍ ମଞ୍ଜୁରୀକୁ ବାଧ୍ୟତାମୂଳକ କରାଯାଇଛି।

ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇ ଜଳସମ୍ପଦ, ପୂର୍ତ୍ତ ଏବଂ ଶକ୍ତି ଭଳି ବିଭାଗଗୁଡ଼ିକୁ ଯୋଗାଯୋଗ, ଜଳସେଚନ ଓ ବିଦ୍ୟୁତ ପ୍ରକଳ୍ପ ପାଇଁ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ପ୍ରଦାନ କରାଯାଇଛି। ଜିଲ୍ଲା ସ୍ତରରେ ଜିଲ୍ଲାପାଳମାନଙ୍କୁ ମଧ୍ୟ ଅଧିକ ଶକ୍ତିଶାଳୀ କରାଯାଇଛି। ଏବେ ଜିଲ୍ଲାପାଳମାନେ ଅଣଆବାସିକ ଗୃହ ନିର୍ମାଣ ପାଇଁ ୮ କୋଟି ଓ ପାନୀୟ ଜଳ ପ୍ରକଳ୍ପ ପାଇଁ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ଅନୁମୋଦନ କରିପାରିବେ। ଏହି ପରିବର୍ତ୍ତନ ଫଳରେ ସରକାରୀ ସେବା ପ୍ରଦାନ ପ୍ରକ୍ରିୟା ଅଧିକ ସହଜ ଓ ତ୍ୱରାନ୍ୱିତ ହେବ ବୋଲି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର କହିଛନ୍ତି।

## ଅଣଓଡ଼ିଆ...

ଲାଭ କରିଛି। ରାଜୀବ ଭବନ ଥିଲା ଅଣଓଡ଼ିଆ ଠିକାଦାରଙ୍କ ଆତ୍ମାସ୍ଥଳୀ। ଖାଲି କାଗଜପତ୍ରରେ ଜଳସେଚନ କାମ ଚାଲିଥିଲା। ଏ କଥା ପ୍ରମାଣିତ କରିବା ପାଇଁ ବେଶୀ କିଛି କଷ୍ଟ କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ କେନାଲ ହେଉ କି ତାଳଦଣ୍ଡା ଅବା ରେଙ୍ଗାଲୀ, ଯେଉଁ ବିଧାୟକ-ବିଧାୟିକାମାନେ ଏହିସବୁ କେନାଲର ତଳ ମୁଣ୍ଡରୁ ଆସିଥିବେ, ସେମାନେ ଜାଣିପାରୁଥିବେ ସେତେବେଳର ସ୍ଥିତି ଓ ଏବର ସ୍ଥିତିରେ ଥିବା ଫରକ୍। ତଳମୁଣ୍ଡର ଚାଷୀ ଏହିସବୁ କେନାଲରେ ପାଣି ବଦଳରେ କେବଳ ପବନ ପାଉଥିଲେ। ଗତ ପ୍ରାୟ ଦୁଇ ବର୍ଷରେ ଏହି ଠିକାଦାର-ରାଜକୁ ଶେଷ କରି ଏକ ସ୍ୱଚ୍ଛ, ପାରଦର୍ଶୀ ଓ ଦକ୍ଷ ବ୍ୟବସ୍ଥାରେ ରାଜ୍ୟର ଚାଷୀକୁଳକୁ ଜଳସେଚନ ସୁବିଧା ପ୍ରଦାନ କରିବାରେ ସରକାର ସଫଳ ହୋଇଥିବା ସେ କହିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ୨୦୦୬ରେ ଘୋଷଣା କରିଥିଲେ ଯେ ରାଜ୍ୟର ୩୫ ପ୍ରତିଶତ ଚାଷ ଜମିକୁ ଜଳସେଚନ ଯୋଗାଇଦେବେ। ପରେ ୨୦୦୮ରେ ଘୋଷଣା କଲେ, ବ୍ଲକ ନୁହେଁ, ପ୍ରତି ଗାଁରେ ଥିବା ଚାଷ ଜମିକୁ ଅନ୍ତତଃ ପକ୍ଷେ ୩୫ ପ୍ରତିଶତ ଜମିକୁ ଜଳସେଚନ ଯୋଗାଇଦେବେ। କିନ୍ତୁ ଆଜି ବି ରାଜ୍ୟର ୨୫ଟି ବ୍ଲକ ଚାଷ ପାଇଁ ପାଣି ଟିକେ ପାଇଲେ ନାହିଁ। ଯେପରି ୨୪ ବର୍ଷର ଶାସନ କାଳରେ ସବୁ ଗାଁକୁ ଶୁଦ୍ଧ ପିଇବା ପାଣି ଟିକେ ଦେଇପାରିଲେ ନାହିଁ, ସେହିପରି ସବୁ ବ୍ଲକକୁ ଜଳସେଚନ ବି ଦେଇପାରିଲେ ନାହିଁ। ୨୪ ବର୍ଷର ସରକାର ଦେଇଥିବା ପ୍ରତିଶ୍ରୁତି ୩୫ ପ୍ରତିଶତ ଜମିକୁ ଜଳସେଚନର ଧୂଆଁ ବାଣକୁ ବିଜେପି ସରକାର ସତରେ ପରିଣତ କରିବ। ବିରୋଧୀ ଦଳ ଶବ ଉପରେ ଶୋଭାଯାତ୍ରା କରି ପୀଡ଼ିତଙ୍କୁ ପରିହାସ କରନ୍ତୁ, ଆମେ ଲୋକଙ୍କ ପାଇଁ କାମ କରି ତାଙ୍କ ଲୁହ ପୋଛିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନିୟମିତ ବୃଷ୍ଟିପାତ, ଜଳସେଚନ ଓ ଘରୋଇ ତଥା ଶିଳ୍ପ କ୍ଷେତ୍ରରେ ବର୍ଦ୍ଧିତ ଜଳ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରବାହିତ ନଦୀମାନଙ୍କର ସଂଯୋଗୀକରଣ ନିମନ୍ତେ ସରକାର ୧ ହଜାର ୭୯୦ କୋଟି ଟଙ୍କା ବ୍ୟୟ ବରାଦରେ 'ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା' ମଧ୍ୟ ପ୍ରଣୟନ କରିଛନ୍ତି। ଯାହା ୫ ବର୍ଷ ଅର୍ଥାତ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି।

## ମୋ...

ଚାଲିଯିବାର ନାଟକବାଜି କରିବାର କିଛି ଅର୍ଥ ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ପୂର୍ବରୁ ବିଧାନସଭା ଠିକ ଭାବେ ଆସନ୍ତି ନାହିଁ, କିନ୍ତୁ ଏବେ ପ୍ରତ୍ୟେକ ଦିନ ଆସୁଛନ୍ତି। ଯାହା ହେଉ ଖୁସି ଲାଗୁଛି ଯେ ମୋ ପାଇଁ ହେଉ ପଛେ ବିରୋଧୀ ଦଳ ନେତା ଗୃହକୁ ଆସୁଛନ୍ତି। ବିଧାନସଭାରେ ବିରୋଧୀ ଆସି ଆଲୋଚନା କରନ୍ତୁ ନଚେତ ଲୋକେ କ୍ଷମା କରିବେ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି।

## ଖୁବଶୀଘ୍ର...

ତେବେ କିଛି ଦିନ ପୂର୍ବରୁ ଓଡ଼ିଶା ଗସ୍ତରେ ଆସିଥିବା ଗୃହମନ୍ତ୍ରୀଙ୍କ ସହ ସେ ମହାନଦୀ ଜଳ ବିବାଦର ସମାଧାନ ନେଇ ଆଲୋଚନା କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଖୁବଶୀଘ୍ର ଏହି ବିବାଦର ସମାଧାନ ହେବ। ମହାନଦୀ ଜଳ ବିବାଦ ଏବେ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ତେଣୁ ସେ ବାବଦରେ ଗୃହରେ ଆଲୋଚନା ମୁଁ କରୁନାହିଁ। ହେଲେ ସରକାର ଏ ବିବାଦର ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ। ପୂର୍ବ ସରକାର କହୁଥିଲେ, ଛତିଶଗଡ଼ ଯେତେ ବ୍ୟାରେଜ କଲେ ମଧ୍ୟ କୌଣସି ସମସ୍ୟା ହେବ ନାହିଁ। ହେଲେ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ...

ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ସାରଦା ଜେନା, ରୋହିତ ଜୋସେଫ ତିର୍କୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଧବ ଧଡ଼ା ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବା ବେଳେ ତାଙ୍କୁ ସୁରକ୍ଷା କର୍ମୀମାନେ ବାଧା ଦେଇଥିଲେ। ହୋହାଲ୍ଲା ମଧ୍ୟରେ ବିଜେପିର ପ୍ରାୟ ୧୨ ଜଣ ବିଧାୟକ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଶୂନ୍ୟକାଳରେ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ବିଜେପି ବିଧାୟକମାନେ ବିରୋଧୀ ଦଳର ପ୍ରତିବାଦ ଓ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଘଟଣାକୁ ନିନ୍ଦା କରିଥିଲେ। ବିଜେପି ବିଧାୟକ ରୁପୁ ଭତ୍ରା, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଭାସ୍କର ମଢ଼େଇ, ପୂର୍ଣ୍ଣ ଚନ୍ଦ୍ର ସେଠୀ, ଦୁଷ୍ମନ୍ତ ସ୍ୱାଇଁ, ସନାତନ ବିଜୁଳି ପ୍ରମୁଖ କହିଥିଲେ ଯେ ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଆଲୋଚନା ପାଇଁ ଆଶା ରଖିଛନ୍ତି। ସରକାର ଏସସିବି ହସ୍ପିଟାଲ ଅଘଟଣ ଘଟିବା ପରେ ତତ୍ପରତା ଦେଖାଇଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛନ୍ତି। ୪ ଜଣଙ୍କୁ ନିଲମ୍ବନ କରାଯାଇଛି। ତଦନ୍ତ ଚାଲିଛି, ତଥାପି ବିରୋଧୀ ଦଳର ବିଧାୟକମାନେ ଗୃହ ଚଳାଇ ଦେଉନାହାନ୍ତି, ଏହା ଦୁର୍ଭାଗ୍ୟଜନକ। ଲୋକଙ୍କ ଟିକସ ଅର୍ଥରେ ଗୃହ ଚାଲୁଛି।

ସ୍ଥିତି ସ୍ୱାଭାବିକ କରିବା ଲାଗି ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୫୬ରେ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ। କିନ୍ତୁ ସର୍ବଦଳୀୟ ବୈଠକରୁ କୌଣସି ସୁଫଳ ମିଳୁନଥିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନ ଅଧିବେଶନରେ ମଧ୍ୟ ବିରୋଧୀ ହଙ୍ଗାମା ଜାରି ରଖିଥିଲେ। ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିଲା। ଏଭିତରେ ବିଜେଡି ଓ କଂଗ୍ରେସ ଗୃହ ପରିତ୍ୟାଗ କରିଥିଲେ। ବିରୋଧୀ ଗୃହ ଛାଡ଼ିବା ପରେ ଖର୍ଚ୍ଚଦାବି ଗୃହୀତ ହୋଇଥିଲା।

## ଲୋକଙ୍କ...

କରିଥିଲେ। ଏଥିସହ ହିଟ୍ ୱେଭ୍ ପ୍ରସଙ୍ଗର ଗୁରୁତ୍ୱ ଉପଲବ୍ଧି କରି ରାଜସ୍ୱ ମନ୍ତ୍ରୀ ଜନସାଧାରଣଙ୍କ ସୁରକ୍ଷା ଏବଂ ତ୍ୱରିତ ସମସ୍ୟା ସମାଧାନ ପାଇଁ ନିଜ ନିଜ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିବା ସହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ପ୍ରଶାସନକୁ ସହଯୋଗ ଯୋଗାଇ ଦିଆଯିବ ବୋଲି ସ୍ପଷ୍ଟ କରିଥିଲେ। ବୈଠକରେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଶ୍ରମିକ ତଥା ଅନ୍ୟ ଶାରୀରିକ କାର୍ଯ୍ୟରେ ନିୟୋଜିତ ରହୁଥିବା ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ଅର୍ଥାତ୍ ପୂର୍ବାହ୍ନ ୧୧ରୁ ୩ଟା ଯାଏଁ କୌଣସି ବି ନିର୍ମାଣ ଆଦି ଶାରୀରିକ କାର୍ଯ୍ୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିରେ ଖିଲାପ କରି ଶ୍ରମିକ ବା ସାଧାରଣ ଲୋକଙ୍କୁ କାମରେ ଲଗାଉଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖରାଦିନେ ବିଦ୍ୟୁତ୍ କାଟ ନିୟମିତ ସମସ୍ୟା ସୃଷ୍ଟି କରୁଥିବାରୁ ଏନେଇ ଶକ୍ତି ବିଭାଗ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯିବା ସହ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବାକୁ ଅଧିକ ଶକ୍ତି ସଂରକ୍ଷଣ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ଲୋକେ ଫୋନ୍ କରି ହେଲ୍ପଲାଇନ୍ ନମ୍ବରରେ ଶକ୍ତି ବିଭାଗ ସହ ଯୋଗାଯୋଗ କରିବାକୁ ଚାହିଁଲେ ବିଭାଗ ପକ୍ଷରୁ ସେମାନଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣି ଆଶ୍ୱାସନା ଦେଇ ସମସ୍ୟାର ସମାଧାନ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ତାଗିଦ କରିଛନ୍ତି। ଝାରସୁଗୁଡ଼ା, ବ୍ରଜରାଜନଗର, ଅନୁଗୁଳ, ତାଳଚେର ଆଦି ଅଞ୍ଚଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଧିକ ପ୍ରଭାବିତ ହେଉଥିବା ଯୋଗୁଁ ସେସବୁ ଅଞ୍ଚଳରେ ବିଶେଷ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ଖଣି ଅଞ୍ଚଳ ଓ କଳକାରଖାନାମାନଙ୍କରେ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ସହ କୁଲିଂ ସେଲଟର୍ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଉପମୁଖ୍ୟମନ୍ତ୍ରୀଙ୍କ...

କରିବା ସକାଶେ ନିର୍ଦ୍ଦେଶ ଦେଲେ। ହେଲେ କମ୍ପାନୀ ଅଧିକାରୀମାନେ ଉପଭୋକ୍ତା ଜଣଙ୍କ କାହିଁକି ଶକ୍ତି ମନ୍ତ୍ରୀଙ୍କୁ ପାଖକୁ ଏହି ସମସ୍ୟା ନେଲେ, ସେଥିପାଇଁ ଉଦ୍ଦେଶ୍ୟମୂଳକ ଭାବେ ସବୁ ବିଦ୍ୟାବୁଦ୍ଧି ଖଟାଇ ତାଙ୍କ ଅଭିଯୋଗକୁ ମିଛ ପ୍ରମାଣିତ କରିବାକୁ ଲାଗିପଡ଼ିଛନ୍ତି। ଏପରିକି କାହିଁକି ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କଲ ବୋଲି ମଧ୍ୟ ଉପଭୋକ୍ତାଙ୍କୁ ନାଲିଆଖି ଦେଖାଉଛନ୍ତି। ରାଜ୍ୟରେ ପ୍ରତିଦିନ ଏମିତି ଶହ ଶହ ଘଟଣା ଘଟୁଛି। ହେଲେ ସରକାରଙ୍କ ଦୃଷ୍ଟିକୁ ଆସିପାରୁନି। ଆଉ ଯେଉଁଠି ଉପଭୋକ୍ତା ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ସୁଯୋଗ ପାଇଲେ, ସେଠି ସେମାନଙ୍କୁ ରୋଷର ଶିକାର ହେବାକୁ ପଡୁଛି। ତେବେ ଶକ୍ତିମନ୍ତ୍ରୀ ସମ୍ପୃକ୍ତ ଉପଭୋକ୍ତାଙ୍କୁ ନ୍ୟାୟ ଦେଉଛନ୍ତି ନା ଟାଟା ପାୱାର ଚାପରେ ଚେପା ହୋଇଯାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ପଦ୍ମ...

ପ୍ରଭାବିତ କରି ସେଥିରୁ ନିଜ ନାଁକୁ କାଟି ନବୀନ-ପାଣ୍ଡିଆନଙ୍କୁ ବଦନାମ ପାଇଁ ରାସ୍ତା ସଫା କରୁଥିଲେ।

୨୦୨୪ ନିର୍ବାଚନରେ ପରାଜୟ ପରେ ଦଳରେ କୋଣଠେସା ହେବାରୁ ବବି ଏବେ ବିଜେପିମୁହାଁ ହୋଇଛନ୍ତି। ଏଥିରେ ତାଙ୍କର ନିକଟ ସମ୍ପର୍କୀୟମାନେ ଯୋଗାଯୋଗ ରକ୍ଷା କରୁଛନ୍ତି। ଏହି ଆଲୋଚନା ଅନୁଯାୟୀ, ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିଜେପିର ଚାଣକ୍ୟ କୁହାଯାଉଥିବା ଅମିତ ଶାହଙ୍କୁ ଭେଟିବା ପାଇଁ ବବି ହଠାତ୍ ମୁମ୍ବାଇ ଗସ୍ତ କରିଥିଲେ। ଭେଟ୍‌ଘାଟର ସବୁକିଛି ଆୟୋଜନ ହୋଇଥିବା ବେଳେ ବବିଙ୍କ ଚରିତ୍ର ସମ୍ପର୍କରେ ସୁରାକ ପାଇବା ପରେ ଶ୍ରୀ ଶାହ ତାଙ୍କୁ ଦେଖା ଦେଇନଥିଲେ। ତଥାପି ପଦ୍ମ ଧରିବା ପାଇଁ ଏବେ ବି ସେ ଭିତିରିଆ ଉଦ୍ୟମ ଚଳାଇଛନ୍ତି। ଏହାର କାରଣ ତାଙ୍କର ବିଶାଳ ବ୍ୟାବସାୟିକ ସାମ୍ରାଜ୍ୟ ବୋଲି କୁହାଯାଉଛି।

ଏହାଛଡ଼ା ଗତ ସାଧାରଣ ନିର୍ବାଚନରେ ବବି ବିଭୀଷଣ ହୋଇ ବିଜେଡିର ଅନେକ ବିଜୟଯୋଗ୍ୟ ପ୍ରାର୍ଥୀଙ୍କୁ ହରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୯୫ ମସିହାରେ ଯେଉଁ ଷ୍ଟାଇଲରେ ବିଜୁବାବୁ କ୍ଷମତାରୁ ଯାଇଥିଲେ, ଠିକ୍ ସେହି ଷ୍ଟାଇଲରେ ଅନେକ ସ୍ଥାନରେ ନିଜର ଦଳୀୟ ପ୍ରାର୍ଥୀଙ୍କୁ ହରାଇ ବବି ନବୀନଙ୍କୁ କ୍ଷମତାରୁ ହଟାଇଦେଲେ ବୋଲି କୁହାଯାଉଛି। ଏହା ପଛରେ ଆଞ୍ଚଳିକ ଦଳ ଗଠନରେ ମାତିଥିବା କିଛି ନେତାଙ୍କ ବୁଦ୍ଧି ଥିବା ବଳେ ଦଳର ଅନ୍ୟତମ ଚାଣକ୍ୟ ଭିକେ ପାଣ୍ଡିଆନ ବି ଏହାର ସୁରାକ ପାଇପାରି ନ ଥିଲେ।

## କୁହାଳିଆଙ୍କୁ...

ସେ ଏହି ପ୍ରସଙ୍ଗ ଉଠାଇ ସଭାପତିଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଥିଲେ, ସେଦିନ ସଭାପତି ଏହାକୁ 'ବୁଲସିଟ୍' କହି ଉଡ଼ାଇଦେଇଥିଲେ। ହେଲେ ସପ୍ତାହେ ପରେ ଯେତେବେଳେ ବିଧାନସଭାରେ କଥା ଉଠିଲା, ନିଜେ ନବୀନ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଲେ। ଆଉ କହିଲେ ସେ ନିଜେ ଦିଲ୍ଲୀର କିଛି ଆଇନଜୀବୀ ଓ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ସହ କଥା ହୋଇ ବିଜୁବାବୁଙ୍କ ନାଁରେ ଏହି ଟ୍ରଷ୍ଟ ଗଠନ କରିଛନ୍ତି। ନବୀନ ସ୍ପଷ୍ଟୀକରଣ ଦେବା ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ବିଜେଡିର ବରିଷ୍ଠ ନେତା ପ୍ରମିଳା ମଲ୍ଲିକ, ଗୌତମବୁଦ୍ଧ ଦାସ, ସାରଦା ଜେନାଙ୍କ ପର୍ଯ୍ୟନ୍ତ ଅନେକ ନେତା ଏହାକୁ ମିଛ ଅପପ୍ରଚାର ବୋଲି କହିଆସୁଥିଲେ। ଏବେ ସେମାନେ ଏହି ପ୍ରସଙ୍ଗରେ ମିଡିଆକୁ ମୁହଁ ଲୁଚେଇ ବୁଲୁଛନ୍ତି।

## ଗୋପ ଲୋକ ଉତ୍ସବ ଉଦ୍‌ଘାଟିତ



ଗୋପ,୧୯।୩ (ସଂଚାର ବ୍ୟୁରୋ): ଗୋପ ସାଗର ସ୍ନାନ ମେଳଣ ବା ଗୋପ ଲୋକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ମେଳଣପଡ଼ିଆରେ ଥିବା ସୁଭଦ୍ରା ମେଳାକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଯଦିଓ ପୂର୍ବନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ କୌଣସି ସମ୍ମାନିତ ଅତିଥି ଯୋଗ ଦେଇଥିଲେ କିନ୍ତୁ କାମଚଳା ପାଇଁ ପାଖରେ ଥିବା ଅନୁଗାମୀଙ୍କୁ ମଞ୍ଚାସୀନ କରାଯାଇଥିଲା। ଆଉ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରୋଟୋକଲକୁ ଆଉ ଗୁରୁତ୍ୱ ଦିଆଯାଇନଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ଉଦଘାଟନ ଉତ୍ସବରେ ଶ୍ରୀମତୀ ମୁଖ୍ୟ ଅତିଥି ଥିବାବେଳେ ସମ୍ମାନିତ ଅତିଥି ଭାବେ ପୁରୀ ସଦର ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଜିଲ୍ଲାପାଳ ପୁରୀ ଓ ଆରକ୍ଷୀ ଅଧିକ୍ଷକ ପୁରୀଙ୍କ ନାମ କାର୍ଡରେ ଛପା ଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାଇ କୌଣସି କାର୍ଯ୍ୟକ୍ରମ ହୋଇପାରିଲା ନାହିଁ ଯେଉଁଥିପାଇଁ ସମଗ୍ର ଗୋପ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କାମ ଚଳା ପାଇଁ ଯୁଦ୍ଧ କାଳୀନ ଭିତିରେ ଗୋପ ବ୍ଲକର ଉପାଧ୍ୟକ୍ଷ ତଥା ଅନୁଷ୍ଠାନର ସଭାପତି ବନରଞ୍ଜନ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟ, ଏବଂ ଅନୁଷ୍ଠାନ ଉପଦେଷ୍ଟା ନରେନ୍ଦ୍ର ଦାଶ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଉପ ସଭାପତି ବିଭୁତି ଭୂଷଣ ପଟ୍ଟନାୟକ, ଜଗତସିଂହପୁର ସାଂସଦଙ୍କ ଗୋପ ବ୍ଲକ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ପଟ୍ଟନାୟକ ପ୍ରଭୃତି ବ୍ୟକ୍ତି ବିଶେଷ ପ୍ରମୁଖ ଯୋଗଦେଇ ଲୋକ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ମତବ୍ୟକ୍ତ ଉପସ୍ଥାପନା କରିଥିଲେ । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିବିଶେଷ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ଶ୍ରୀମତୀ ପରିଡା ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ଆସନ୍ତା 23 ତାରିଖ ପର୍ଯ୍ୟନ୍ତ ଧରି ଚାଲିବ ବୋଲି ଜଣାପଡ଼ିଛି।

## ଉତ୍କଳ ଦିବସରେ ଗଞ୍ଜାମ ଏସପିଙ୍କୁ ଡିଜିପି ଡିସ୍କ ଆୱାର୍ଡ଼



ଛତ୍ରପୁର,୧୯।୩ (ସଂଚାର ବ୍ୟୁରୋ): ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ତାଙ୍କର ଉଲ୍ଲେଖନୀୟ ସେବା, କର୍ତ୍ତବ୍ୟନିଷ୍ଠା ଓ ଦକ୍ଷ ନେତୃତ୍ୱ ପାଇଁ ଡିଜିପି ଡିସ୍କ ଆୱାର୍ଡ଼ ପ୍ରଦାନ କରାଯିବ। ଆସନ୍ତା ଏପ୍ରିଲ ୧ ତାରିଖରେ ଉତ୍କଳ ଦିବସ ତଥା ୯୧ତମ ରାଜ୍ୟ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଏହି ସମ୍ମାନ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଦ୍ୱାରା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଶ୍ରୀ ପାତ୍ର ଗଞ୍ଜାମ ଜିଲ୍ଲାରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଅପରାଧ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଆସୁଛନ୍ତି। ବିଭିନ୍ନ ଚର୍ଚ୍ଚିତ ମାମଲାର ସଫଳ ତଦନ୍ତ, ଅଭିଯୁକ୍ତମାନଙ୍କ ଗିରଫ ଓ ମାଦକଦ୍ରବ୍ୟ ବିରୋଧୀ ଅଭିଯାନରେ ତାଙ୍କର ନେତୃତ୍ୱ ପ୍ରଶଂସା ଲାଭ କରିଛି। ତଥାପି, ଜନମୁଖୀ ପୁଲିସିଂ, ସଚେତନତା କାର୍ଯ୍ୟକ୍ରମ ଓ ମହିଳା ସୁରକ୍ଷା ପ୍ରତି ତାଙ୍କର ବିଶେଷ ଗୁରୁତ୍ୱ ଦେବା ଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ପୁଲିସ ପ୍ରତି ଆସ୍ଥା ବଢ଼ିଛି।

## ଧାରଣାରେ ସଫେଇ କର୍ମଚାରୀ




ନବରଙ୍ଗପୁର,୧୯।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ସଫେଇ କର୍ମଚାରୀ ଏବଂ ବଗିଚାରେ କାମ କରୁଥିବା ମାଳୀମାନେ ଆଜି ଧାରଣାରେ ବସିଛନ୍ତି। ଏହିମାନଙ୍କର ଅଭିଯୋଗ ହେଲା ଠିକ ସମୟରେ ଠିକା ସଂସ୍ଥା ସେମାନଙ୍କୁ ଦରମା ଦେଉନାହାନ୍ତି, ଆଜି ସକାଳୁ ସମସ୍ତ ସଫେଇ କର୍ମଚାରୀ ଏବଂ ବଗିଚାରେ କାମ କରୁଥିବା ମାଳି ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ମୁଖ୍ୟ ଫାଟକ ନିକଟରେ ଧାରଣା ଦେଇ ବସିଛନ୍ତି। କର୍ମଚାରୀଙ୍କ ଧାରଣା ଯୋଗୁ ଚିକିତ୍ସାଳୟ ପରିସର ଆବର୍ଜନାମୟ ହୋଇପଡ଼ି ରହିଛି।

ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ଠିକା ସଂସ୍ଥା ବିଗତ ଛରୁ ସାତ ମାସ ହେଲା ଠିକ ସମୟରେ ଦରମା ଦେଉନାହାନ୍ତି। ମାସର ୧୫, ୨୦ ତାରିଖ ମଧ୍ୟରେ ଦରମା ଦେଉଛନ୍ତି। ଘର ଚଳାଇବା ପାଇଁ ଠିକା ସଂସ୍ଥା ଠିକ୍ ସମୟରେ ଦରମା ଦେଉନଥିବା ଯୋଗୁଁ ବହୁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଠିକା ସଂସ୍ଥାର ସୁପରଭାଇଜର୍ଙ୍କୁ ଯୋଗାଯୋଗ କରିବାରେ ସେ ପ୍ରକାଶ କରିଛନ୍ତି ଯେ ଏହିମାନଙ୍କର ଆଟେନାନ୍ସ ରେଜିଷ୍ଟର ଠିକ ଭାବରେ ଯାଉନଥିବା ଯୋଗୁ ଦରମା ଆସିପାରୁ ନାହିଁ। ଅନ୍ୟପକ୍ଷରେ ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି ବାୟୋମେଟ୍ରିକ ଲାଗିବା ଦିନଠୁ ଏହି ପ୍ରକାର ଅସୁବିଧା ହେଉଛି। ପ୍ରତିଦିନ ସକାଳେ ସେମାନେ ସୁପରଭାଇଜରଙ୍କ ୧୦୦ ଫଟୋ କାଢ଼ି ଠିକା ସଂସ୍ଥାକୁ ପଠାଉଛନ୍ତି ଏବଂ ବାୟୋମେଟ୍ରିକ ମଧ୍ୟ ଦେଉଛନ୍ତି। ମାନୁଆଲରେ ଖାତାରେ ଦସ୍ତଖତ କରୁଛନ୍ତି କିନ୍ତୁ ଠିକା ସଂସ୍ଥା ଅବହେଳା କରି ଏମାନଙ୍କୁ ଦରମା ଦେଉନାହାନ୍ତି ଠିକ ସମୟରେ ଯେତେବେଳ ପର୍ଯ୍ୟନ୍ତ ଦରମା ନ ଦେଇଛି ସେତେବେଳେ ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଜିଦରେ ଅଟଳ ଅଛନ୍ତି।

### ପର୍ଯ୍ୟଟନସ୍ଥଳୀରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର

# କାଗଜ କଲମରେ ରହିଗଲା କଟକଣା

କାକଟପୁର/ଅସ୍ତରଙ୍ଗ,୧୯।୩ (ସଂଚାର ବ୍ୟୁରୋ): ୨୦୨୪ମାର୍ଚ୍ଚ ପ୍ରଥମ ସପ୍ତାହ ରେ ଏକକ ବ୍ୟବହାର ଯୋଗ୍ୟ ପଲିଥିନ ଓ ପ୍ଲାଷ୍ଟିକ ଉପରେ କଟକଣା ଲଗାଯାଇଥିଲା। କିଛି ମାସ ହେବ ଏହି ନିୟମ କୁ ପାଳନ କରିବାକୁ ରାଜ୍ୟର ସମସ୍ତ ଆରସିସିଏଫ, ଡ଼ିଏଫଓ ଙ୍କୁ କୁହାଯାଇଥିଲା। ଇତି ମଧ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ କିଛି ମାସ ଅତିକ୍ରମ କରିଥିଲେ ମଧ୍ୟ କେବଳ ସଚେତନତା ରେ ରହିଯାଇଛି ପ୍ଲାଷ୍ଟିକ ବାରଣ।ସବୁ କଟକଣା କେବଳ କାଗଜ କଲମ ହିଁ ରହିଯାଇଛି। ଧର ପଗଡ ହେବା ଦୂରରେ ଥାଉ, ବଣଭୋଜି ଓ ପର୍ଯ୍ୟଟନ ସ୍ଥଳୀଗୁଡିକୁ ପ୍ଲାଷ୍ଟିକ ଏବଂ ପଲିଥିନ ନେବାକୁ ଏ ପର୍ଯ୍ୟନ୍ତ ବାରଣ କରାଯାଇପାରିନାହିଁ। ପରିଣାମ ସ୍ୱରୂପ ଜଙ୍ଗଲ, ଆଦି ପ୍ରଦୂଷିତ ହେଉଛି। ଯାହାକି ପ୍ଲାଷ୍ଟିକ ସଚେତନ ପରେ ନିୟମ ପାଳନ ହେଉ ନଥିବାରୁ ଜଙ୍ଗଲ ବିଭାଗର ପାରିବା ପଣିଆ କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



**ସଚେତନ ପରେ ନିୟମ ଲାଗୁ ହୋଇପାରିଲା ନାହିଁ**

ବନ ବିଭାଗ ସହ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ପ୍ଲାଷ୍ଟିକ କଟକଣା ସମ୍ପର୍କିତ ନିୟମାବଳୀ ଜାରି କରିଥିଲା। ଧାର୍ମିକ ସ୍ଥଳୀ, ସମୁଦ୍ର କୂଳ ଆଦି ଅଂଚଳର ତାଲିକା ପ୍ରସ୍ତୁତ ସହ ସେଠାରେ ଏକକ ବ୍ୟବହାର ଯୋଗ୍ୟ ପଲିଥିନ ଓ ପ୍ଲାଷ୍ଟିକ ବୋତଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। କୁହାଯାଇଥିଲା ଯେ ଏହାଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି। ବନ୍ୟଜନ୍ତୁ ଗୁଡିକ ସେହି ସାମଗ୍ରୀ ଖାଇବା ଦ୍ୱାରା ରୋଗା ଗ୍ରସ୍ତ ହେଉଛନ୍ତି। ତେଣୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ପୀରଜାହାନିଆ, ଗଙ୍ଗାଦେବୀ ଅଂଚଳରେ ବନ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା, କିନ୍ତୁ ତାହା କାର୍ଯ୍ୟରେ ଲାଗୁନାହିଁ। ବ୍ୟାପକ ମାତ୍ରାରେ ପ୍ଲାଷ୍ଟିକ ବ୍ୟବହାର ହେଉଛି। ନିୟମାବଳୀ ଜାରି କରି ବନ ବିଭାଗ ବାବୁମାନେ ଚୁପ ବସିଛନ୍ତି। କଟକଣା ପାଳନ ହେଉଛି କି ନାହିଁ ଦେଖିବାକୁ କେହି ନାହାନ୍ତି। ଏଥିପାଇଁ ଉତ୍ତରଦାୟି କରାଯାଇ ନଥିବାରୁ ସମସ୍ୟା ଅଧିକ ଜଟିଳ ହେବାରେ ଲାଗିଛି। ଆଉ ସେପଟେ ବେଧଡକ ଭାବେ ପରିବେଶକୁ ନଷ୍ଟ କରାଯାଉଛି। ଜାରୀ ହୋଇଥିବା ନିୟମାବଳୀକୁ ପାଳନ ହେଉ ନାହିଁ।

ପୀରଜାହାନିଆ ପ୍ରବେଶ ପଥରେ ଫି "ଆଦାୟ ହେଉଥିଲେ ମଧ୍ୟ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାର ନେଇ ସଚେତନ କରାଯାଉ ନାହିଁ। କେବଳ ପୀରଜାହାନିଆ କାହିଁକି, ଅନ୍ୟ ପର୍ଯ୍ୟଟନ ସ୍ଥଳୀରେ ପଲିଥିନ ଓ ପ୍ଲାଷ୍ଟିକ ଉପରେ କଟକଣା ଲଗାଯାଇ ପାରିନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ପର୍ଯ୍ୟଟନ ସ୍ଥଳୀଗୁଡିକୁ ସ୍ୱଚ୍ଛ କରିବାକୁ ପରିବେଶବିତିମାନେ ମତ ପ୍ରକାଶ କରିଛନ୍ତି।

## ଶୁଭ୍ରଜିତ ଦାଶଙ୍କୁ ଗୁରୁ ଦାୟିତ୍ୱ



ଭୁବନେଶ୍ୱର,୧୯।୩ (ସଂଚାର ବ୍ୟୁରୋ): ବିଜେପି ଯୁବମୋର୍ଚ୍ଚା ର ରାଜ୍ୟ ସଭାପତି ଶ୍ରୀ ଅଭିଲାଷ ପଣ୍ଡା ଇତି ମଧ୍ୟରେ ତାଙ୍କର ରାଜ୍ୟ ଟିମକୁ ଘୋଷଣା କରିଛନ୍ତି। ଓଡ଼ିଶାର ସାମାଜିକ ଗଣମାଧ୍ୟମର ପ୍ରଦେଶ ଯୁବମୋର୍ଚ୍ଚା ସହ ପ୍ରମୁଖ ରୂପେ ଯୁବନେତା, ଓଡ଼ିଶାର ସାମାଜିକ ଗଣମାଧ୍ୟମର ଚର୍ଚ୍ଚିତ ଚେହେରା, ଯୁବକ ମାନଙ୍କ ପାଇଁ ଜଣେ ଶିକ୍ଷିତ ଚର୍ଚ୍ଚିତ ଚେହେରା ରୂପେ ଶୁଭ୍ର ଜିତ୍ ଦାଶ ଦାୟିତ୍ୱ ପାଇଛନ୍ତି । ଓଡ଼ିଶା ବିଜେପି ଯୁବମୋର୍ଚ୍ଚାର ସାମାଜିକ ଗଣମାଧ୍ୟମ ବିଭାଗକୁ ଆହୁରି ମଜବୁତ୍ କରିବା ଦିଗରେ ସେ କାର୍ଯ୍ୟ କରିବା ସହ ବିରୋଧିଙ୍କୁ ଶାଣିତ ଆକ୍ରମଣ କରିବା ହେଉ କିମ୍ବା ଶାସକଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଜନତାଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ସାମାଜିକ ଗଣମାଧ୍ୟମକୁ ବ୍ୟବହାର ହେଉ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ଦାଶ ନିଜର ଉକ୍ତି ରଖିଛନ୍ତି । ସମସ୍ତ କାର୍ଯ୍ୟକର୍ତ୍ତା ଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ଅଭିଲାଷ ପଣ୍ଡା, ମନମୋହନ ସାମଲ, ମୋହନ ମାଝୀ, ନିତିନ ନବୀନ, ନରେନ୍ଦ୍ର ମୋଦି ଙ୍କୁ ମଧ୍ୟ ଶ୍ରୀ ଦାଶ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି ।

### ଶୁଖିଲା ପଡ଼ିଛି ତଣ୍ଡ୍ରି ଗାଁ ଡ୍ୟାମ

# ପାଣି ପାଇଁ ହନ୍ତସନ୍ତ ୩ ହଜାରରୁ ଉର୍ଦ୍ଧ୍ୱ ପରିବାର

ଫୁଲବାଣୀ,୧୯।୩ (ସଂଚାର ବ୍ୟୁରୋ): ବର୍ତ୍ତମାନ ଖରା ବଢ଼ିବା ସାଙ୍ଗକୁ କୂଅ ପୋଖରୀ ନଦୀ ନାଳ ଶୁଖିବାରେ ଲାଗିଛି। ଯାହାଦ୍ୱାରା ଅଧିକାଂଶ ଗାଁରେ ଜଳକଷ୍ଟ ଦେଖାଦେଇଛି । ଫିରିଙ୍ଗିଆ ପଞ୍ଚାୟତର ଫିରିଙ୍ଗିଆ ବଜାର ସହିତ ମେଡିକାଲ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଦଶରୁ ଅଧିକ ଗାଁକୁ ପାଣି ଯୋଗାଉଥିବା ଏକ ମାତ୍ର ନିର୍ଭର ଯୋଗ୍ୟ ତଣ୍ଡ୍ରି ଗାଁ ଡ୍ୟାମରୁ ପାଣି ଶୁଖି ଯାଇଥିବାରୁ ଜଳ କଷ୍ଟ ଦେଖାଦେବା ସହ ଜନସାଧାରଣ ପିଇବା ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।



ଚଳିତ ବର୍ଷ ଗତ ଏକ ମାସ ପୂର୍ବରୁ ଡ୍ୟାମ ପାଣି ଶୁଖିଯାଇଥିବା ବେଳେ ଏବେ ପାଣି ଯୋଗାଇବା ପାଇଁ ଖୋଳା ଯାଇଥିବା କୂଅକୁ ମଧ୍ୟ ପାଣି ପହଞ୍ଚି ପାରୁନାହିଁ କି ପାଣି ଟାଙ୍କିରେ ମଧ୍ୟ ପାଣି ଭର୍ତି ହୋଇ ପାରୁନାହିଁ ଯାହାଦ୍ୱାରା ପାଣି ଯୋଗାଇବା ପାଇଁ ଡ୍ୟାମରେ ଜେସିବି ସାହାଯ୍ୟରେ ଗାତ ଖୋଳି ନାଳ କରି ପାଣି ଯୋଗାଇବା ବ୍ୟବସ୍ଥା କରୁଥିବା ବେଳେ ପ୍ରତିଦିନ ଗୋଳି ପାଣି ଅଳ୍ପ ପରିମାଣରେ ଯାଉଛି। କିଏ ପାଉଛି ତ କିଏ ପାଣି ପାଉନଥିବା ବେଳେ ଠିକ୍‌ରେ ପାଣି ପହଞ୍ଚି ପାରୁ ନାହିଁ ଯାହାଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀ ଦୀର୍ଘ ଦିନ ହେବ ପାଣି ସମସ୍ୟାର ସମାଧାନ ପାଇଁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ଗୁରୁତ୍ୱ ଦେଉନଥିବା ବେଳେ ପ୍ରଶାସନ ତରଫରୁ କେବଳ ଡ୍ୟାମର ମାଟି କାଢ଼ି ଡ୍ୟାମ ପାଖରେ ବିଛାଇ ବିଲ କରୁଥିବା ବେଳେ ପୁଣି ବର୍ଷା ହେଲେ ମାଟି ଡ୍ୟାମକୁ ଯାଇ ଅଯଥା ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି । ପାଣି ଛାଡିବା ଓ ଡ୍ୟାମର ଉନ୍ନତିକରଣ କେବଳ ପ୍ରହସନ ପାଲଟିଛି। ଯାହାକି ଜନସାଧାରଣଙ୍କ ପାଇଁ କୌଣସି ସ୍ଥାୟୀ ସମାଧାନ ହୋଇ ପାରୁନାହିଁ । ଏଭଳି ଆଉ ପନ୍ଦର ଦିନରୁ ଅଧିକ ଖରା ରହିଲେ ଡ୍ୟାମ ସଂପୂର୍ଣ ଶୁଖିଯିବା ସହ ପାଣି ଟୋପାଏ ପାଇଁ ଲୋକେ ତହଳ ବିକଳ ହେବେ ଏହା ସୁନିଶ୍ଚିତ ।

ଏହି ତଣ୍ଡ୍ରି ଗାଁ ଡ୍ୟାମକୁ ପାଣି ଆସିବା ପାଇଁ କୌଣସି ସୁବିଧା ନଥିବାରୁ ନିକଟରେ ଥିବା ବାଘନଦୀ କିମ୍ବା ଅନ୍ୟ ନାଳରୁ ପାଣି ଫିରିଙ୍ଗିଆ ସହ ବିଭିନ୍ନ ଗାଁକୁ ଯୋଗାଇବାକୁ ପୂର୍ବରୁ ବହୁ ଥର ଦାବି କରିଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇନଥିବାରୁ ଏଭଳି ଅବସ୍ଥା ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତୁରନ୍ତ ଏହାର ସ୍ଥାୟୀ ସମାଧାନ ସହ ପିଇବା ପାଣି ଯୋଗାଇବାକୁ ଦାବି ହେଉଛି ।

## ବାଲ୍ୟବିବାହ ଓ ଶିଶୁ ଯୌନ ନିର୍ଯାତନା ନିରୋଧୀ ଆଇନ ସମ୍ପର୍କିତ କର୍ମଶାଳା



ଖୋର୍ଦ୍ଧା,୧୯।୩ (ସଂଚାର ବ୍ୟୁରୋ): ବେଗୁନିଆ ବ୍ଲକ ସଭାଗୃହରେ ବାଲ୍ୟବିବାହ ଏବଂ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ଏକ ସଚେତନତାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାଟିକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପ୍ଲାନ ଇଣ୍ଡିଆ ପକ୍ଷରୁ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ସ୍ତରୀୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟିର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ଏହି କର୍ମଶାଳାକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥଲେ ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଏହି କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥଲେ। ତାଲିମଦାତା ଭାବରେ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା କାନ୍ତା ମହାନ୍ତି ଯୋଗ ଦେଇ ବାଲ୍ୟବିବାହ ଏବଂ ଶିଶୁ ଯୌନ ନିର୍ଯାତନାରକୁ ପରିଣାମ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। କର୍ମଶାଳାରେ ପୋକ୍ସୋ ଆଇନ-୨୦୧୨ ଓ ବାଲ୍ୟବିବାହ ନିରୋଧ ଆଇନ-୨୦୦୬ ଏବଂ ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ ଆଇନଗତ ସହାୟତା ବିଷୟରେ ସମସ୍ତ ସରପଞ୍ଚ, ମନ୍ଦିର ପୂଜକ, ଆଇ.ସି. ଡି.ଏସ ସୁପରଭାଇଜରଙ୍କୁ ସଚେତନ କରାଯାଇଥିଲା।

ଏହି କର୍ମଶାଳାରେ ବିଭିନ୍ନ ବିଭାଗ ଯଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀପ୍ରଭା ଦେବୀ, ସି. ଡି.ପି.ଓ ବିନୋଦିନୀ ପଣ୍ଡା ବେଗୁନିଆ ଥାନା ଏଏସଆଇ ମଙ୍ଗୁଳି ବେହେରା, ବ୍ଲକ ଜି.ପି.ଡି.ଓ ଦୀନବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇ ବାଲ୍ୟ ବିବାହ ନିରୋଧ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# କେନାଲ କାମକୁ ନେଇ ଚାଷୀ ଅସନ୍ତୋଷ




### ବିନା ଫଳକରେ ହେଉଛି କାମ

ଆନନ୍ଦପୁର,୧୯।୩ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ନୂତନ କେନାଲ କାମକୁ ନେଇ ଚାଷୀଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ। ତହସିଲରେ ଅଭିଯୋଗ ପରେ ପ୍ରଶାସନ ହସ୍ତକ୍ଷେପ କରିଥିଲେ ମଧ୍ୟ, ଏବେ ବି ଅନେକ ପ୍ରଶ୍ନ ଉଠୁଛି। ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ରାମଚନ୍ଦ୍ରପୁର ପଂଚାୟତର ଗଇଁଠାରି ଠାରୁ ନୂଆଗାଁ ପର୍ଯ୍ୟନ୍ତ ଏକ ନୂତନ କେନାଲ ଖନନ କାମ ଚାଲିଛି। ଏହି କେନାଲ ଦ୍ୱାରା ଚାଷୀମାନେ ଚାଷ କାମରେ ଲାଭାନ୍ୱିତ ହେବେ ବୋଲି ଆଶା କରାଯାଉଛି। କିନ୍ତୁ କାମ ଆରମ୍ଭ ହେବାରୁ ଦେଖାଦେଇଛି ବିବାଦ।

ସରକାରୀ ଜମି ଥିବା ସତ୍ତ୍ୱେ ଠିକାଦାର ଲୋକଙ୍କ ପଟ୍ଟା ଭୁକ୍ତ ଜମିରେ କେନାଲ ଖନନ କରୁଥିବା ନେଇ ଚାଷୀ ଉମାକାନ୍ତ ମାଝୀ ଓ ଗଙ୍ଗାଧର ମାଝୀ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପରେ ଘଷିପୁରା ତହସିଲରେ ଲିଖିତ ଭାବେ ଜଣାଇଥିଲେ ଚାଷୀମାନେ। ପରେ ରାମଚନ୍ଦ୍ରପୁର ଆରଆଇ ଘଟଣାସ୍ଥଳକୁ ପହଞ୍ଚି ପୁନଃ ଜମି ଚିହ୍ନଟ କରି କାମକୁ ସଠିକ ଦିଗରେ ଆଗେଇ ନେଇଥିବା ସୂଚନା ମିଳିଛି। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନଥିବା, କେଉଁ ବିଭାଗ ଏହି କାମ କରୁଛି? କିଏ ଠିକାଦାର? କେତେ ଟଙ୍କାର ପ୍ରକଳ୍ପ? ଏହା ସମ୍ପର୍କରେ କୌଣସି ସ୍ପଷ୍ଟତା ନାହିଁ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ସନ୍ଦେହ ଓ ଅସନ୍ତୋଷ ଜାରି ରହିଛି।

## ନବନିର୍ବାଚିତ ରାଜ୍ୟସଭା ସାଂସଦଙ୍କୁ ସମ୍ବର୍ଦ୍ଧନା



ଝାରସୁଗୁଡା,୧୯।୩ (ସଂଚାର ବ୍ୟୁରୋ): ଆଜି ଝାରସୁଗୁଡା ରେଳ ଷ୍ଟେସନ ଠାରେ ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାଏଙ୍କୁ ବିଜେପି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ଝାରସୁଗୁଡା ରେଳଷ୍ଟେସନ ଠାରେ ବନ୍ଦେ ଭାରତ ଏକ୍ସପ୍ରେସରେ ଦିନ ସାଢେ ଏଗାରଟା ସମୟରେ ଦିଲ୍ଲୀପ ରାଏ ପହଂଚିବା ପରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲଙ୍କ ନେତୃତ୍ୱରେ ହଜାର ହଜାର ବିଜେପି କର୍ମୀ ବାଣ ଫୁଟାଇ, ପୁଷ୍ପ ଗୁଚ୍ଛ ଦେଇ ଏକ ବିଶାଳ ରାଲିରେ ଷ୍ଟେସନ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଝାରସୁଗୁଡା ଓ ସୁନ୍ଦରଗଡ଼ର ଅନେକ ବରିଷ୍ଠ ନେତା, ମହିଳା ନେତ୍ରୀ, ଯୁବ ଓ ଛାତ୍ର ସଂଗଠନ ନେତା ଉପସ୍ଥିତ ରହିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ସୁନ୍ଦରଗଡ଼,୧୯।୩ (ସଂଚାର ବ୍ୟୁରୋ): ସୁନ୍ଦରଗଡ ଜିଲ୍ଲା ହେମଗିର ବ୍ଲକସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ କୁମାର ହୋତା ଯୋଗଦେଇ ବର୍ତ୍ତମାନ ସମୟରେ ନାରୀ କିପରି ପୁରୁଷପ୍ରାଧାନ୍ୟ ସମାଜରେ ନିଜର ଅସ୍ତିତ୍ୱ ବଜାୟ ରଖିବେ ଏବଂ ଆତ୍ମବିଶ୍ୱାସ ସହ ପରିସ୍ଥିତିର ମୁକାବିଲା କରିବାର ବିଷୟରେ ଗୁରୁତ୍ୱାରୋପ କରିଥିଲେ। ପ୍ରାଧ୍ୟାପକ ବିଭୁତି ଭୂଷଣ ମିଶ୍ର ଯୋଗଦେଇ ଶିବିରର ଲକ୍ଷ୍ୟ ଉପରେ ଆଲୋକପାତ କରିଥିବା ବେଳେ ପ୍ରଶିକ୍ଷିକା ସୁରେଖା ନାଏକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ କରାଇ ନିଜର ଅନୁଭୂତି ବିଷୟରେ ଅବଗତ କରାଇଥିଲେ। ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

### ଦେବଦୁତ ସାଜିଲେ ଜିଲ୍ଲା ଶିକ୍ଷାଧିକାରୀ

## ଅଧାରୁ ପଢା ଛାଡିଥିବା ବୈଭବ ପୁଣି ବିଦ୍ୟାଳୟକୁ ଫେରିଲେ



ବାରିପଦା,୧୯।୩ (ସଂଚାର ବ୍ୟୁରୋ): ସ୍ଥାନୀୟ ତକତପୁର ଅଂଚଳରେ ଅଜା ଘରେ ରହି ନିକଟସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ୫ମ ଶ୍ରେଣୀରେ ପଢୁଥିଲେ ୧୦ ବର୍ଷର ବାଳକ ବୈଭବ ମହାନ୍ତ। ମାତ୍ର ପାରିବାରିକ ଅବସ୍ଥା ଦିନକୁ ଦିନ ଖରାପ ହେବାରୁ ସେ ଆଉ ବିଦ୍ୟାଳୟକୁ ଯିବା ପାଇଁ ମନ ବଳାଇଲେ ନାହିଁ। ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ପିଲାଟିକୁ ସାକ୍ଷାତ କରି ଷ୍ଟେସନ ବଜାର ସ୍ଥିତ ଆରଡିଏସି ଶିଶୁ ପ୍ରଯତ୍ନ କେନ୍ଦ୍ରରେ ଥଇଥାନ କରିବା ସହ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନହରପଦାରେ ନାମ ଲେଖାଇ ତା'ର ପାଠପଢାକୁ ନିୟମିତ କରାଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ନାୟକ ପିଲାଟିକୁ ଦୁଇ ଯୋଡ଼ା ସ୍କୁଲ ପୋଷକ ଏବଂ ବହିପତ୍ର ପ୍ରଦାନ କରିଥିଲେ। ଗୋଟିଏ ଅସହାୟ ଶିଶୁ ପାଇଁ ଦେବଦୁତ ସାଜି ପୁଣିଥରେ ତାକୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଥିଲେ। ତତସହିତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିଜ ନିଜ ଅଂଚଳରେ କୌଣସି କାରଣରୁ ସ୍କୁଲକୁ ଆସୁ ନଥିବା ପିଲାମାନଙ୍କୁ ତୁରନ୍ତ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ ସହାୟକ ହେବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠି ଆଶା ପୋଷଣ କରିଛନ୍ତି ।

# ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣା: ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଉତ୍ତେଜନା



ଢେଙ୍କାନାଳ,୧୯।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ମହିଳା ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶନୀ ବାରିକଙ୍କ ମୃତଦେହକୁ କାମାକ୍ଷା ନଗର ଥାନା ଅନ୍ତର୍ଗତ ସାରୁଆଳି ଗ୍ରାମ ଜଙ୍ଗଲରୁ ପୁଲିସ ଉଦ୍ଧାର କରିବା ତଦନ୍ତ ଜାରି ରଖିଛି। ଅଧିକ ତଦନ୍ତ ପାଇଁ ମୃତଦେହକୁ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ହସ୍ତାନ୍ତର କରିଛି ପୁଲିସ । ତେବେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପକ୍ଷରୁ ମୃତଦେହକୁ ବ୍ୟବଛେଦ ପାଇଁ କଟକ ସ୍ଥାନାନ୍ତର କରିବା ନେଇ ତୀବ୍ର ବିରୋଧ ହୋଇଥିଲା । ଢେଙ୍କାନାଳ ଜିଲ୍ଲା ବିଜେଡି ନେତା ତଥା ପୌର ଉପାଦକ୍ଷ ପ୍ରକାଶ କୁଅଁର ଓ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ପହଁଚି ବିରୋଧରେ ସାମିଲ ହୋଇଥିଲେ। ଏପରିକି ବିଜେଡି କର୍ମୀମାନେ ଶବ ବ୍ୟବଚ୍ଛେଦ ଗୃହକୁ ଘେରାଉ କରି ଛାତ୍ରୀଙ୍କ ମୃତଦେହକୁ ଜଗି ରହି ଢେଙ୍କାନାଳରେ ବ୍ୟବଛେଦ ଦାବି କରିଥିଲେ। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବର ପାଇ ଟାଉନ ଥାନା ପୁଲିସ ପହଂଚି ବୁଝାସୁଝା କରିଥିଲା। ମାତ୍ର ମୃତ ଛାତ୍ରୀଙ୍କ ପରିବାରକୁ ମୃତ୍ୟୁକାଳୀନ ଅନୁକମ୍ପା ରାଶି ୨କୋଟି ଟଙ୍କା ସରକାର ପ୍ରଦାନ କରିବା ଓ ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ ଦାବିରେ ଅଡ଼ି ବସିଥିଲେ ବିଜେଡି କର୍ମୀ । ତେବେ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣା ଅତି ସମ୍ବେଦନଶୀଳ ହୋଇଥିବା ବେଳେ ଏଫଏମଟି ବିଶେଷଜ୍ଞଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଛେଦ ଜରୁରୀ ଥିବାରୁ କଟକ ଏସସିବିକୁ ସ୍ଥାନାନ୍ତର ଜରୁରି ଥିବାରୁ କଟକ ସ୍ଥାନାନ୍ତରିତ କରାଯାଉଛି ବୋଲି ବୁଝାସୁଝା ପରେ ରାତି ସାଢ଼େ ୭ଟା ପରେ ଆନ୍ଦୋଳନରୁ ନିବୃତ୍ତ ହୋଇଥିଲେ ବିଜେଡି କର୍ମୀ। ଫଳରେ ପରେ ଛାତ୍ରୀଙ୍କ ମୃତଦେହ ବ୍ୟବଛେଦ ପାଇଁ କଟକ ଯାଇଥିବା ଜଣାପଡିଛି ।

## ଦେବାଶିଷ ଆଚାର୍ଯ୍ୟ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ



ନୀଳଗିରି,୧୯।୩ (ସଂଚାର ବ୍ୟୁରୋ): ବିଜେପି ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଆଜି ଭାରତୀୟ ଜନତା ଯୁବମୋର୍ଚ୍ଚା, ଓଡ଼ିଶାର ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ବିଭିନ୍ନ ବିଭାଗ ପାଇଁ ସଂଯୋଜକଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ଏହି କ୍ରମରେ ନୀଳଗିରି ନିର୍ବାଚନ ମଣ୍ଡଳୀର ଯୁବ ନେତା ଦେବାଶିଷ ଆଚାର୍ଯ୍ୟଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରଯାଇଛି। ପୂର୍ବରୁ ଦେବାଶିଷ ଆଚାର୍ଯ୍ୟ ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚାର ଉପ-ସଭାପତି ଭାବେ ଏବେ କାର୍ଯ୍ୟରତ ଅଛନ୍ତି। ତେବେ ଏହି ଖବର ପ୍ରଚାରିତ ହେବା ପରେ ନୀଳଗିରି ଅଞ୍ଚଳର ଦେବାଶିଷ ଆଚାର୍ଯ୍ୟଙ୍କ ବହୁ ସମର୍ଥକ ଶୁଭେଚ୍ଛା ଜଣାଇବା ସହିତ ଆଗକୁ ଦଳ ପ୍ରତି ସମର୍ପିତ ମନୋଭାବ ରଖି ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିବା ପରିଲକ୍ଷିତ ହୋଇଛି।

### ମୁଖ୍ୟ ସଚିବଙ୍କ ମାଓ ପ୍ରଭାବିତ ଅଞ୍ଚଳର ବିକାଶ କାର୍ଯ୍ୟ ସମୀକ୍ଷା

# 'ଗ୍ରାମୋଦୟ'ରେ ଶତପ୍ରତିଶତ ମୌଳିକ ସୁବିଧା ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ରାଜ୍ୟର ମାଓ ପ୍ରଭାବିତ ଅଞ୍ଚଳରେ ସାମଗ୍ରିକ ଉନ୍ନତି ପାଇଁ ଗତ ୨୦୨୪ ଅକ୍ଟୋବରରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଗ୍ରାମୋଦୟ' ଭଳି ଅଭିନବ ପଦକ୍ଷେପ ନିଆଯାଇଥିଲା। ଏହି ପଦକ୍ଷେପରେ ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ କରାଯାଉଛି, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ସମସ୍ତ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଓ ହିତାଧିକାରୀଙ୍କୁ ଶତପ୍ରତିଶତ ଲକ୍ଷ୍ୟଭିତ୍ତିକ (ସାଚ୍ୟୁରେସନ ମୋଡ୍)ରେ ସୁବିଧା କାର୍ଯ୍ୟକାରୀ କରିବାକୁ ସେ ବିଭିନ୍ନ ବିଭାଗମାନଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ବିଭାଗମାନଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି।

ମାଓ ପ୍ରଭାବିତ ଅଞ୍ଚଳରେ ସାମୂହିକ ଓ ପରିବାର ଭିତ୍ତିରେ ଜନକଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧାକୁ ସାଚ୍ୟୁରେସନ ମୋଡ୍‌ରେ ଶତ ପ୍ରତିଶତ କାର୍ଯ୍ୟକାରୀ କରାଇ ସରକାର-ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ବିକାଶ ପ୍ରତି ପାରସ୍ପରିକ ଆସ୍ଥା ସ୍ଥାପନ ଉଦ୍ଦେଶ୍ୟ ରଖି ଏହା ଆରମ୍ଭ କରାଯାଇଥିଲା। ଏହି ପଦକ୍ଷେପରେ ରାଜ୍ୟର ମାଓ ପ୍ରଭାବିତ ୧୦ଟି ଜିଲ୍ଲାର ୩୯ଟି ବ୍ଲକର ୧୯୨ ପଞ୍ଚାୟତରେ ୪୮୪ ଗ୍ରାମରେ ୫୭ ହଜାର ୨୯୬ ପରିବାରଙ୍କୁ ଚିହ୍ନଟ କରାଯାଇ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଦକ୍ଷେପ ନିଆଯାଇଛି। ଏହି ଜିଲ୍ଲାସବୁ ଜିଲ୍ଲାର ଚିହ୍ନଟ କରାଯାଇଥିବା ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ଅନୁଧ୍ୟାନ ଓ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପରିଚାଳନା କମିଟି, ଜିଲ୍ଲା ସ୍ତରରେ ଜିଲ୍ଲାପାଳ, ବ୍ଲକ ସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ଓ ଗ୍ରାମ ପଞ୍ଚାୟତସ୍ତରରେ କମିଟି ଗଠନ କରାଯାଇ କାର୍ଯ୍ୟର ତଦାରଖ କରାଯାଉଛି। ଏଥିପାଇଁ ସମ୍ପୃକ୍ତ ୨୦ଟି ବିଭାଗର ଅଧିକାରୀଙ୍କ ଦ୍ୱାରା ପ୍ରାଥମିକ ସର୍ବେକ୍ଷଣ (ବେସଲାଇନ ସର୍ଭେ) କରାଯାଇ ବିଭିନ୍ନ କ୍ଷେତ୍ରରେ ଶତପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରାଯିବା ସକାଶେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

### ୱାସନ୍ ଓ କୃଷି ବିଭାଗ ମଧ୍ୟରେ ୨୪୭ କୋଟିର ବୁଝାମଣା

# ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଲକ୍ଷ୍ୟ




**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଜୈବ ବିବିଧତାରେ ପରିପୂର୍ଣ୍ଣ ଓଡ଼ିଶାର ଖାଦ୍ୟଶସ୍ୟର ଏକ ଅନନ୍ୟ ପରିଚୟ ରହିଛି ନିଜର ପୁଷ୍ଟିକର ଓ ସ୍ୱାସ୍ଥ୍ୟପ୍ରଦ ଗୁଣବତ୍ତା ପାଇଁ। ସମୟକ୍ରମେ ଏଥିରୁ କିଛି ଖାଦ୍ୟ ବିସ୍ମୃତ ଓ ବିଲୁପ୍ତ ପ୍ରାୟ ଅବସ୍ଥାରେ ପହଞ୍ଚିଛି। ଏହାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଓଡ଼ିଶା ସରକାର ଆଗେଇ ଆସି ଓଡ଼ିଶାରେ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହା ଓଡ଼ିଶାର ୧୫ଟି ଜିଲ୍ଲାର ୨୫ଟି ଜୈବ ବିବିଧତାରେ ପରିପୂର୍ଣ୍ଣ ବ୍ଲକ୍ ଯଥା ଗନ୍ଧମାର୍ଦ୍ଦନ, ନିୟମଗିରି, ସୁନାବେଡା, ସାତକୋଶିଆ, ଗୁପ୍ତେଶ୍ୱର, ମାଲ୍ୟଗିରି ଓ ଶିମିଳିପାଳ ଭଳି ପ୍ରମୁଖ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ପାରମ୍ପରିକ ଫସଲ ଓ ଦେଶୀ ବିହନ ପ୍ରଜାତି ଯାହା ପ୍ରଚଳିତ କୃଷିରୁ ଲୋପ ପାଇଯାଉଛି, ତା'ର ସଂରକ୍ଷଣ ଓ ପ୍ରୋତ୍ସାହନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଖାଦ୍ୟଶସ୍ୟର ପୁନରୁଦ୍ଧାର ୱାଟରସେଡ୍ ସପୋର୍ଟ ସର୍ଭିସ୍ ଆଣ୍ଡ୍ ଆକ୍ଟିଭିଟିଜ ନେଟୱର୍କ (ୱାସନ) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣା ଆଗାମୀ ୫ ବର୍ଷ (୨୦୨୫-୨୬ରୁ ୨୦୨୯-୩୦) ବଳବତ୍ତର ରହିବ ଓ ଏଥିପାଇଁ ମୋଟ ୨୪୭.୦୨୪ କୋଟି ଟଙ୍କା ରଖାଯାଇଛି।

ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ଯେ ଖାଦ୍ୟ ହିଁ ପରମ୍ପରାକୁ ଉଜ୍ଜୀବିତ କରି ରଖିଥାଏ। ତେଣୁ ଏହାର ସୁରକ୍ଷା କରିବା ଅର୍ଥ ଆମ ପରମ୍ପରାର ସୁରକ୍ଷା। ଆଜି ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଡ. ଗଣେଶ୍ୱର ଜେନା ଉପସ୍ଥିତ ଥିଲେ। ଅବହେଳିତ ଫସଲଗୁଡ଼ିକର ତଥ୍ୟାବଳୀ ପ୍ରସ୍ତୁତି ଓ ସଂରକ୍ଷଣ, ପାରମ୍ପରିକ ଓ ଦେଶୀ ପ୍ରଜାତିର ଚାଷର ବିସ୍ତାର, ଅବହେଳିତ ଫସଲର ପୁନର୍ବାର ଚାଷ, ରାଜ୍ୟ ସମ୍ବଳ କେନ୍ଦ୍ର ସ୍ଥାପନ, କମଳା ପୂଜାରୀ ବୃତ୍ତି କାର୍ଯ୍ୟକ୍ରମ, କୃଷକ କ୍ଷେତ୍ର ପାଠଶାଳା, ପାରମ୍ପରିକ ଖାଦ୍ୟର ପୋଷଣ ତଥ୍ୟାବଳୀ, ମୂଲ୍ୟବୃଦ୍ଧି ଓ ବିସ୍ମୃତ ଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ବ୍ୟବସାୟୀକରଣ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ।

# ଗୋଡ଼ାଇ ଗୋଡ଼ାଇ ବିନ୍ଧିଲେ ମହୁମାଛି, ୪ ଆହତ

**ଦିଗପହଣ୍ଡି,୧୯।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଜକର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଅପରାହ୍ନରେ ମହୁମାଛି ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଗୁରୁତର ଥିବା ବ୍ୟକ୍ତି ଜଣଙ୍କ ଜକର



ଗ୍ରାମର ପୂର୍ବତନ ନାଏବ ସରପଞ୍ଚ ଲିଲି ପ୍ରଧାନ (୬୦)। ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ ତାଙ୍କୁ ଉଦ୍ଧାର କରି ନିଜ କାର୍‌ରେ ପ୍ରଥମେ ବୋମକେଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟର ତଳ ମହଲାରେ ହିତାଧିକାରୀମାନଙ୍କୁ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ବଣ୍ଟନ ଚାଲିଥିବା ସମୟରେ କାର୍ଯ୍ୟାଳୟର ଉପର ମହଲାରେ ଥିବା ମିଶନ ଶକ୍ତି କେନ୍ଦ୍ର କୋଠାରେ କିଶୋରୀ ମେଳା କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ବହୁସଂଖ୍ୟକ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟକୁ ଯା' ଆସ କରୁଥିଲେ। ତେବେ ରାସ୍ତାକଡ଼ର ଏକ ଗଛରେ ଏକ ମହୁଫେଣା ଥିବା ବେଳେ ସେଥିରୁ ହଜାର ହଜାର ସଂଖ୍ୟାରେ ମହୁମାଛି ଉଡ଼ି ଆସି ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଥିଲେ। ପ୍ରାଣ ବିକଳରେ ଲୋକେ ଘଟଣାସ୍ଥଳରୁ ଦୌଡ଼ି ପଳାଇଯାଇଥିଲେ। କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ନେଇ ଫେରୁଥିବା ଲିଲି ଦୌଡ଼ି ନ ପାରିବାରୁ ତାଙ୍କୁ ମହୁମାଛି ବେଢ଼ିଯାଇ ଦେହସାରା କାମୁଡ଼ିବାରୁ ସେ ଯନ୍ତ୍ରଣାରେ ଛଟପଟ ହୋଇ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ସୁନାମ ପ୍ରଧାନ, କୃଷ୍ଣ ଗୌଡ଼, ବଣ୍ଟି ପ୍ରଧାନଙ୍କ ସହ ଅନ୍ୟ କେତେକ ଯୁବକ ତାଙ୍କୁ ଉଦ୍ଧାର କରି ସରପଞ୍ଚଙ୍କ କୋଠରିକୁ ନେଇଥିଲେ। ତଥାପି ମହୁମାଛି ଦଳ ସେମାନଙ୍କୁ ଛାଡ଼ି ନ ଥିଲେ। ବାଧ୍ୟ ହୋଇ ସମସ୍ତେ ଏକ ପାଲ ଘୋଡ଼ାଇ ହୋଇଥିଲେ। ମହୁମାଛି ଆକ୍ରମଣରେ ଆହତ ଅନ୍ୟ ୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସର କ୍ୟାଣ୍ଡେଲ୍ ଶୋଭାଯାତ୍ରା

**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** କଟକ ଏସ୍‌ସିବିରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ରୋଗୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟର କ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯିବା ସହ ସେଠାରେ ଜିଲ୍ଲା କଂଗ୍ରେସର କର୍ମୀମାନେ ଏସ୍‌ସିବିରେ ରୋଗୀ ସୁରକ୍ଷା ପ୍ରତି ଉଦାସୀନ ଥିବା ଅଭିଯୋଗରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ଉଭୟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରୀହ ରୋଗୀଙ୍କ ହତ୍ୟାକାରୀ। ରାଜ୍ୟର ସବୁଠାରୁ ଭରସାଯୋଗ୍ୟ ସରକାରୀ ଚିକିତ୍ସାଳୟରେ ରୋଗୀ ଅସୁରକ୍ଷିତ। ତେଣୁ ରାଜ୍ୟରେ ସରକାରୀ ଚିକିତ୍ସାଳୟଗୁଡ଼ିକର ଅବସ୍ଥା କ'ଣ, ତା' ଏହି ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ସେହିପରି ଶ୍ରୀ ଜେନା ତୁରନ୍ତ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଓ ଆହତମାନଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଦାବି କରିଛନ୍ତି।

# ମାଟ୍ରିକ ଖାତାଦେଖା ଆରମ୍ଭ

### ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ଫଳାଫଳ!




**କଟକ,୧୯।୩(ସଂଚାର ବ୍ୟୁରୋ):** ଆଜିଠାରୁ ରାଜ୍ୟର ୩୦ଟି ଜିଲ୍ଲାର ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ଦେଖା ଆରମ୍ଭ ହୋଇଛି। ମାଟ୍ରିକ ଖାତା ଦେଖା ପାଇଁ ଏହି ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଜିଲ୍ଲା ଶିକ୍ଷାଧିକାରୀମାନେ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ମୂଲ୍ୟାୟନ ପାଇଁ ବିଭିନ୍ନ ବିଷୟର ପ୍ରାୟ ୧୫ ହଜାର ବରିଷ୍ଠ ସବ୍‌ଜେକ୍ଟ ଏକ୍ସପର୍ଟଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍‌ଇ) ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଚଳିତ ବର୍ଷ ଫେବ୍ରୁଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ମାଟ୍ରିକ୍ ପରୀକ୍ଷା ଶେଷ ହୋଇଛି। ରାଜ୍ୟର ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ୩୦୮୨ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଆସନ୍ତା ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ କରିବାକୁ ବୋର୍ଡ ଲକ୍ଷ୍ୟ ରଖିଛି। ଖାତାଦେଖା ପାଇଁ ଯେଉଁ ଶିକ୍ଷକଶିକ୍ଷୟିତ୍ରୀମାନଙ୍କର କିଛି ଜରୁରୀ ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି, ସେମାନେ ମେଡିକାଲ ସାର୍ଟିଫିକେଟ ସହ ବୋର୍ଡକୁ ଆବେଦନ କଲେ ସେମାନଙ୍କୁ ଖାତାଦେଖାରୁ ବିରତ ରଖାଯାଇପାରିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଏଥିସହ ଯେଉଁମାନେ ଚିଠି ପାଇ ଖାତାଦେଖାରେ ସଠିକ୍ ସମୟରେ ଯୋଗ ଦେବେ ନାହିଁ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ ସ୍ପଷ୍ଟ କରିଦେଇଛି। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ଏକ୍ସପର୍ଟ ଅନୁସାରେ ନିଜ ଅଞ୍ଚଳରେ ଖାତା ଦେଖିବାର ବ୍ୟବସ୍ଥା କରାଯାଇଛି। ଏଥିସହ ଖାତାଦେଖା ଦାୟିତ୍ୱରେ ନିୟୋଜିତ ଶିକ୍ଷକଶିକ୍ଷୟିତ୍ରୀମାନେ ସଠିକ ଭାବେ ମୂଲ୍ୟାୟନ କରିବାକୁ ମଧ୍ୟ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ

# ୨ ଭାଇ ମୃତ, ଜଣେ ଗୁରୁତର



**ଜହ୍ନାପଙ୍କ, ୧୯।୩ (ସଂଚାର ବ୍ୟୁରୋ) :** ବୌଦ୍ଧ ଥାନା ଅନ୍ତର୍ଗତ ଜହ୍ନାପଙ୍କ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଓ ଜଣେ ଆହତ ହୋଇଛନ୍ତି। ଭାରସାମ୍ୟ ହରାଇ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏପରି ଏକ ଅଘଟଣଘଟିଛି। ମୃତାହତ ୩ ବାଇକ୍ ଆରୋହୀ ସମ୍ପର୍କରେ ଭାଇ ବୋଲି ଜଣାପଡ଼ିଛି। ବଡ଼ ଓ ସାନ ଭାଇ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ମଝିଆଁ ଭାଇ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ରାତି ପ୍ରାୟ ୯ଟା ସମୟରେ ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ଅନ୍ତର୍ଗତ ପଳସପାଟ ଗ୍ରାମର ଗୋଟିଏ ପରିବାରର ତିନି ଭାଇ ବାଇକ ଯୋଗେ ଜହ୍ନାପଙ୍କ ପଟୁ ନିଜ ଗାଁକୁ ଫେରୁଥିଲେ। ହେଲେ ସେହି ସମୟରେ ତେଲିବନ୍ଧ ବୁଲାଣି ନିକଟରେ ଭାରସାମ୍ୟ ହରାଇ ସେମାନଙ୍କ ବାଇକଟି ପଣ୍ଡାଇ ବୁଲାଣି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିର ବେଗ ବେଶ୍ ଅଧିକ ଥିବାରୁ ଧକ୍କା ହେବା ଫଳରେ ରାସ୍ତା କଡ଼ରେ ଥିବା ତିନୋଟି ପିଲର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଓ ଗାଡିଟି ରାସ୍ତା କଡ଼ରେ ଥିବା ୧୦ ଫୁଟ ଡ୍ରେନ୍‌ରେ ଖସି ପଡ଼ିଛି। ତୁରନ୍ତ ସ୍ଥାନୀୟ ଲୋକେ ତିନି ଜଣ ଆହତଙ୍କୁ ଉଦ୍ଧାର କରି ଦୁଇଟି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଦିଲ୍ଲୀପ ଉର୍ମା ଓ ବିଜୟ ଉର୍ମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଭାଇ ରୋହିତ ଉର୍ମାଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ଆଜି ସକାଳେ ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଡାକ୍ତରଖାନାରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରି ତଦନ୍ତ କରୁଥିବା ଜଣାପଡ଼ିଛି।

# ପିକ୍‌ଅପ୍ ଭ୍ୟାନ୍‌ରୁ ମିଳିଲା ୧୦୦୦ ଲିଟର ମହୁଲି ମଦ



**ଆନନ୍ଦପୁର, ୧୯।୩ (ସଂଚାର ବ୍ୟୁରୋ) :** ପିକ୍‌ଅପ୍ ଭ୍ୟାନ୍ ଡାଲା ତଳେ ସିକ୍ରେଟ୍ ଚାମ୍ବର । ସିକ୍ରେଟ୍ ଚାମ୍ବରରେ ଭର୍ତ୍ତି ମହୁଲି ମଦ । ଲିଟରେ କି ଦୁଇ ଲିଟରେ ଏକାବେଳକେ ହଜାରେ ଲିଟରେ ମଦ । ଦୁର୍ଘଟଣା ପରେ ଏଭଳି ଘଟଣା ସାମ୍ନାକୁ ଆସିଛି । ସନ୍ଦେହରୁ ତଲାସି ବେଳେ ଧରାପଡ଼ିଲା ସତ । ସାମ୍ନାକୁ ଆସିଲା ସିକ୍ରେଟ୍ ଚାମ୍ବରର ସତ ।

ଭଦ୍ରକ ୫୩ ନଂ ରାଜ୍ୟ ରାଜପଥର ବେତିରା ଛକ ନିକଟରେ ଯିବାବେଳେ ଜଣେ ମହିଳା ସ୍କୁଟି ଚାଳକଙ୍କୁ ଧକ୍କା ଦେଇଥିଲା ପିକ୍‌ଅପ୍ ଭ୍ୟାନ୍ । ଦୁର୍ଘଟଣା ପରେ ପୋଲିସ ମହିଳାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା । ଏହାସହ ପିକ୍‌ଅପ୍ ଚାଳକ ଓ ହେଲପରକୁ ନେଇ ଥାନାରେ ଅଟକ ରଖିଥିଲା ନନ୍ଦିପଦା ପୋଲିସ । ତେବେ ଉଭୟଙ୍କୁ ଜେରା କରିବା ସମୟରେ ପୋଲିସର ସେମାନଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ସନ୍ଦେହ ହେବାରୁ ପିକ୍‌ଅପ୍ର ତଲାସି ଆରମ୍ଭ କରିଥିଲା ପୋଲିସ ।

ତଲାସି ବେଳେ ପିକ୍‌ଅପ୍ ଭ୍ୟାନ୍‌ର ଡାଲା ତଳେ ଥିବା ସିକ୍ରେଟ୍ ଚାମ୍ବରକୁ ଖୋଜି ପାଇଥିଲା ପୋଲିସ। ଏହାସହ ତା ଭିତରେ ଥିବା ପ୍ରାୟ ହଜାରେ ଲିଟର ମହୁଲି ମଦ ବାହାରିଥିଲା । ମୟୁରଭଞ୍ଜ ଜିଲ୍ଲା ମହୁଲଡିହା ଅଞ୍ଚଳରୁ ମହୁଲି ମଦ ଆଣି ଭଦ୍ରକକୁ ଚାଲାଣ କରୁଥିବା ଉଭୟ ଡ୍ରାଇଭର ଓ ହେଲପର ସ୍ୱୀକାର କରିଥିଲେ। ଏହି ଘଟଣାରେ ନନ୍ଦିପଦା ପୋଲିସ ଏକ ମାମଲା ରୁଜୁ କରି ଡ୍ରାଇଭର ଅବିନାଶ ଦାସ ଓ ହେଲପର ସତୀଶ ବଳକୁ ଗିରଫ କରିଛି । ଉଭୟ ବାଲେଶ୍ୱର ଜିଲ୍ଲା ଖଡ୍ଡାପଡା ଅଞ୍ଚଳର ହୋଇଥିବା ସୂଚନା ମିଳିଛି ।

# କେମିକାଲ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ



**ସମ୍ବଲପୁର,୧୯।୩(ସଂଚାର ବ୍ୟୁରୋ):** କେମିକାଲ ଫ୍ୟାକ୍ଟ୍ରିରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ସମ୍ବଲପୁର ଜୟନ୍ତପୁର ଛକ ନିକଟରେ ଥିବା ଉକ୍ତ କେମିକାଲ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟିଥିଲେ ହେଁ ସୌଭାଗ୍ୟବଶତଃ ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। କିନ୍ତୁ ନିଆଁ ଲାଗିବାର କାରଣ ନେଇ କିଛି ବି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଖବର ପାଇ ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲା। ତେବେ ଏହି ଫ୍ୟାକ୍ଟ୍ରିରେ ଏହାର ପ୍ରଥମ ଅଗ୍ନିକାଣ୍ଡ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଏଠାରେ ୩ ଥର ନିଆଁ ଲାଗିଥିବା ଜଣାପଡ଼ିଛି।

# ଆରଆଇଙ୍କୁ ମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ



ଜମିଜମା ସଂକ୍ରାନ୍ତରେ ହଇରାଣ କରୁଥିବା ଅଭିଯୋଗ

**ଚାନ୍ଦବାଲି,୧୯।୩(ସଂଚାର ବ୍ୟୁରୋ):** ଗତକାଲି ଜଣେ ଆର୍‌ଆଇଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଜଣେ ଯୁବକ ମାଡ଼ ମାରିଥିବା ବେଳେ ଆଜି ଉକ୍ତ ଯୁବକଙ୍କୁ ପୁଲିସ୍ ଗିରଫ କରିଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲର ଆରଆଇ ତାପସ ଜେନାଙ୍କୁ ଗତକାଲି ସୁବାସ ଦାସ ନାମକ ଯୁବକ ମାଡ଼ ମାରିଥିଲେ। ଏହି ସମୟର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ତାଙ୍କୁ ଆଜି ବାଂଶଡ଼ା ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ତେବେ ଯୁବକ ଜଣଙ୍କ କେଉଁଥିପାଇଁ ଏପରି କାଣ୍ଡ ଭିଆଇଲେ, ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ସୁବାସଙ୍କୁ ଜମିଜମା ମାମଲାରେ ନିଜ କ୍ଷମତାର ଅପବ୍ୟବହାର କରି ସମ୍ପୃକ୍ତ ଆର୍‌ଆଇ ଜଣଙ୍କ ହଇରାଣ ହରକତ କରୁଥିବା ମୁଖ୍ୟ କାରଣ ବୋଲି ନିଜେ ଅଭିଯୁକ୍ତ ସ୍ପଷ୍ଟ କରିଛନ୍ତି। ସୁବାସଙ୍କ ଶ୍ୱଶୂର ଘର ସମ୍ପତ୍ତିକୁ ନେଇ କିଛି ବିବାଦ ଥିବା ବେଳେ ଏହାର ସମାଧାନ କରିବାରେ ସମ୍ପୃକ୍ତ ଆର୍‌ଆଇ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। କଟିଯାଇଥିବା ନାଁ ଯୋଡ଼ି ଦେବାକୁ କହି ଶ୍ରୀ ଜେନା ବାରମ୍ବାର ସୁବାସଙ୍କୁ ଅଫିସକୁ ଡାକୁଥିଲେ ମଧ୍ୟ ତାଙ୍କ ସମସ୍ୟାର ସମାଧାନ କରୁନଥିଲେ। ତେଣୁ କ୍ରୋଧାନ୍ୱିତ ହୋଇ ସୁବାସ ଗତକାଲି ଅପରାହ୍ନରେ କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀ ଜେନାଙ୍କୁ ଜମିଜମା ବିବାଦ ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସୁବାସ ଉତ୍କ୍ଷିପ୍ତ ହୋଇ ଶ୍ରୀ ଜେନାଙ୍କୁ ଭୀଷଣ ମାଡ଼ ମାରିଥିଲେ।

### ବାହାଘର ଭୋଜିରେ ରକ୍ତପାତ

# ଶଳାକୁ ଗୁଳିକଲା ନିଶାସକ୍ତ ଭିଣୋଇ

**ବୌଦ୍ଧ,୧୯।୩(ସଂଚାର ବ୍ୟୁରୋ):** ବାହାଘର ଭୋଜିରେ ଘଟିଲା ରକ୍ତପାତ। ନିଶା ସେବନ କରି ନିଜ ଶଳାକୁ ଭିଣୋଇ ଗୁଳି କରିଛି। ବୌଦ୍ଧ ଜିଲ୍ଲା ବଘିଆପଡ଼ା ଫାଣ୍ଡି ଚାରିଆପାଲି ଗାଁରେ ଘଟିଛି ଏଭଳି ଏକ ସାଂଘାତିକ ଘଟଣା। ଗୁଳିମାଡ଼ରେ ଶାଳକ ମିଥୁନ ମଲ୍ଲିକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅଭିଯୁକ୍ତ ଭିଣୋଇ ଏକାଦଶୀ ମଲ୍ଲିକଙ୍କୁ ଗ୍ରାମବାସୀ କାବୁ କରିଛନ୍ତି। ଗାଁରେ ଏକ ବାହାଘର ଭୋଜି ଚାଲିଥିବା ସମୟରେ ଏକାଦଶୀ ପ୍ରଚୁର ନିଶା ସେବନ କରିଥିବା ବେଳେ କୌଣସି କାରଣକୁ ତାଙ୍କର ଶଳା ମିଥୁନ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଏକାଦଶୀ ଏକ ଦେଶୀ ବନ୍ଧୁକ ବାହାର କରି ମିଥୁନଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି ମିଥୁନଙ୍କ କାନ୍ଧରେ ବାଜିବାରୁ ସେ ରକ୍ତାକ୍ତ ଅବସ୍ଥାରେ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ପ୍ରଥମେ ବୌଦ୍ଧ ହସ୍ପିଟାଲ ଓ ପରେ ଅବସ୍ଥା ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଉତ୍ତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତ ଭିଣୋଇ ଏକାଦଶୀଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧିଦେବା ସହ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ବଘିଆପଡ଼ା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଛି।

### ● ବେପରୁଆ ଗାଡି ଚଳାଇ ଫସିଗଲେ

# ପଥର ଚୋରାଚାଲାଣ, ୫ ଟ୍ରାକ୍ଟର ଓ ଜେସିବି ଜବତ କଲେ ଉପଜିଲ୍ଲାପାଳ




**ଉଦଳା, ୧୯।୩ (ସଂଚାର ବ୍ୟୁରୋ) :** ଚୋରା ପଥର ବୋଝେଇ ଟ୍ରାକ୍ଟର । ବେପରୁଆ ଗାଡି ଚଳାଇ ଫସିଗଲେ । ପିଛା କରି ମାଡ଼ିବସିଲେ ଉପଜିଲ୍ଲାପାଳ। ସନ୍ଦେହରୁ ଧରାପଡିଗଲା ସତ । ବେଆଇନ ପଥର ଖାଦାନରେ ପହଞ୍ଚିଗଲେ ଉପଜିଲ୍ଲାପାଳ। ପଥର ଚୋରା ଚାଲାଣ କରୁଥିବା ୫ ଟ୍ରାକ୍ଟର ସହିତ ଜେସିବି ଜବତ। ସୂଚନାଯୋଗ୍ୟ ଯେ, ଉପଜିଲ୍ଲାପାଳ ମିଟିଂ ପାଇଁ ଯାଉଥିବା ବେଳେ ବେପରୁଆ ଭାବେ ଦ୍ରୁତଗତିରେ ଏକ ଟ୍ରାକ୍ଟର ତାଙ୍କ ଗାଡ଼ିକୁ ଓଭରଟେକ୍ କରିଥିଲା । ଏହି ସମୟରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ସନ୍ଦେହ ହୋଇଥିଲା। ଯାହା ଫଳରେ ଟ୍ରାକ୍ଟରକୁ ପିଛା କରିଥିଲେ ଉପଜିଲ୍ଲାପାଳ । ପିଛାକରି ଉଦଳା ତହସିଲ ଶିରିପୁର ହୁଡ଼ିସାହିରେ ଚାଲିଥିବା ବେଆଇନ ପଥର ଖାଦାନରେ ପହଞ୍ଚିଥିଲେ ଉପଜିଲ୍ଲାପାଳ । ଆଉ ସେଠାରେ ବେଆଇନ ପଥର ଉତ୍ତୋଳନ କରାଯାଉଥିବା ଦେଖିବାକୁ ପାଇଥିଲେ। ଏହା ଦେଖି କାବା ହୋଇଯାଇଥିଲେ ଉପଜିଲ୍ଲାପାଳ । ସରକାରୀ ଜାଗାରେ ଥିବା ପଥର ଏବଂ ମାଟିକୁ ଦିନ ଦ୍ୱିପ୍ରହରରେ ମାଫିଆ ଚୋରା ଚାଲାଣ କରୁଥିଲେ । ସେଠାରେ ନିୟୋଜିତ ଗୋଟିଏ ଜେସିବି ସହିତ ୫ ଟ୍ରାକ୍ଟରକୁ ଜବତ କରିଥିଲେ ଉପଜିଲ୍ଲାପାଳ । ଜବତ ଟ୍ରାକ୍ଟର ବାବଦରେ ମାଇନିଙ୍ଗ ବିଭାଗକୁ ଖବର ଦିଆଯିବା ସହିତ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ।

### ପ୍ରସୂତି ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା

# ପୁଲିସ ସହ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି



**ଜଗତସିଂହପୁର,୧୯।୩(ସଂଚାର ବ୍ୟୁରୋ):** ଗତକାଲି ଚିକିତ୍ସାଜନିତ ଅବହେଳା ଯୋଗୁଁ ଏଠାକାର ଏକ ଘରୋଇ ହସ୍ପିଟାଲରେ ଜନୈକା ପ୍ରସୂତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଥିଲା। ଏହି ଘଟଣା ପ୍ରତିବାଦରେ ଗତକାଲି ଆରମ୍ଭ ହୋଇଥିବା ଉତ୍ତେଜନା ଆଜି ମଧ୍ୟ ଥମିବାର ନାଁ ନେଇନାହିଁ। ଆଜି ବ୍ୟବଚ୍ଛେଦ ପରେ ଭୁବନେଶ୍ୱରରୁ ମୃତଦେହ ଆସି ଏଠାରେ ପହଞ୍ଚିଥିଲା। ତେବେ ଉତ୍ତ୍ୟକ୍ତ ଲୋକେ ସହରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପ୍ରସୂତୀଙ୍କ ମୃତଦେହ ରଖି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ସେମାନଙ୍କୁ ଏଥିରୁ ବିରତ କରିବା ସକାଶେ ସ୍ଥାନୀୟ ପୁଲିସ୍ ପକ୍ଷରୁ ଉଦ୍ୟମ ହେବା ସମୟରେ ସେମାନଙ୍କର ଆନ୍ଦୋଳନକାରୀଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଅଧିକ ଉଗ୍ର ହୋଇଛି। ତେବେ ପରିସ୍ଥିତି ଉପରେ ନଜର ରଖିବା ସକାଶେ ପୁଲିସ୍‌ର ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

ସୂଚନାଯୋଗ୍ୟ ଯେ, ବୁଆରଦୋନ୍ଦ ଗାଁର ସଙ୍ଗୀତା ସାହୁ ନାମ୍ନୀ ପ୍ରସୂତୀ ଏଠାକାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଜନିତ ଅବହେଳାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏଥିରେ ପରିବାର ଲୋକେ ଓ ସମ୍ପର୍କୀୟ ଉତ୍ତ୍ୟକ୍ତ ହୋଇ ହସ୍ପିଟାଲ ଉପରକୁ ଟେକାପଥର ମାଡ଼ କରିଥିଲେ। ଇତିମଧ୍ୟରେ ଘଟଣାକୁ ଦୁଇ ଦିନ ପୂରିଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ କୌଣସି ପ୍ରକାର ପ୍ରତିକ୍ରିୟା ଦିଆଯାଇନାହିଁ।

### ଲୋକ ଭବନରେ ଉଗାଦି ଓ ଗୁଡ଼ି ପଡ଼ୱା ଉତ୍ସବ ପାଳିତ

# ବିବିଧ ସଂସ୍କୃତି ଓ ପରମ୍ପରାର ସହାବସ୍ଥାନ ହିଁ ପ୍ରକୃତ ସୌନ୍ଦର୍ଯ୍ୟ

**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଭାରତର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ବିବିଧତା, ଯାହା ମଧ୍ୟରେ ଶକ୍ତିଶାଳୀ ଏକତା ରହିଛି। ଏହି ବିବିଧ ସଂସ୍କୃତି ଓ ପରମ୍ପରାର ସହାବସ୍ଥାନ ହିଁ ଆମ ଦେଶର ପ୍ରକୃତ ସୌନ୍ଦର୍ଯ୍ୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଲୋକଭବନର ନ୍ୟୁ ଅଭିଷେକ ହଲଠାରେ ଅନୁଷ୍ଠିତ ତେଲୁଗୁ ନବ ବର୍ଷ ଉଗାଦି ଓ ମରାଠୀ ନବବର୍ଷ ଗୁଡ଼ି ପଡ଼ୱା ଉତ୍ସବ ପାଳନ ଅବସରରେ ରାଜ୍ୟପାଳ ଏହି ବାର୍ତ୍ତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ 'ଏକ ଭାରତ ଶ୍ରେଷ୍ଠ ଭାରତ' ଆଧାରରେ ଏହି ଉତ୍ସବର ପାଳନ ଦ୍ୱାରା ବିଭିନ୍ନ ଗୋଷ୍ଠୀର ଲୋକେ ଏକତ୍ରିତ ହୋଇ ପରସ୍ପରର ପରମ୍ପରାକୁ ବୁଝି ଦେଶର ଭାବନାତ୍ମକ ଓ ସାଂସ୍କୃତିକ ବନ୍ଧନକୁ ଆହୁରି ଦୃଢ଼ କରିଥାନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଉତ୍ସବରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ଉପସ୍ଥିତ ତେଲୁଗୁ ଓ ମରାଠୀ ଗୋଷ୍ଠୀର ଆମନ୍ତ୍ରିତ ଅତିଥିଙ୍କୁ ରାଜ୍ୟପାଳ ସ୍ୱାଗତ ଜଣାଇବା ସହ ସେମାନଙ୍କୁ ଉଗାଦି ଓ ଗୁଡ଼ି ପଡ଼ୱାର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହିପରି ଉତ୍ସବ କେବଳ ସାଂସ୍କୃତିକ ଉତ୍ସବ ପାଳନ ନୁହେଁ, ବରଂ ଏହା ଆମର ଆତ୍ମାର ଜାଗରଣ, ବନ୍ଧନକୁ ଦୃଢ଼ ଏବଂ ଆଶା ସହ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଏ ବୋଲି ରାଜ୍ୟପାଳ କହିଛନ୍ତି। ଉଗାଦି ଉତ୍ସବ ସମ୍ପର୍କରେ ରାଜ୍ୟପାଳ କହିଛନ୍ତି ଯେ ଏହା ତେଲୁଗୁ ନୂଆ ବର୍ଷର ଆରମ୍ଭ। ଚୈତ୍ର ମାସର ପ୍ରଥମ ଦିନରେ ଏହା ପାଳନ କରାଯାଏ ଏବଂ ବସନ୍ତର ଆଗମନ ଓ ଜୀବନର ନୂତନ ଚକ୍ରର ଆରମ୍ଭକୁ ଏହା ସୂଚିତ କରେ। 'ଉଗାଦି' ଶବ୍ଦଟି ସଂସ୍କୃତ ଶବ୍ଦ 'ଯୁଗ' ଓ 'ଆଦି'ରୁ ଉତ୍ପନ୍ନ ହୋଇଛି ଯାହା ଆମ ଜୀବନରେ ନୂତନ ଯୁଗ ଆରମ୍ଭର ପ୍ରତୀକ। ଉଗାଦିର ସବୁଠାରୁ ସୁନ୍ଦର ପରମ୍ପରା ହେଉଛି, ଉଗାଦି ପାଚଡ଼ି ପ୍ରସ୍ତୁତି ଯାହା ୬ ପ୍ରକାରର ଉପାଦାନରୁ ତିଆରି ହୋଇଥାଏ। ସେହିପରି ମରାଠୀ ନବବର୍ଷ ଗୁଡ଼ି ପଡ଼ୱା ଗଭୀର ସାଂସ୍କୃତିକ ଓ ଐତିହାସିକ ମହତ୍ତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ। ଏହା ହିନ୍ଦୁ ପଞ୍ଜିକା ଅନୁଯାୟୀ ନୂଆ ବର୍ଷର ଆରମ୍ଭ ଓ ନବୀକରଣ, ସମୃଦ୍ଧି ଓ ବିଜୟର ପ୍ରତୀକ। ଏହିଦିନ ପରିବାରବର୍ଗ ଘର ବାହାରେ ଗୁଡ଼ି ଉତ୍ତୋଳନ କରିଥାନ୍ତି ଯାହା ବିଜୟ, ପବିତ୍ରତା ଓ ଆଗାମୀ ବର୍ଷରେ ସମୃଦ୍ଧିର ଆଶାକୁ ପ୍ରତିଫଳିତ କରେ। ପରମ୍ପରା ଅନୁଯାୟୀ, ଏହିଦିନ ଭଗବାନ ରାମଙ୍କର ରାବଣ ଉପରେ ବିଜୟ ସହ ମଧ୍ୟ ଜଡ଼ିତ ଯାହା ଧର୍ମର ଅଧର୍ମ ଉପରେ ବିଜୟର ପ୍ରତୀକକୁ ସୂଚିତ କରେ ବୋଲି ସେ କହିଥିଲେ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଶେୟାର ମାର୍କେଟ୍‌ରେ ହାହାକାର

# ଘଣ୍ଟାକରେ ନିବେଶକ ୭.୬ ଲକ୍ଷ କୋଟି ସ୍ୱାହା



ମୁମ୍ବାଇ,୧୯।୩: ଭାରତୀୟ ଷ୍ଟକ ବଜାରରେ ଗୁରୁବାର ହାହାକାର ଦେଖିବାକୁ ମିଳିଛି। ବଜାର ଖୋଲିବାର ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ନିବେଶକମାନେ ପ୍ରାୟ ୭.୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ପ୍ରାରମ୍ଭିକ କାରବାରରେ, ଉଭୟ ବେଞ୍ଚମାର୍କ ସୂଚକାଙ୍କ ୨ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା। ସକାଳ ପ୍ରାୟ ୯:୨୩ ସମୟରେ, ବିଏସ୍ଇ ସେନସେକ୍ସ ୧,୫୪୮.୮୫ ପଏଣ୍ଟ ହ୍ରାସ ପାଇ ୭୫,୧୫୫.୨୮କୁ ପହଞ୍ଚିଥିଲା। ଏନ୍ଏସ୍ଇ ନିଫ୍ଟି ୫୦ ୪୫୮.୩୫ ପଏଣ୍ଟ ହ୍ରାସ ପାଇ ୨୩,୩୧୯.୪୫ରେ ପହଞ୍ଚିଥିଲା। ଆଜି ବଜାରରେ ଯେଉଁ ହ୍ରାସ ଘଟିଛି ତାହା କୌଣସି ଗୋଟିଏ କାରଣ ଯୋଗୁ ନୁହେଁ, ବରଂ ଅନେକ କାରଣ ଯୋଗୁ ହୋଇଛି। ଏଥିରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି, ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି, ବିଦେଶୀ ନିବେଶକଙ୍କ ଦ୍ୱାରା ନିରନ୍ତର ପ୍ରବାହ ଏବଂ ଦୁର୍ବଳ ବିଶ୍ୱ ସଙ୍କେତ ସାମିଲ ଅଛି। ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଶେୟାର ମାର୍କେଟ୍ ହ୍ରାସ ପଛରେ ଏକ ପ୍ରମୁଖ କାରଣ। ଇରାନ କତାରର ରାସ ଲାଫାନ ଶିଳ୍ପ ସହର, ସାଉଦି ଆରବର ରାସ ଟାନୁରା ରିଫାଇନାରୀ ଏବଂ ଜୁବେଲ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଏବଂ ୟୁଏଇର ହାବଶାନ ଗ୍ୟାସ ସୁବିଧାକୁ ଟାର୍ଗେଟ କରିଥିଲା। ଏହି ସମୟରେ, ଇସ୍ରାଏଲ ମଧ୍ୟ ଇରାନର ଦକ୍ଷିଣ ପାର୍ସ ଗ୍ୟାସ କ୍ଷେତ୍ର ଉପରେ ବିମାନ ଆକ୍ରମଣ ଆରମ୍ଭ କରିଥିଲା। ଏଗୁଡ଼ିକ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ସମ୍ପତ୍ତି। ଫଳସ୍ୱରୂପ, ଏହି ସୁବିଧାଗୁଡ଼ିକର ଯେକୌଣସି କ୍ଷତି ଭବିଷ୍ୟତରେ ଶକ୍ତି ସଙ୍କଟ ଆହୁରି ଗଭୀର ହୋଇପାରେ ବୋଲି ଆଶଙ୍କା ସୃଷ୍ଟି କରେ। ଆଜି ଭାରତୀୟ ଟଙ୍କା ମଧ୍ୟ ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚି ୯୩.୩୮ ଛୁଇଁଛି। ଏହି ଅବମୂଲ୍ୟାୟନ ବିଦେଶୀ ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି, ଯାହା ଫଳରେ ବଜାରରେ ବିକ୍ରୟ ଚାପ ବୃଦ୍ଧି ପାଇଛି।

## ବଢ଼ିବ କି ପେଟ୍ରୋଲ ଡିଜେଲ ଦାମ୍ ?



# ୧୧୦ ଡଲାର ପାର୍ କଲା ବ୍ରେଣ୍ଟ କ୍ରୁଡ୍ ଦାମ୍

ନୂଆଦିଲ୍ଲୀ,୧୯।୩ : ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ଅପ୍ରତ୍ୟାଶିତ ବୃଦ୍ଧି ଦେଖିବାକୁ ମିଳିଛି। ଗତ କିଛି ଦିନ ଧରି ୧୦୦ ରୁ ୧୦୨ ଡଲାର ମଧ୍ୟରେ ସୀମିତ ଥିବା ବ୍ରେଣ୍ଟ କ୍ରୁଡ୍ ହଠାତ୍ ଲମ୍ବା ଡିଆଁ ମାରି ୧୧୧ ଡଲାର ଅତିକ୍ରମ କରିଛି। ଏହି ଅହେତୁକ ଦରବୃଦ୍ଧି ଯୋଗୁଁ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଏବଂ ମୁଦ୍ରାସ୍ଫୀତି ବଢ଼ିବା ଆଶଙ୍କା ଦେଖାଦେଇଛି, ଯାହାର ସିଧାସଳଖ ପ୍ରଭାବ ସାଧାରଣ ଜନତାଙ୍କ ପକେଟ୍ ଉପରେ ପଡ଼ିବାକୁ ଯାଉଛି । ସୂଚନା ଅନୁଯାୟୀ, ବ୍ରେଣ୍ଟ କ୍ରୁଡ୍ ଦରରେ ୪.୧୭ ପ୍ରତିଶତ ଅର୍ଥାତ୍ ପ୍ରାୟ ୪.୪୮ ଡଲାରର ବୃଦ୍ଧି ଘଟିଛି । ଏବେ ଏହା ବ୍ୟାରେଲ ପିଛା ୧୧୧.୮୬ ଡଲାରରେ ପହଞ୍ଚିଛି । ଗତ ଏକ ବର୍ଷ ମଧ୍ୟରେ ଏହି ଦରରେ ପ୍ରାୟ ୫୫% ବୃଦ୍ଧି ରେକର୍ଡ କରାଯାଇଛି । ସେହିପରି ଆମେରିକୀୟ ବେଞ୍ଚମାର୍କ ଡବ୍ଲୁଟିଆଇ କ୍ରୁଡ୍ ମଧ୍ୟ ୩.୪୮% ବୃଦ୍ଧି ସହ ୯୯.୬୭ ଡଲାରରେ ପହଞ୍ଚିଛି । ତୈଳ ଦର ବୃଦ୍ଧି ପରେ ପୁଞ୍ଜି ବଜାରରେ ଭୟର ବାତାବରଣ ଖେଳିଯାଇଛି । ଭାରତ: ଗିଫ୍ଟ ନିଫ୍ଟିରେ ୨.୪୫% ର ବଡ଼ ହ୍ରାସ ଘଟିଛି । ଆମେରିକା: ଡାଓ ଜୋନ୍ସ ୧.୬୩% ଏବଂ ଏସଏଣ୍ଡପି ୫୦୦ରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି । ଏସିଆ: ଜାପାନର ନିକ୍କେଇ ୨.୫୫% ଖସି ନାଲି ସଙ୍କେତରେ ବନ୍ଦ ହୋଇଛି । ଅଶୋଧିତ ତୈଳ ଦର ବଢ଼ିଲେ ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଯାହା ଫଳରେ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ପ୍ରତ୍ୟେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ୍ ବଢ଼ିବା ନିଶ୍ଚିତ । ଯଦି ଏହି ସ୍ଥିତି ଜାରି ରହେ, ତେବେ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ପୁଣି ଥରେ ଆକାଶଛୁଆଁ ହୋଇପାରେ ।



# ଏଣିକି ରିଲ୍ସ କରି ହୋଇପାରିବେ ଲକ୍ଷପତି



ନୂଆଦିଲ୍ଲୀ,୧୯।୩: ମେଟା-ମାଲିକାନାରେ ଥିବା ଫେସବୁକ୍ ଆରମ୍ଭ କରିଛି କ୍ରିଏଟର ଫାଷ୍ଟ ଟ୍ରାକ୍ ପ୍ରୋଗ୍ରାମ୍। କମ୍ପାନିର ଏହି ପଦକ୍ଷେପର ଲକ୍ଷ୍ୟ କ୍ରିଏଟରମାନଙ୍କୁ ଟଙ୍କା ରୋଜଗାର କରିବାର ସୁଯୋଗ ପ୍ରଦାନ କରିବା। ଏହି ପ୍ରୋଗ୍ରାମ କ୍ରିଏଟରମାନଙ୍କୁ ଗ୍ୟାରେଣ୍ଟି ପେମେଣ୍ଟ ଏବଂ ବର୍ଦ୍ଧିତ କଣ୍ଟେଣ୍ଟ ରିଚ ସହିତ ଫେସବୁକରେ ସେମାନଙ୍କର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଏହି ନୂଆ ପ୍ରୋଗ୍ରାମ କ୍ରିଏଟର ଅର୍ଥନୀତିରେ ଫେସବୁକର ବର୍ଦ୍ଧିତ ପ୍ରତିବଦ୍ଧତା ଏବଂ ନିବେଶର ଏକ ଅଂଶ।

କମ୍ପାନୀ କହିଛି, "ଅନ୍ୟ ପ୍ଲାଟଫର୍ମରେ ଫଲୋର୍ସ ଅଧିକ ଆଣିଥିବା କ୍ରିଏଟରମାନଙ୍କଠାରୁ ଆମେ ଶୁଣିଛୁ ଯେ ଫେସବୁକରେ ଆରମ୍ଭ କରିବା କେତେ କଷ୍ଟକର ହୋଇପାରେ, ତେଣୁ ସେମାନଙ୍କ ପାଇଁ ଆରମ୍ଭ କରିବା ସହଜ ଏବଂ ଦ୍ରୁତ କରିବା ପାଇଁ ଆମେ କ୍ରିଏଟର ଫାଷ୍ଟ ଟ୍ରାକ୍ କାର୍ଯ୍ୟକ୍ରମ ଆରମ୍ଭ କରୁଛୁ। କ୍ରିଏଟର ଫାଷ୍ଟ ଟ୍ରାକ୍ ଫେସବୁକରେ ନୂଆ ଆସିଥିବା ପ୍ରତିଷ୍ଠିତ କ୍ରିଏଟରମାନଙ୍କ ପାଇଁ ପ୍ଲାଟଫର୍ମରେ ବୃଦ୍ଧି ଏବଂ ସଫଳ ହେବା ପୂର୍ବ ଅପେକ୍ଷା ସହଜ କରିବ। ଏହି କାର୍ଯ୍ୟକ୍ରମରେ କ୍ରିଏଟରମାନେ ଯୋଗ୍ୟ ରିଲ୍ସରେ ବର୍ଦ୍ଧିତ ପହଞ୍ଚ ପାଇବେ, ସେମାନଙ୍କର ଅନୁସରଣକାରୀଙ୍କ ବୃଦ୍ଧିକୁ ତ୍ୱରାନ୍ୱିତ କରିବେ ଏବଂ ଫେସବୁକରେ ଯୋଗ୍ୟ ରିଲ୍ସ ସେୟାର କରିବା ପାଇଁ ତିନି ମାସର ଗ୍ୟାରେଣ୍ଟି ପେମେଣ୍ଟ ପାଇବେ।"

ପ୍ରତି ମାସରେ ଲକ୍ଷ ଲକ୍ଷ ରୋଜଗାର

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା କ୍ରିଏଟରମାନେ ଯଦି ଇନଷ୍ଟାଗ୍ରାମ, ଟିକଟକ୍ କିମ୍ବା ୟୁଟ୍ୟୁବରେ ଅତି କମରେ ୧୦୦,୦୦୦ ଫଲୋଅର୍ସ ଥାଆନ୍ତି ତେବେ ସେମାନେ ପ୍ରତି ମାସରେ ୧,୦୦୦ (ପ୍ରାୟ ୯୩,୩୯୭ଟଙ୍କା) ରୋଜଗାର କରିପାରିବେ, କିମ୍ବା ଯଦି ଏହି ପ୍ଲାଟଫର୍ମଗୁଡ଼ିକ ମଧ୍ୟରୁ ଅତି କମରେ ଗୋଟିଏରେ ସେମାନଙ୍କର ଦଶ ଲକ୍ଷରୁ ଅଧିକ ଫଲୋଅର୍ସ ଥାଆନ୍ତି ତେବେ ସେମାନେ ପ୍ରତି ମାସରେ ୩,୦୦୦ (ପ୍ରାୟ ୨୮୦,୧୯୩ଟଙ୍କା) ରୋଜଗାର କରିପାରିବେ। ଏହି ପ୍ରୋଗ୍ରାମ କ୍ରିଏଟରମାନଙ୍କୁ ଫେସବୁକ୍ କଣ୍ଟେଣ୍ଟ ମନିଟାଇଜେସନ୍ ତୁରନ୍ତ ହେବ, ଯାହା ସେମାନଙ୍କୁ ଆହୁରି ଅଧିକ ରୋଜଗାର କରିବାକୁ ଅନୁମତି ଦେବ ଏବଂ କ୍ରିଏଟର ଫାଷ୍ଟ ଟ୍ରାକ୍ ପ୍ରୋଗ୍ରାମ୍ ଶେଷ ହେବା ପରେ ମଧ୍ୟ ସେମାନଙ୍କର ଯୋଗ୍ୟ କଣ୍ଟେଣ୍ଟରୁ ରୋଜଗାର ଜାରି ରଖିଥାଏ। ୨୦୨୫ ମସିହାରେ, ଫେସବୁକ୍ ଏହାର କ୍ରିଏଟର ମନିଟାଇଜେସନ୍ ପ୍ରୋଗ୍ରାମ ମାଧ୍ୟମରେ ବିଷୟବସ୍ତୁ କ୍ରିଏଟରମାନଙ୍କୁ ପ୍ରାୟ ୩ ବିଲିୟନ ଡଲାର ପ୍ରଦାନ କରିଛି। ଯାହା ପୂର୍ବ ବର୍ଷ ତୁଳନାରେ୩୫ ପ୍ରତିଶତ ବୃଦ୍ଧି ଏବଂ ଏପର୍ଯ୍ୟନ୍ତ ସର୍ବାଧିକ ବାର୍ଷିକ ମୋଟ।

# ଭାରତରେ ବଢୁଛି ଘରଭଡ଼ା ଖର୍ଚ୍ଚ




ନୂଆଦିଲ୍ଲୀ,୧୯।୩: ୨୦୨୬ ମାର୍ଚ୍ଚ ମାସର ସଦ୍ୟତମ 'ନମ୍ବିଓ' ରିପୋର୍ଟ ଅନୁଯାୟୀ, ଭାରତରେ ଜୀବନଶୈଳୀ ଏବଂ ସହର ଅନୁସାରେ ରହିବା ଖର୍ଚ୍ଚରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନର ଆକଳନ ଅନୁସାରେ, ଭାରତରେ ଜଣେ ବ୍ୟକ୍ତିଙ୍କୁ ମାସିକ ପ୍ରାୟ ୨୭,୩୦୦ ଟଙ୍କା ଏବଂ ଚାରିଜଣିଆ ପରିବାର ପାଇଁ ପ୍ରାୟ ୯୮,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି, ଯେଉଁଥିରେ ଘରଭଡ଼ା ଅନ୍ତର୍ଭୁକ୍ତ ନାହିଁ। ଦେଶର ମହାନଗରଗୁଡ଼ିକ ମଧ୍ୟରେ ମୁମ୍ବାଇ ସବୁଠାରୁ ବ୍ୟୟବହୁଳ ସହର ଭାବେ ଉଭା ହୋଇଥିବାବେଳେ ଏଠାରେ ଜଣେ ବ୍ୟକ୍ତିଙ୍କ ମାସିକ ଖର୍ଚ୍ଚ ୩୦,୦୦୦ ରୁ ୬୦,୦୦୦ ଟଙ୍କା ମଧ୍ୟରେ ରହୁଛି। ଅନ୍ୟପଟେ କୋଲକାତା ଏବଂ ଚେନ୍ନାଇ ପରି ସହରଗୁଡ଼ିକ ତୁଳନାତ୍ମକ ଭାବେ ଶସ୍ତା ରହିଛି। ବିଶେଷ କରି ଘରଭଡ଼ା ଏବଂ ପରିବହନ ଖର୍ଚ୍ଚ ଯୋଗୁଁ ମୁମ୍ବାଇ ଓ ଦିଲ୍ଲୀରେ ରହିବା କଷ୍ଟକର ହେଉଥିବାବେଳେ ହାଇଦ୍ରାବାଦ ଏବଂ ପୁଣେ ପରି ସହରଗୁଡ଼ିକରେ ଲୋକଙ୍କ କ୍ରୟ ଶକ୍ତି ଅଧିକ ରହୁଥିବାରୁ ଏହା ରହିବା ପାଇଁ ଉତ୍ତମ ବିକଳ୍ପ ସାଜିଛି। ସାଧାରଣ ଖର୍ଚ୍ଚକୁ ଦେଖିଲେ, ସହରର ମୁଖ୍ୟାଞ୍ଚଳରେ ଏକ ଭଲ ଘରଭଡ଼ା ପ୍ରାୟ ୧୪,୦୦୦ ଟଙ୍କା ଥିବାବେଳେ ବାହାର ଅଞ୍ଚଳରେ ଏହା ୯,୦୦୦ ଟଙ୍କା ମଧ୍ୟରେ ମିଳୁଛି। ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଯଥା କ୍ଷୀର ଲିଟର ପିଛା ୬୧ ଟଙ୍କା, ଚାଉଳ କିଲୋ ପ୍ରତି ୫୬ ଟଙ୍କା ଏବଂ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ରହିଛି। ବିଶେଷ କରି ଦିଲ୍ଲୀ ମେଟ୍ରୋ ବିଶ୍ୱର ଶସ୍ତା ମେଟ୍ରୋ ସେବା ମଧ୍ୟରେ ସ୍ଥାନ ପାଇଥିଲେ ମଧ୍ୟ ସେଠାରେ ବିଜୁଳି ଓ ପାଣି ବିଲ୍ ପ୍ରାୟ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଆସୁଛି। ସମୁଦାୟ ଭାବେ ଦେଖିଲେ, ୨୦୨୬ରେ ଜଣେ ବ୍ୟକ୍ତିଙ୍କ ଖର୍ଚ୍ଚ ସେ ରହୁଥିବା ସହର, ଘରଭଡ଼ା ଏବଂ ବ୍ୟକ୍ତିଗତ ଜୀବନଶୈଳୀ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛି।

# ବିଶ୍ୱର ସର୍ବବୃହତ୍ ରିଫାଇନାରୀ ଥାଇ ବି ଭାରତରେ ଏଲପିଜି ସଙ୍କଟ ?



ନୂଆଦିଲ୍ଲୀ: ଗୁଜରାଟର ଜାମନଗରରେ ଥିବା ରିଲାଏନ୍ସର ବିଶାଳ ରିଫାଇନାରୀ ହେଉ କିମ୍ବା ଇଣ୍ଡିଆନ୍ ଅଏଲ୍, ବିପିସିଏଲ୍ ଭଳି ସରକାରୀ କମ୍ପାନୀର ରିଫାଇନାରୀ—ଭାରତ ନିକଟରେ ବିଶ୍ୱର ସର୍ବବୃହତ୍ ତୈଳ ବିଶୋଧନ କ୍ଷମତା ରହିଛି। ତଥାପି ଦେଶରେ ବାରମ୍ବାର ଏଲପିଜି (ଏଲ୍‌ପିଜି) ବା ରୋଷେଇ ଗ୍ୟାସ୍ର ଅଭାବ କାହିଁକି ଦେଖାଦେଉଛି ଏବଂ ଆମକୁ କାହିଁକି ବିଦେଶ ଉପରେ ଏତେ ମାତ୍ରାରେ ନିର୍ଭର କରିବାକୁ ପଡୁଛି, ତାହା ଅନେକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରେ। ଆସନ୍ତୁ ଜାଣିବା ଏହି ସଙ୍କଟ ପଛର ମୁଖ୍ୟ କାରଣଗୁଡ଼ିକ କ'ଣ: ଉତ୍ପାଦନ କମ୍, କିନ୍ତୁ ଚାହିଦା ଆକାଶଛୁଆଁ ବୈଷୟିକ ସୀମିତତା: ଅଶୋଧିତ ତୈଳକୁ 'ଫ୍ରାକ୍ସନାଲ୍ ଡିଷ୍ଟିଲେସନ୍' ପ୍ରକ୍ରିୟାରେ ବିଶୋଧନ କଲାବେଳେ ସେଥିରୁ ମୁଖ୍ୟତଃ ପେଟ୍ରୋଲ୍ ଓ ଡିଜେଲ୍ ବାହାରିଥାଏ। ଗୋଟିଏ ବ୍ୟାରେଲ୍ ତୈଳରୁ ମାତ୍ର ୨ ରୁ ୪ ପ୍ରତିଶତ ଏଲପିଜି ମିଳେ। ତେଣୁ ଆମର ରିଫାଇନାରୀଗୁଡ଼ିକ ଯେତେ ବଡ଼ ହେଲେ ମଧ୍ୟ ସେଥିରୁ ବାହାରୁଥିବା ଏଲପିଜିର ପରିମାଣ ବହୁତ କମ୍। ଉଜ୍ଜ୍ୱଳା ଯୋଜନାର ପ୍ରଭାବ: 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା' ଲାଗୁ ହେବା ପରେ ଦେଶର କୋଟି କୋଟି ନୂଆ ପରିବାର ଏଲପିଜି ସଂଯୋଗ ନେଇଛନ୍ତି। ଫଳରେ ଆମେରିକା ଏବଂ ଚୀନ୍ ପରେ ଭାରତ ବିଶ୍ୱର ଅନ୍ୟତମ ବୃହତ୍ ଏଲପିଜି ଉପଭୋକ୍ତା ପାଲଟିଛି। ଆମ ଦେଶର ବିଶାଳ ରିଫାଇନାରୀଗୁଡ଼ିକ ମିଶି କେବଳ ମୋଟ ଚାହିଦାର ୪୦ ରୁ ୪୫ ପ୍ରତିଶତ ହିଁ ଉତ୍ପାଦନ କରିପାରୁଛନ୍ତି। ଆମଦାନୀ ଉପରେ ବିପୁଳ ନିର୍ଭରଶୀଳତା ବାକି ୫୫ ରୁ ୬୦ ପ୍ରତିଶତ ଏଲପିଜି ଚାହିଦା ପୂରଣ କରିବା ପାଇଁ ଭାରତ ମୁଖ୍ୟତଃ ମଧ୍ୟପ୍ରାଚ୍ୟ (ସାଉଦି ଆରବ, କତର, ୟୁଏଇ, କୁଏତ୍) ଉପରେ ନିର୍ଭର କରେ। ମାଇନସ୍ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ତରଳ ଆକାରରେ ସ୍ୱତନ୍ତ୍ର ଜାହାଜ ଯୋଗେ ଏହି ଗ୍ୟାସ୍ ଆଣିବା ଅତ୍ୟନ୍ତ ଜଟିଳ ଏବଂ ବ୍ୟୟବହୁଳ ପ୍ରକ୍ରିୟା ଅଟେ। ଯୁଦ୍ଧ ଏବଂ ଭୌଗୋଳିକ ରାଜନୈତିକ ସଙ୍କଟ ବର୍ତ୍ତମାନ ଇରାନ-ଇସ୍ରାଏଲ ବିବାଦ ଏବଂ ଲୋହିତ ସାଗରରେ ହୁଥି ଆକ୍ରମଣ କାରଣରୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ଷ୍ଟ୍ରେଟ ଅଫ୍ ହୋର୍ମୁଜ୍' ଜଳପଥ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଜାହାଜଗୁଡ଼ିକୁ ବାଧ ହୋଇ ଆଫ୍ରିକା ମହାଦେଶ ଦେଇ ବୁଲି ଆସିବାକୁ ପଡୁଛି, ଯାହାଦ୍ୱାରା ପରିବହନ ଖର୍ଚ୍ଚ ଏବଂ ସମୟ ବଢ଼ିଯାଉଛି। ଠିକ୍ ସମୟରେ ବନ୍ଦରରେ ଗ୍ୟାସ୍ ନପହଞ୍ଚିବା କାରଣରୁ ବଟଲିଂ ପ୍ଲାଣ୍ଟଗୁଡ଼ିକରେ କୃତ୍ରିମ ଅଭାବ ସୃଷ୍ଟି ହେଉଛି। ଏହା ବ୍ୟତୀତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଲେ ତୈଳ କମ୍ପାନୀଗୁଡ଼ିକୁ ବିପୁଳ କ୍ଷତି ସହିବାକୁ ପଡ଼େ, ଯାହାର ସିଧାସଳଖ ପ୍ରଭାବ ଏଲପିଜି ଯୋଗାଣ ଉପରେ ପଡ଼ିଥାଏ।



# ଆଜିର ସୁନା ଦର

କମିଲା ସୁନା ଓ ରୁପା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୭,୭୫୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୪,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୭,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୪,୬୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୭,୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ଦର ୧,୪୪,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୮,୨୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୫,୦୬୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୮,୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୫,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୭,୭୫୦ ଓ ୧,୪୪,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଅଗ୍ନିକାଣ୍ଡରେ ଜଳି ଯାଇଥିବା ବଡପଡିଆ ପରିବା ମାର୍କେଟ ହେବ ଭେଣ୍ଡିଂ ଜୋନ୍



ପାରାଦୀପ,୧୯।୩ (ସଂଚାର ବ୍ୟୁରୋ): ପାରାଦୀପ ମ୍ୟୁନିସିପାଲିଟି ତରଫରୁ ପାରାଦୀପ ପରିବା ମାର୍କେଟ ନିମନ୍ତେ ଭେଣ୍ଡଂଜୋନ୍ ର ଭିତ୍ତିପ୍ରସ୍ତର ସ୍ଥାପନ। ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଦ୍ୱାରା ଏହାର ଶିଳାନ୍ୟାସ କରାଯାଇଛି। ଗତ ଫେବୃଆରୀ ୨୧ତାରିଖରେ ପାରାଦୀପ ପରିବା ମାର୍କେଟ ରେ ଭୟାଭୟ ଅଗ୍ନିକାଣ୍ଡ ଘଟି ୭୦ରୁ ଉର୍ଦ୍ଧ ଦୋକାନ ଘର ଜଳି ପୋଡି ପାଉଁଶ ହୋଇ ଯାଇଥିଲା। ଅସ୍ଥାୟୀ ଭାବେ ଜରିପାଲ ଟାଣି ଦୀର୍ଘ ୨୫ବର୍ଷ ହେବ ପରିବା ବ୍ୟବସାୟ କରି ଆସୁଥିଲେ। ଏହି ପରିବା ମାର୍କେଟ ରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବା ବେଳେ ଗତ ୨୧ ତାରିଖରେ ଭୟାଭୟ ଅଗ୍ନିକାଣ୍ଡ ଘଟି ୭୦ରୁ ଉର୍ଦ୍ଧ ଦୋକାନ ଗୃହ ପୋଡି ପ୍ରାୟ କୋଟିଏ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ତେବେ ପରିବା ବ୍ୟବସାୟୀ ମାନଙ୍କ ର ଦୀର୍ଘଦିନ ର ସମସ୍ୟା ଏବେ ଦୂର ହେବାକୁ ଯାଉଛି। ପାରାଦୀପ ମ୍ୟୁନିସିପାଲିଟି ତରଫରୁ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଙ୍କ ଦ୍ୱାରା ଭେଣ୍ଡିଂଜୋନ୍ ର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ପାରାଦୀପ ଇଫ୍କୋ ୟୁନିଟ ତରଫରୁ ଅଗ୍ନିବିପନ୍ନ ବ୍ୟବସାୟୀ ମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆ ଯାଇଥିବା ବେଳେ ବିପଦ ସମୟରେ ଇଫ୍କୋ ସବୁବେଳେ ସାଥିରେ ଅଛି ବୋଲି ଇଫ୍କୋ ୟୁନିଟ ମୁଖ୍ୟ ପି କେ ମହାପାତ୍ର କହିଛନ୍ତି।ପାରାଦୀପ ର ଏହି ପରିବା ମାର୍କେଟ ଏକ ବୃହତ ମାର୍କେଟ ହୋଇଥିବା ବେଳେ ପାରାଦୀପ ସମେତ ଆଖପାଖ ଶିଳ୍ପାଞ୍ଚଳ ଓ ବନ୍ଦରାଞ୍ଚଳ ଲୋକେ ଏହି ପରିବା ମାର୍କେଟ ଉପରେ ନିର୍ଭର କରିଥାନ୍ତି। ଭେଣ୍ଡିଂଜୋନ୍ ପାଇଁ ଦାବି ରଖିଥିବା ପରିବା ବ୍ୟବସାୟୀ ମାନଙ୍କ ଦାବି ଅନୁଯାୟୀ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ କହିଥିବା ବେଳେ ଖୁବଶୀଘ୍ର ଭେଣ୍ଡିଂଜୋନ୍ ନିର୍ମାଣ କରାଯିବ ବୋଲି ପାରାଦ୍ୱୀପ ମ୍ୟୁନିସପାଲିଟି ପୌରାଧକ୍ଷ କହିଛନ୍ତି !

● ଖଣି ବିଭାଗ ଚଢ଼ାଉ ପରେ ବାଲିଘାଟ ବନ୍ଦ

# ନିଲାମ ଯଦି ହୋଇଛି ବନ୍ଦ ହେଲା କାହିଁକି ?



ଆନନ୍ଦପୁର,୧୯।୩(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଂଚାୟତରେ ଥିବା ବୈତରଣୀ ନଦୀର ତମ୍ପୋ ବାଲି ଘାଟ ଏବେ ବନ୍ଦ। ରାତି ଅଧିଆ ଖଣି ବିଭାଗର ଅଚାନକ ଚଢ଼ାଉ ପରେ ତିନି ଦିନ ଧରି ବାଲି ଘାଟ ଠପ୍ ପଡ଼ିଛି। ଅଞ୍ଚଳ ବାସୀଙ୍କ ମନରେ ପ୍ରଶ୍ନ ଉଠୁଛି ଯଦି ବାଲି ଘାଟ ନିୟମିତ ଭାବେ ନିଲାମ ହୋଇଥିଲା, ତେବେ ହଠାତ୍ କାହିଁକି ଚଢ଼ାଉ ହେଲା ? କାହା ଗୁପ୍ତ ବୁଝାମଣାରେ ଚାଲୁଥିଲା ଏହି ବ୍ୟବସାୟ ? କାହାକୁ କେତେ ମାସିକିଆ ଦେଇ ଚାଲୁଥିଲା ବାଲି ଘାଟ? ବାଲି ଘାଟ ଚାଲିବାରେ କେଉଁ ରାଜନେତାର ରହିଛି ହାତ? କିଏ ସେ ପ୍ରଭାବଶାଳୀ ବ୍ୟକ୍ତି? କାହା ଇସାରାରେ ହେଉଛି କୋଟି କୋଟି ଟଙ୍କା ର ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ? ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସରକାରୀ ଜମିରୁ ମାଟି ଖୋଳି ବାଲି ଘାଟକୁ ରାସ୍ତା ତିଆରି କରାଯାଇଥିଲା। ଏହି ବିଷୟରେ ଘଷିପୁରା ତହସିଲ କର୍ତ୍ତୁପକ୍ଷ କଣ ଅବଗତ ନାହାନ୍ତି, ଯଦି ଯଦି ଅଛନ୍ତି ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏହା ସହିତ ନିୟମ ଉଲଂଘନ କରି ବାଲି ଉତ୍ତୋଳନ ହେଉଥିବା ମଧ୍ୟ ଅଭିଯୋଗ ଆସୁଛି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କିନ୍ତୁ ଚଢ଼ାଉ ପରେ ଘାଟ ବନ୍ଦ ହେବାରୁ ସନ୍ଦେହ ଆହୁରି ବଢ଼ିଛି। ସରକାରଙ୍କ ନିୟମ ଅନୁଯାୟୀ ଯଦି ନିଲାମ ପ୍ରକ୍ରିୟା ସଠିକ୍ ଥିଲା, ତେବେ କାହିଁକି ଖଣି ବିଭାଗ ପକ୍ଷରୁ ଚଢ଼ାଉ ହେଲା ? ଏବଂ ଯଦି ଅନିୟମିତତା ଥିଲା, ତେବେ ଏତେ ଦିନ ଧରି କାହିଁକି ଚାଲିଥିଲା ବାଲି ଉତ୍ତୋଳନ ? ଏହି ଘଟଣା ସଂପର୍କରେ ଜିଲ୍ଲା ଖଣି ବିଭାଗ ର ଅଧିକାରୀ ତାରିଣୀ ସିଂ ଙ୍କୁ ଫୋନ୍ ରେ ଯୋଗା ଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନଥିଲେ। ଏବେ ଦେଖିବାକୁ ବାକୀ ରହିଲା ପ୍ରଶାସନ କେବେ ନେବ ଦୃଢ଼ କାର୍ଯ୍ୟାନୁଷ୍ଠାନ।

# ଅଂଶୁଲ ପଟେଲ ରାଜ୍ୟ ଯୁବ ବିଜେପି କୋଷାଧ୍ୟକ୍ଷ



ସୁନ୍ଦରଗଡ଼,୧୯।୩ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଯୁବ ନେତୃତ୍ୱ ର ଅନ୍ୟତମ ଚେହେରା ଅଂଶୁଲ ପଟେଲ, ସୁନ୍ଦରଗଡ଼ ବିଜେପିରେ ବିଭିନ୍ନ ସକ୍ରିୟ କାର୍ଯ୍ୟକ୍ରମ କରିଥିଲା ବେଳେ ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କ ସହ ଯୋଗଦେଇ ଅନେକ ଦଳୀୟ କାର୍ଯ୍ୟକ୍ରମ ସହ ମହାମାରୀ କରୋନା ସମୟରେ ସୁନ୍ଦରଗଡ଼ ମେଡିକାଲ କଲେଜ ବାହାରେ ଦୀର୍ଘ ମାସଧିକ କାଳ ରୋଗୀ ଓ ରୋଗୀ ପରିଜନଙ୍କୁ ସହଯୋଗ କରିଥିଲେ, ସେହିବର୍ଷ ରାଜ୍ୟ ଯୁବମୋର୍ଚ୍ଚା ତାଙ୍କୁ ରାଜ୍ୟ ଯୁବମୋର୍ଚ୍ଚା ନିମନ୍ତ୍ରିତ ସଦସ୍ୟ ଗ୍ରହଣ କରିଥିଲେ, ଗତକାଲି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ତାଙ୍କ ଟିମ ଘୋଷଣା କରିଛନ୍ତି ଯେଉଁଥିରେ ଅଂଶୁଲ ପଟେଲଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରିଥିବାରୁ, ସୁନ୍ଦରଗଡ଼ ଜିଲ୍ଲା ବିଜେପି କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଖୁସି ଜାହିର କରିଛନ୍ତି ଓ ଏଥିପାଇଁ ଶ୍ରୀ ପଟେଲ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ବିଜେପି ଉପସଭାପତି କୁସୁମ ଟେଟେ, ରାଜ୍ୟ ବିଜେପି ଯୁବ ସଭାପତି ଅଭିଳାଷ ପଣ୍ଡାଙ୍କ ନିକଟରେ କୃତଂଜ୍ଞତା ଜ୍ଞାପନ କରିଛନ୍ତି।

‘ମୋ ଗାଁ–ମୋ ଗର୍ବ’ ତରଫରୁ ପିଲାଙ୍କୁ ସାକ୍ଷର କରିବାକୁ ଉଦ୍ୟମ

# ରାହା ଦେଖାଉଛି ମାଗଣା ପାଠଶାଳା



କାକଟପୁର/ଅସ୍ତରଙ୍ଗ,୧୯।୩ (ସଂଚାର ବ୍ୟୁରୋ): “ସା ବିଦ୍ୟା ଯା ବିମୁକ୍ତେ ” — ଅର୍ଥାତ ଯେଉଁ ବିଦ୍ୟା ମନୁଷ୍ୟକୁ ଅଜ୍ଞାନତାରୁ ମୁକ୍ତି ଦେଇଥାଏ, ସେହି ବିଦ୍ୟା ହିଁ ସତ୍ୟ ଶିକ୍ଷା। ଶିକ୍ଷା ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆଣିବାର ମୂଳ ଶକ୍ତି। ତେଣୁ ଭାରତୀୟ ସମାଜରେ ଶିକ୍ଷାକୁ ସଦା ଉଚ୍ଚ ସ୍ଥାନ ଦିଆଯାଇଛି। କିନ୍ତୁ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଆର୍ଥିକ ଭାବେ ପଛୁଆ ଶ୍ରେଣୀର ଛାତ୍ରଛାତ୍ରୀ ଅନେକ ସମୟରେ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପ୍ରତିଭା ଓ ଦକ୍ଷତା ଥିଲେ ମଧ୍ୟ ଅର୍ଥାଭାବ ଯୋଗୁଁ ସେମାନେ ଉଚ୍ଚମାନର ଶିକ୍ଷାରୁ ଦୂରେ ରହିଯାଉଛନ୍ତି। ବିଶେଷକରି ଗରିବ ପରିବାରର ପିଲାମାନେ ସରକାରୀ ସ୍କୁଲ୍ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପଢ଼ିବା ସୁଯୋଗ ପାଉନଥିବାରୁ ଶିକ୍ଷାରେ ପଛରେ ପଡୁଛନ୍ତି। ଏହି ପରିସ୍ଥିତିକୁ ମନେରଖି ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଆଳସାହି, ନଗର, ଆଳଙ୍ଗପୁର ସମେତ ନିକଟସ୍ଥ ଗ୍ରାମଗୁଡିକୁ ନେଇ ଗଢ଼ିଉଠିଥିବା “ମୋ ଗାଁ - ମୋ ଗର୍ବ” ସଂଗଠନ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ବିକାଶକୁ ଲକ୍ଷ୍ୟ କରି ଅନେକ ସାମାଜିକ ପଦକ୍ଷେପ ନେଉଛି। ଏହି ଅଭିଯାନର ଆବାହକ ଇଂ. ଅରୁଣ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପଂଚାୟତ ସ୍ତରରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଗତିଶୀଳ ଭାବେ ଆଗକୁ ବଢ଼ୁଛି।

ଗୁରୁବାର ପୂର୍ବାହ୍ନରେ ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଆଳସାହି ପଂଚାୟତର ପାଟସୁନ୍ଦରପୁର ବହୁମୁଖୀ ବାତ୍ୟାଶ୍ରୟ ସ୍ଥଳୀ ପରିସରରେ “ମୋ ଗାଁ - ମୋ ଗର୍ବ” ତରଫରୁ ଏକ ସନ୍ଧ୍ୟାକାଳୀନ ସ୍ୱୟଂ ଅଧ୍ୟୟନ କେନ୍ଦ୍ରର ଶୁଭାରମ୍ଭ ହୋଇଥିଲା। ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ “ମୋ ଗାଁ - ମୋ ଗର୍ବ” ଆବାହକ ଇଂ. ଅରୁଣ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

ଏହି କେନ୍ଦ୍ରରେ ପ୍ରାରମ୍ଭିକ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପାଠପଢ଼ା ଓ ଟିଉସନ୍ ସୁବିଧା ଯୋଗାଇ ଦିଆଯାଉଛି। କିଛି ଶିକ୍ଷିତ ଯୁବକ-ଯୁବତୀ ଓ ଅବସରପ୍ରାପ୍ତ ଶିକ୍ଷକମାନେ ସେଠାରେ ପିଲାମାନଙ୍କୁ ନିଷ୍ଠାର ସହ ଶିକ୍ଷାଦାନ କରୁଛନ୍ତି। ପାଠପଢ଼ା ସହିତ ସ୍କୁଲର ବିଭିନ୍ନ ସନ୍ଦେହ ଓ ପ୍ରଶ୍ନମାନଙ୍କୁ ମଧ୍ୟ ଏଠାରେ ସମାଧାନ କରାଯାଉଛି। ଫଳସ୍ୱରୂପ ପିଲାମାନେ ସ୍କୁଲରେ ଭଲ ପ୍ରଦର୍ଶନ କରିବା ସହ ତାଙ୍କର ବ୍ୟକ୍ତିତ୍ୱ ଓ ଆତ୍ମବିଶ୍ୱାସରେ ମଧ୍ୟ ଉନ୍ନତି ଦେଖାଯାଉଛି। ଆଗାମୀ ଦିନରେ “ମୋ ଗାଁ - ମୋ ଗର୍ବ” ତରଫରୁ ୨୨ଟି ମାଗଣା ଶିକ୍ଷା କେନ୍ଦ୍ର ଖୋଲିବା ପରିକଳ୍ପନା ରହିଛି।

# ୩୦ କେଜି ଗଞ୍ଜେଇ ଜବତ, କାର ସହ ତିନି ଗିରଫ



ଫୁଲବାଣୀ,୧୯।୩ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକରେ ଦିନକୁ ଦିନ ଗଞ୍ଜେଇ ଚାଲାଣ ଏବଂ ଚାଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟାଏ ପଟେ ପୁଲିସ ଓ ଅବକାରୀ ବିଭାଗ ଗଞ୍ଜେଇ କାଟି କାଟି ନାକେଦମ ହେଉଥିବା ବେଳେ ଯେତେ କାଟିଲେ ବି ସରୁ ନାହିଁ। ଯେତେ କଟକଣା ହେଲେବି ଗଞ୍ଜେଇ ଚାଷୀ କିମ୍ବା ଚାଲାଣକାରୀ, ବେପାରୀ କାହାକୁ କିଛି ଫରକ ପଡୁନାହିଁ। ଦୈନିକ ସାଇକେଲ ଠାରୁ, ବାଇକ ଏବଂ ଦାମୀ ଗାଡ଼ିରେ ଗଞ୍ଜେଇ ଏହି ଅଞ୍ଚଳରୁ ବାହାରକୁ ଚାଲାଣ ହେଉଛି। କିନ୍ତୁ ପୁଲିସ ହାତ ଗଣତି କିଛି ଚାଲାଣକାରୀକୁ ଧରିବାରେ ସଫଳ ହେଉଛି। ଗତ କିଛି ଦିନ ଭିତରେ ପୁଲିସ ଓ ଅବକାରୀ ବିଭାଗ ବାରମ୍ବାର ଗଞ୍ଜେଇକୁ ନେଇ ପାଟ୍ରୋଲିଙ୍ଗ ଓ ଚଢ଼ାଉ ଜାରି ରଖି ଗଞ୍ଜେଇ ଧରପଗଡ଼କୁ ଜୋର ସୋର କରିଛି। ଫିରିଙ୍ଗିଆ ପୁଲିସ ପୁଣି ପାଟ୍ରୋଲିଙ୍ଗ ବେଳେ ଏକ ନୂଆଁ ଦାମୀ କାର ସହ ତିରିଶ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଡ୍ରାଇଭର ସହ ୩ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ତେବେ ସୂଚନା ଅନୁସାରେ ଗତକାଲି ଫିରିଙ୍ଗିଆ ପୁଲିସ ପାଟ୍ରୋଲିଙ୍ଗ କରୁଥିବା ବେଳେ ମଣିପଦର ଛକରେ କାରକୁ ଅଟକାଇଥିଲେ ତନଖି ପରେ କାର ଇଞ୍ଜିନ ଭିତରେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ କାର ଓ ଗଞ୍ଜେଇ ସହ ଏଥିରେ ସମ୍ପୃକ୍ତ ଉଦୟଗିରି ଥାନା ବୁରୁପଡି ଗାଁର କାର ଡ୍ରାଇଭର ମିକାଶ ପ୍ରଧାନ ଓ ଫିରିଙ୍ଗିଆ ଥାନା ଅଧୀନ କଉରାହା ଗାଁର ପ୍ରେମାନନ୍ଦ ମଲିକ ଓ ବ୍ୟାସଦେବ କହଁରଙ୍କୁ ଗିରଫ କରିଥିଲା। ଫିରିଙ୍ଗିଆ ପୁଲିସ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତରେ ଘଟଣା ସ୍ଥଳରେ ଗଞ୍ଜେଇ ଓଜନ କରାଯାଇଥିବା ବେଳେ ଗଞ୍ଜେଇ ତିରିଶ କେଜି ହୋଇଥିଲା। ତେବେ ଏହି ଘଟଣାକୁ ନେଇଁ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଆଜି ଗଞ୍ଜେଇ ସହ ୩ ଚାଲାଣ କାରୀଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ନିଶୁଳ୍କ ବ୍ରତୋପନୟନ



ବଲାଙ୍ଗିର,୧୯।୩ (ସଂଚାର ବ୍ୟୁରୋ): ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ବ୍ରାହ୍ମଣ ସନ୍ତାନମାନଙ୍କୁ ସାମୂହିକ ଶିଶୁଳ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ୪୦ ବର୍ଷ ହେବ ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ଏହି ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଆସୁଅଛି । ବଲାଙ୍ଗିର ଜିଲ୍ଲା ବିଭିନ୍ନ ବ୍ଲକ ଓ ଅନ୍ୟାନ୍ୟ ଜିଲ୍ଲାରୁ ମଧ୍ୟ ବ୍ରାହ୍ମଣ ବାଳକମାନେ ବ୍ରତୋପନୟନ ପାଇଁ ଦରଖାସ୍ତ କରିଥାନ୍ତି ତାହା ଦୁଇ ଜଣ ବ୍ରାହ୍ମଣ ଦେବତା ଚିହ୍ନଟ କରି ସୁପାରିଶ କରିବା ପରେ ମହାସଭାର କାର୍ଯ୍ୟକାରୀ ପରିଷଦ ଦ୍ୱାରା ଚୁଡାନ୍ତ ନିଷ୍ପତ୍ତି ହୋଇଥାଏ । ଚଳିତ ବର୍ଷ ୧୪ ଜଣ ବ୍ରାହ୍ମଣ ବାଳକ (ବଟୁ) ବ୍ରତୋପନୟନ ହୋଇଛନ୍ତି। ମାର୍ଚ୍ଚ ୧୫ ତାରିଖରେ ଚାରି କର୍ମ ହୋଇଥିବା ବେଳେ ୧୬ ତାରିଖରେ ବ୍ରତୋପନୟ କରାଯାଇଥିଲା।

ଏହି ଅବସରରେ ବଲାଙ୍ଗିର ପୌର ପରିଷଦର ଅଧ୍ୟକ୍ଷା ଲିକା ସାହୁ, ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ବର୍ଗର କର୍ମକର୍ତ୍ତା ତଥା ବିଶିଷ୍ଟ ସ୍ୱତନ୍ତ୍ର ନିମନ୍ତ୍ରିତ ବ୍ୟକ୍ତି ଯୋଗ ଦେଇଥିଲେ । ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମକୁ ପଣ୍ଡିତ ସନ୍ତୋଷ ମିଶ୍ର, ଗୋକୁଳା ମିଶ୍ର, ମୁଖ୍ୟ ଆଚାର୍ଯ୍ୟ ଏବଂ ପଣ୍ଡିତ ଭୋଜରାଜ ଦାଶ, ରଘୁନାଥ ଶତପଥି, ଗୁରୁଜି ଆନନ୍ଦ ମିଶ୍ର, ସୋମନାଥ ମିଶ୍ର, ରଜନୀ ଦାଶ, ସୁରେଶ ଚନ୍ଦ୍ର ପଣ୍ଡା, କାର୍ତ୍ତିକ ପଣ୍ଡା, ନରେନ୍ଦ୍ର ମହାପାତ୍ର, ପ୍ରମୋଦ ପଣ୍ଡା, ଗୋବିନ୍ଦ ପାଣି, ସୌମ୍ୟ ମିଶ୍ର ଓ ଆନନ୍ଦ ମିଶ୍ର ସହଯୋଗୀ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ । ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ଏହି ବ୍ରତୋପନୟନ କାର୍ଯ୍ୟକ୍ରମ ପାଳନ କରାଯିବା ସଙ୍ଗେ ସଙ୍ଗେ ସହର ତଥା ବିଭିନ୍ନ ଅଂଚଳରୁ ୪୦୦ ପାଖାପାଖି ବ୍ରାହ୍ମଣ ପରିବାର ଯୋଗଦାନ କରି ଉପରୋକ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହିତ ସାଫଲ୍ୟ ମଣ୍ଡିତ କରିଥିଲେ ।

ଅପରାହ୍ନ ୪ ଘଣ୍ଟା ସମୟରେ ସମସ୍ତ ବଟୁଧାରୀ ଙ୍କ ସହିତ ବ୍ରାହ୍ମଣ ମହାସଭାର ସମସ୍ତ ସଭ୍ୟ/ ସଭ୍ୟା ଏବଂ ନିମନ୍ତ୍ରିତ ପରିବାର ବର୍ଗମାନେ ମିଶି ରୋଷାଣି କାର୍ଯ୍ୟକ୍ରମ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ଏପରି ନିଶୁଳ୍କ ସାମୂହିକ ବ୍ରତୋପନୟନ ଓ ବ୍ରାହ୍ମଣ ସମାଜର ପବିତ୍ର ଓ ମହତ କାର୍ଯ୍ୟକ୍ରମକୁ ସହରର ଜନସାଧାରଣ ଭୂୟସି ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା




ଯାଜପୁର ରୋଡ଼, ୧୯।୩ (ସଂଚାର ବ୍ୟୁରୋ): ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଅନ୍ତର୍ଭୁକ୍ତିକରଣ, ବିବିଧତା ଏବଂ ପ୍ରତିଯୋଗିତାମୂଳକ ମନୋଭାବକୁ ପ୍ରୋତ୍ସାହିତ କରିବା ପାଇଁ ଟ୍ରାନ୍ସ ଜେଣ୍ଡର କର୍ମଚାରୀ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୬’ ଆୟୋଜିତ ହୋଇଯାଇଛି । ଏହି ଦୁଇ ଦିନିଆ ଚାମ୍ପିଅନସିପ୍‌ରେ କମ୍ପାନୀର ବିଭିନ୍ନ ସ୍ଥାନରୁ ଯଥା ଟାଟା ଷ୍ଟିଲ୍ କଳିଙ୍ଗନଗର, ହଳଦିଆ, ଓଏମକ୍ୟୁ ଡିଭିଜନ, ୱେଷ୍ଟ ବୋକାରୋ, ଜାମସେଦପୁର ଏବଂ ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଭଳି ବିଭିନ୍ନ ୟୁନିଟ୍‌ରୁ ପ୍ରାୟ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

ଏହି କ୍ରୀଡ଼ା ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ (ସିଙ୍ଗଲ୍ସ, ଡବଲ୍ସ ଏବଂ ରିଭର୍ସ ସିଙ୍ଗଲ୍ସ), ୮-ଏ-ସାଇଡ୍ ଫୁଟବଲ୍ ଏବଂ ଆଥଲେଟିକ୍ସର ବିଭିନ୍ନ ବିଭାଗ ଯଥା ଶଟପୁଟ୍, ୧୦୦ ମିଟର, ୪୦୦ ମିଟର, ୪*୧୦୦ ମିଟର ରିଲେ ଏବଂ ଟଗ୍ ଅଫ୍ ୱାର୍ ସାମିଲ ଥିଲା ।

ଟାଟା ଷ୍ଟିଲ୍ କଳିଙ୍ଗନଗର ଘରୋଇ ଦଳ ଏହି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିଲା, ବିଶେଷକରି ଆଥଲେଟିକ୍ସ ବିଭାଗରେ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। କଳିଙ୍ଗନଗରର ଆଥଲେଟ୍ କାମଲି ୧୦୦ ମିଟର ଏବଂ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଦଳ ପାଇଁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହିପରି କଳିଙ୍ଗନଗର ଫୁଟବଲ୍ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ୮-ଏ-ସାଇଡ୍ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଥିଲା। ଏହା ବ୍ୟତୀତ ଟାଟା ଷ୍ଟିଲ୍ କଳିଙ୍ଗନଗର ୪*୧୦୦ ମିଟର ରିଲେରେ ତୃତୀୟ ସ୍ଥାନ ଏବଂ ବ୍ୟାଡମିଣ୍ଟନରେ ଦ୍ୱିତୀୟ ରନର୍ସ ଅପ୍ ସ୍ଥାନ ହାସଲ କରି ସଫଳତା ପାଇଥିଲେ।

ଏହି ପୁରସ୍କାର ବିତରଣ ଉତ୍ସବରେ ଟାଟା ଷ୍ଟିଲର ଚିଫ୍ ସ୍ପୋର୍ଟସ୍ ମୁକୁଲ ବିନାୟକ ଚୌଧୁରୀ, ଟିଏସଜେ ଏବଂ ଆଉଟଲୋକେସନର ସ୍ପୋର୍ଟସ୍ ମୁଖ୍ୟ କ୍ୟାପଟେନ ମନୀଷ ସିହ୍ନା, ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ଏବଂ ସାଧାରଣ ସମ୍ପାଦକ ଜଗବନ୍ଧୁ ମହାନ୍ତଙ୍କ ସମେତ ଶ୍ରୀମତୀ ସୁମିତା ନୁପୁର ପ୍ରମୁଖ ଉପସ୍ଥିତ ଥିଲେ ।

# ପଶୁ ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ



ସୁନ୍ଦରଗଡ, ୧୯।୩ (ସଂଚାର ବ୍ୟୁରୋ): ଗ୍ରାମୀଣ ଅଞ୍ଚଳର କୃଷକମାନଙ୍କ ପାଇଁ ପଶୁପାଳନ ଏକ ମୁଖ୍ୟ ଜୀବିକା ମାଧ୍ୟମ ହୋଇଥିବା ବେଳେ, ପଶୁ ସ୍ୱାସ୍ଥ୍ୟ ସୁରକ୍ଷା ଓ ସମୟୋପଯୋଗୀ ଚିକିତ୍ସା ସେବା ଅତ୍ୟାବଶ୍ୟକ ହୁଏ। ବିଶେଷକରି ଦୁର୍ଗମ ଓ ପଛୁଆ ଗ୍ରାମ ଅଞ୍ଚଳରେ ପଶୁ ସ୍ୱାସ୍ଥ୍ୟ ସେବାର ସମୟୋଚିତ ଉପଲବ୍ଧତା ଏକ ମୁଖ୍ୟ ଚ୍ୟାଲେଞ୍ଜ ରୂପେ ରହିଆସିଛି। ଏହି ପରିସ୍ଥିତିକୁ ଆଖି ଆଗରେ ରଖି, ସରକାରୀ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ସମନ୍ୱିତ ପ୍ରୟାସ ମାଧ୍ୟମରେ ଗ୍ରାମସ୍ତରରେ ପଶୁ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଆଜିର ଆବଶ୍ୟକତା ହୋଇପଡ଼ିଛି।

ଏହି ପରିପ୍ରେକ୍ଷିରେ ଗୁରୁବାର ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସାହେବଡେରା ଗ୍ରାମରେ ଏକ ପଶୁ ସ୍ୱାସ୍ଥ୍ୟ ଶିବିର ଓ ପଶୁପାଳନ ଉପରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ନାବାର୍ଡ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଜଳଛାୟା ଓ କୃଷି ଉତ୍ପାଦନ ଗୋଷ୍ଠୀ ପ୍ରକଳ୍ପର କର୍ମକର୍ତ୍ତା ମାନେ ମିଳିତ ଭାବରେ ଆୟୋଜନ କରିଥିଲେ। ଏହି ଶିବିରରେ ଲେଫ୍ରିପଡା ପଶୁସମ୍ପଦ ବିକାଶ ବିଭାଗର ବ୍ଲକ୍ ଭେଟେରିନାରୀ ଅଫିସର ଡ. ଶ୍ୟାମସୁନ୍ଦର ପାଣ୍ଡେ ଉପସ୍ଥିତ ରହି ଗୋପାଳନ, ଛେଳି ଚାଷ, କୁକୁଡା ପାଳନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଲାଇଭଷ୍ଟକ୍ ଇନ୍ସପେକ୍ଟର ଲବଣୀଧର ପଟେଲ, ଏମ.ଭି.ୟୁ. ଆଟାଣ୍ଡାନ୍ଟ ଶ୍ରୀକାନ୍ତ ଓ ପ୍ରଭାକର ଉପସ୍ଥିତ ରହି ପ୍ରାଣୀ ସମ୍ପଦଙ୍କ ଟିକାକରଣ, ଚିକିତ୍ସା, ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ପରାମର୍ଶ ସେବା ଯୋଗାଇଥିଲେ।

ଏହି ଶିବିରରେ ସ୍ଥାନୀୟ କୃଷକମାନେ ତାଙ୍କର ଗୋ-ମହିଷ, ଛେଳି ଇତ୍ୟାଦି ପଶୁମାନଙ୍କୁ ନେଇ ଯୋଗ ଦେଇଥିଲେ ଓ ସେମାନଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଟିକା କରଣ ସୁବିଧା ମିଳିଥିଲା। ପଶୁ ମାନଙ୍କ ରୋଗ ପ୍ରତିରୋଧ, ପୋଷଣ, ପାଳନ ପ୍ରଣାଳୀ ଓ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ଉପସ୍ଥିତ ବିଶେଷଜ୍ଞ ମାନେ କୃଷକମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳର ଅଧିବାସୀ ମାନଙ୍କ ପାଇଁ ଘରଦ୍ୱାରେ ସେବା ପହଞ୍ଚାଇବାରେ ବହୁତ ଉପକାରୀ ସାବ୍ୟସ୍ତ ହୋଇଛି। ଏହା ଦ୍ୱାରା ପଶୁମାନଙ୍କ ସ୍ୱାସ୍ଥ୍ୟ ସୁଧାର ସହ କୃଷକମାନଙ୍କ ଆର୍ଥିକ ସ୍ଥିତି ଓ ଜୀବିକା ଉନ୍ନତିରେ ଉଲ୍ଲେଖନୀୟ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି।

# ତାପସ ମହାନ୍ତି କୃଷକ ମୋର୍ଚ୍ଚା ସଭାପତି



ନୀଳଗିରି, ୧୯।୩ (ସଂଚାର ବ୍ୟୁରୋ): ବିଜେପି ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଓଡ଼ିଶାର ସମସ୍ତ ଜିଲ୍ଲାର ସଭାପତି, ରାଜ୍ୟ ପଦାଧିକାରୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି । ଏହି କ୍ରମରେ ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲାର କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାବେ ନୀଳଗିରି ନିର୍ବାଚନ ମଣ୍ଡଳୀର ଉଦୀୟମାନ ଯୁବନେତା ତାପସ କୁମର ମହାନ୍ତିଙ୍କୁ ଜିଲ୍ଲା କୃଷକମୋର୍ଚ୍ଚା ସଭାପତି ଭାବେ ଘୋଷଣା କରାଯାଇଛି। ସେ ଜଣେ ସୁ ସଂଗଠକ ଭାବେ ପୂର୍ବରୁ ସେ ପାର୍ଟି ର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ରେ ରହି ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଆସିଛନ୍ତି । ପୂର୍ବରୁ ସେ ମଣ୍ଡଳ ସଭାପତି ତଥା ବିଜେପିରୁ ଜିଲ୍ଲା ପରିଷଦଭାବେ ୧୩ନମ୍ବର ଜୋନ ରୁ ଟିକେଟ ନେଇ ଲଢ଼ିଛନ୍ତି।ତେବେ ଏହି ଖବର ପ୍ରଚାରିତ ହେବା ପରେ ବାଲେଶ୍ୱର ତଥା ନୀଳଗିରି ଅଞ୍ଚଳର ତାପସ ମହାନ୍ତି ଙ୍କ ବହୁ ସମର୍ଥକ ଶୁଭେଚ୍ଛା ଜଣାଇବା ସହିତ ଆଗକୁ ଦଳ ପ୍ରତି ସମର୍ପିତ ମନୋଭାବ ରଖି ଆଗକୁ ବଢିବାକୁ ପ୍ରେରଣା ଦେଉଥିବା ପରିଲକ୍ଷିତ ହୋଇଛି। ତାଙ୍କ ଉପରେ ଦଳ ଭରଷା କରି ଏହି ଦାୟିତ୍ୱ ଦେଇଥିବାରୁ ତାପସ ମହାନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ,ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢୀ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ରାମଚରିତ ମାନସ ପାରାୟଣ ଆରମ୍ଭ



କୋରେଇ, ୧୯।୩ (ସଂଚାର ବ୍ୟୁରୋ): କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଂଚାୟତ ଧନପୁର ଗ୍ରାମରେ ଆଜି ଆରମ୍ଭ ହୋଇଯାଇଛି। ଆଜି ସକାଳୁ ଶତାଧିକ ଭକ୍ତଙ୍କ ଗହଣରେ ନାମ ସଂକୀର୍ତ୍ତନ ସହ ଶଙ୍ଖ, ହୁଳହୁଳି ସହିତ କଳସ ଶୋଭାଯାତ୍ରାରେ ବୈତରଣୀ ନଦୀ ଲିଙ୍ଗେଶ୍ୱର ଘାଟରୁ ଘଟପୂଜା କରିବା ପରେ କଳସ ଶୋଭାଯାତ୍ରାରେ ଆସି ଗ୍ରାମର ସତ୍ୟନାରାୟଣ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ରାମ ଚରିତ ମାନସ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା।

ଏହା ୯ ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବ୍ୟାସଜୀ ମହାରାଜା ରଘୁନାଥ ମିଶ୍ର ଓ ଉପ ବ୍ୟାସ ନିଶିତ୍ ପତିଙ୍କ ଦ୍ୱାରା ପାରାୟଣ ପାଠ ଓ ସନ୍ଧ୍ୟା ପରେ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କରାଯିବ। ପ୍ରବଚନ ଶୁଣିବାକୁ ପ୍ରତ୍ୟେକ ଦିନ ଶତାଧିକ ଭକ୍ତ ଆସିଥାନ୍ତି। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥାଏ। ଯଜ୍ଞର କର୍ତ୍ତା ଭାବେ ଯୁଧିଷ୍ଠିର ସାହୁ,ଶ୍ରୀଧର ସ୍ୱାଇଁ, ବଂଶୀଧର ବେହେରା, ଅଶୋକ ମହାରଣା, ଅମୂଲ୍ୟ ସାହୁ,ଉପେନ୍ଦ୍ର ସାହୁ, ରାଜ କିଶୋର ସାହୁ ତଥା ପୂଜକ ଭାବେ ବିଭୂତି ଭୂଷଣ ଉପାଧ୍ୟାୟ ଓ ପ୍ରସନ୍ନ ପଣ୍ଡା ଉପସ୍ଥିତିରେ ପୂଜାକାର୍ଯ୍ୟ ପରିଚାଳନା କରାଯିବ ଏଥିପାଇଁ ୯ ଦିନ କାଳ ଆମିଷ ନିଷେଧ କରାଯିବା ସହିତ ସମସ୍ତଙ୍କ ଘରର ସାମ୍ନାରେ ଜୟଶ୍ରୀରାମ୍ ପୋଷ୍ଟର ଲଗାଯାଇଛି। ଗ୍ରାମର ସମସ୍ତଙ୍କ ସହଯୋଗରେ ୯ ଦିନ ବ୍ୟାପୀ ରମଚରିତ୍ର ମାନସ ସମାପନ କରାଯାଇଥାଏ।

# ବ୍ରାହ୍ମଣୀଗାଁରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଫୁଲବାଣୀ,୧୯।୩ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମୋଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରଟିକୁ ଦାରିଙ୍ଗବାଡ଼ି ବିଡ଼ିଓ ପ୍ରତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ଦାରିଙ୍ଗବାଡି ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି ଶିବିର ରେ ସମିତି ଅଧ୍ୟକ୍ଷ ଶୁଶାନ୍ତ ପ୍ରଧାନ, ସିଡିପିଓ ସନ୍ଧ୍ୟାରଣି ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମିତା କୁମାରୀ ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ଏପି ଓ କେଦାର ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିଥିଲେ।

ଏହି ଶିବିରରେ ଦାରିଙ୍ଗବାଡ଼ି ଅଞ୍ଚଳର ୮ ଗୋଟି ପଞ୍ଚାୟତରୁ ବିଭିନ୍ନ ବିଭାଗରେ ୨୫୦ ଜଣ ଭିନ୍ନକ୍ଷମ ମାନଙ୍କର ପଞ୍ଜି କରଣ କରାଯାଇ ଥିଲା। ୧୮୫ ଜଣ ପ୍ରକୃତ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନର ବ୍ୟବସ୍ଥା କରାଯାଇ ଥିବା ବେଳେ ୬୫ ଜଣ ଆବେଦନକରୀଙ୍କ ଦରଖାସ୍ତ ବିଭିନ୍ନ କାରଣରୁ ଖାରଜ କରାଯାଇ ଥିବା ସୂଚନା ମିଳିଛି। ପଞ୍ଜୀକୃତ ଆବେଦନକାରୀଙ୍କ ମଧ୍ୟରେ ବାକ ଶକ୍ତି ଓ ଶ୍ରବଣ ଶକ୍ତି ବାଧିତ ବିଭାଗ ରେ ୩୩ ଜଣ, ଅସ୍ଥିଶଲ୍ୟ ବିଭାଗରେ ୯୮ ଜଣ, ମସ୍ତିସ୍କ ଆଘାତ ଓ ବୌଦ୍ଧିକ ବିଭାଗରେ ୨୭ଜଣ, ଅସାମର୍ଥ୍ୟ ଓ ରକ୍ତ ଶିକୁଳି ବିଭାଗରେ ୧୫ ଜଣ, ଦୃଷ୍ଟିବାଧିତ ବିଭାଗରେ ୧୨ ଜଣଙ୍କ ନାମ ପଞ୍ଜିକୃତ ହୋଇଥିଲା। ଏହି ଭଳି ଅନେକ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଂପୂର୍ଣ୍ଣ ଭାବରେ ଅକ୍ଷମ ଅଟନ୍ତି ଏବଂ ୩ ହଜାର ଭତ୍ତା ପାଇବାକୁ ଯୋଗ୍ୟ କିନ୍ତୁ ସେହି ୩ ହଜାର ଭତ୍ତା ଟଙ୍କାରୁ ବଞ୍ଚିତ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି ।

# ଥିଏଟରରେ ‘ଧୁରନ୍ଧର୍: ଦ ରିଭେଞ୍ଜ’

ବଡ଼ ପରଦାକୁ ଆସୁଛି ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ‘ଧୁରନ୍ଧର୍: ଦ ରିଭେଞ୍ଜ’ । ରଣବୀର ସିଂହ ଷ୍ଟାରର୍ ଏହି ଫିଲ୍ମ ରିଲିଜ୍ ପୂର୍ବରୁ ଇତିହାସ ରଚିଛି । ଥିଏଟରକୁ ଆସିବା ପୂର୍ବରୁ ବୁଧବାର ଅର୍ଥାତ୍ ୧୮ ତାରିଖ ସନ୍ଧ୍ୟା ୫.୪୫ରେ ଏହାର ପ୍ରଥମ ପେଡ୍ ପ୍ରିଭ୍ୟୁ ଶୋ’ ଆରମ୍ଭ ହୋଇଥିଲା। ଏହାକୁ ନେଇ ଜୋର୍‌ଦାର କ୍ରେଜ୍ ଦେଖିବାକୁ ମିଳିଲା । କିଛି ଯାନ୍ତ୍ରିକ ସମସ୍ୟା ଯୋଗୁ ଶୋ’ ପ୍ରାୟ ୪୫ ମିନିଟ୍ ପରେ ଆରମ୍ଭ ହେଲା । ପେଡ୍ ପ୍ରିଭ୍ୟୁର ପ୍ରଥମ ଶୋ’ ଦେଖିବା ପରେ ଦର୍ଶକ ରଣବୀରଙ୍କୁ ପ୍ରଶଂସାରେ ପୋତିଛନ୍ତି । ଫିଲ୍ମ ଦେଖିବାକୁ ଲୋକଙ୍କୁ ମଧ୍ୟ ଅପିଲ କରିଛନ୍ତି । ଏକ ଶକ୍ତିଶାଳୀ ଆଧ୍ୟାତ୍ମିକ ବାର୍ତ୍ତା ସହିତ ଆରମ୍ଭ ହୋଇଛି ‘ଧୁରନ୍ଧର୍-୨’ । ଭଗବତ୍ ଗୀତାର ଏକ ଶ୍ଲୋକରୁ ଫିଲ୍ମ ଆରମ୍ଭ ହୋଇଛି, ଯାହା କର୍ତ୍ତବ୍ୟ, ଧର୍ମ ଓ କର୍ମ ଉପରେ ଜୋର୍ ଦେଇଛି । ଶ୍ଲୋକର ଭାବ ହେଉଛି ‘ତୁମ କର୍ତ୍ତବ୍ୟ ଧର୍ମର ପାଳନ କରିବା, ଫଳ ଚିନ୍ତା କରିବା ଉଚିତ୍ ନୁହେଁ । ଜିତିବାର ଇଚ୍ଛା ଦ୍ୱାରା ପ୍ରେରିତ ହେବା ଉଚିତ୍ ନୁହେଁ, ବରଂ ନିରନ୍ତର କର୍ମ କରିବା ଉଚିତ୍ ।’ ଟ୍ରେଡ୍ ଟ୍ରାକିଂ ୱେବ୍‌ସାଇଟ୍ ସ୍ୟାକ୍‌ନିଲ୍କ ଅନୁସାରେ, ଫିଲ୍ମ ନିଜର ପେଡ୍ ପ୍ରିଭ୍ୟୁ ଶୋ’ ପାଇଁ କେବଳ ଭାରତରେ ପ୍ରାୟ ୪୭.୯୧ କୋଟିର ଅଗ୍ରୀମ ବୁକିଂ କରାଇଛି । କେବଳ ପ୍ରିଭ୍ୟୁ ନୁହେଁ, ବୈଶ୍ୱିକ ପ୍ରିସେଲ୍‌ସ ବ୍ୟବସାୟକୁ ଦେଖିଲେ, ଏହା କୌଣସି ରେକର୍ଡଠୁ କମ୍ ନୁହେଁ। ଫିଲ୍ମ କେବଳ ଆଡ୍‌ଭାନ୍ସ ବୁକିଂରୁ ବିଶ୍ୱରେ ହାରାହାରି ୨୦୦ କୋଟି ଆୟ କରିଛି । ଏହି ଅଙ୍କରେ ଭାରତର ପେଡ୍ ପ୍ରିଭ୍ୟୁ (୪୭.୯୧ କୋଟି) ଓ ରିଲିଜ୍‌ର ପ୍ରଥମ ଦିନ (୩୩.୬୦ କୋଟି) ର ବୁକିଂ ସହିତ ବିଦେଶ ବଜାରରେ ସପ୍ତାହାନ୍ତ ହୋଇଥିବା ୭୫ କୋଟିରୁ ଅଧିକର ପ୍ରି-ସେଲ୍ ସାମିଲ । ଦେଶରେ ପ୍ରିଭ୍ୟୁ ପାଇଁ ପ୍ରାୟ ୧୦ ଲକ୍ଷ ଟିକଟ ବିକ୍ରି ହୋଇଥିଲା, ଏଥିରେ କେବଳ ହିନ୍ଦୀ ସଂସ୍କରଣ ୮.୬ ଲକ୍ଷରୁ ଅଧିକ ଟିକଟ ବିକ୍ରି କରିଛି। ଫିଲ୍ମ ପ୍ରତି ପାଗଳାମିକୁ ଦୃଷ୍ଟିରେ ରଖି ଦେଶର ଥିଏଟରଗୁଡ଼ିକରେ ଶୋ’ ସଂଖ୍ୟା ବଢ଼ାଇ ଦିଆଯାଇଛି ।





# ‘ସର୍‌କେ ଚୁନର୍’ ଗୀତ ବ୍ୟାନ୍

ନୋରା ଫତେହି ଓ ସଞ୍ଜୟ ଦତ୍ତଙ୍କ ଅଭିନୀତ ‘ସରକେ ଚୁନର ତେରୀ ସରକେ’ ଗୀତକୁ ବ୍ୟାନ୍ । ଫିଲ୍ମ କେଡି -ଦ ଡେଭିଲର ଏହି ଆଇଟମ୍ ଗୀତକୁ ନେଇ ବିବାଦ ତୀବ୍ର ହୋଇଥିଲା । ଏହି ମାମଲା ସଂସଦରେ ପହଞ୍ଚିଥିଲା ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି ହୋଇଥିଲା। ଗୀତ ଉପରେ ବ୍ୟାନ ଲଗାଇବାକୁ ବିରୋଧୀ ସାଂସଦ ଦାବି କରିଥିଲେ। ଏହା ଉପରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସଂସଦରେ ଜବାବ ରଖିଥିଲେ । ସେ କହିଥିଲେ, ସରକାର ଏହି ଗୀତ ଉପରେ ବ୍ୟାନ୍ ଲଗାଇ ସାରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ (CBFC)କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି । ଏପରିକି ଗୀତଟିକୁ ସବୁ ପ୍ଲାଟଫର୍ମରୁ ହଟାଇ ଦିଆଯାଇଛି ବୋଲି ସେ କହିଛନ୍ତି । ତେବେ ମଙ୍ଗଳବାର ସମାଜବାଦୀ ପାର୍ଟି ସାଂସଦ ଆନନ୍ଦ ଭଦୋରିଆଙ୍କ ପ୍ରଶ୍ନର ଜବାବ ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଏହା କହିଛନ୍ତି ।

# କେଦାରନାଥ ଯାଇ ପାରିବେନି ସାରା ଅଲ୍ଲୀ ଖାନ୍ ?



ବଲିଉଡ ଅଭିନେତ୍ରୀ ସାରା ଅଲୀ ଖାନ୍ ମହାଦେବଙ୍କ ବହୁତ ବଡ଼ ଭକ୍ତ। ନିଜର ଡେବ୍ୟୁ ଫିଲ୍ମ ‘କେଦାରନାଥ’ ପରେ ବାବା କେଦାରନାଥଙ୍କ ଉପରେ ଗଭୀର ଆସ୍ଥା ରଖିଥାଏ। ଏହା ସହ ସବୁବେଳେ ସେଠାକୁ ଯାଆନ୍ତି। ନିଜର ଏହି ଯାତ୍ରାର ଫଟୋ ମଧ୍ୟ ସେହି ଫ୍ୟାନଙ୍କ ସହ ସେୟାର କରିଛନ୍ତି। ମୁସଲମାନ ପରିବାରର ହେବାପରେ ବି ମହାଦେବଙ୍କ ପ୍ରତି ତାଙ୍କର ଗଭୀର ଆସ୍ଥା ଦେଖିବାକୁ ମିଳିଥାଏ। କେଦାରନାଥ, ଉଜ୍ଜୈନ ଓ ଅନ୍ୟ ଜ୍ୟୋର୍ତିଲିଙ୍ଗଙ୍କୁ ସାରା ଦର୍ଶନ କରି ସାରିଛନ୍ତି। ସୋସିଆଲ ମିଡିଆରେ ଟ୍ରୋଲ ହେବା ପରେ ବି ସାରା ତାଙ୍କର ଆସ୍ଥା ଓ ସରଳତା ପାଇଁ ପ୍ରଶଂସା ବି ପାଇଛନ୍ତି। ତେବେ ଏଥର କ’ଣ ସେ କେଦାରନାଥ ଯାଇପାରିବେ ? ଯାତ୍ରା ପୂର୍ବରୁ ତାଙ୍କୁ ଏଭଳି ଏକ କାମ କରିବାକୁ ପଡିବ,ଯାହାକୁ ନେଇ ବଢ଼ିଛି ଚର୍ଚ୍ଚା। ବଦ୍ରୀ-କେଦାର ମନ୍ଦିର କମିଟି ଏକ ନୂଆ ନିୟମ ଲାଗୁ କରିଛି। ଏବେ ନନ୍ ହିନ୍ଦୁ ଭିଜିଟର୍ସଙ୍କୁ ବଦ୍ରୀନାଥ ଓ କେଦାରନାଥରେ ପୂଜା କରିବା ପାଇଁ ଏକ ଆଫିଡେଭିଟ କରିବାକୁ ହେବ। ଏଥିରେ ତାଙ୍କୁ ହିନ୍ଦୁ ଧର୍ମ ପ୍ରତି ନିଜର ଆସ୍ଥାର ପ୍ରମାଣ ଦେବାକୁ ହେବ। ଏହି ନିର୍ଦ୍ଦେଶ ସବୁ ଅଣହିନ୍ଦୁ ଯାତ୍ରୀଙ୍କ ଉପରେ ଲାଗୁ ହୋଇଥାଏ। ଯାହା ଭିତରେ ସାରା ଅଲ୍ଲୀ ଖାନ୍ ବି ରହିଛନ୍ତି, ଯିଏକି ସବୁବେଳେ କେଦାରନାଥ ଯାଇଥାନ୍ତି। ଏହି ମାମଲାରେ ବି କଙ୍ଗନା ରାନାଓ୍ୱତଙ୍କ ବୟାନ ସାମନାକୁ ଆସିଛି।

# ଜଣଙ୍କୁ ମନ ଦେଇ ବସିଥିଲେ ଗୋବିନ୍ଦା-ବବି, ରିଜେକ୍ଟ କରିଥିଲେ ପରିବାର



୯୦ ଦଶକରେ, ଜଣେ ସୁନ୍ଦରୀ ଅଭିନେତ୍ରୀଙ୍କ ପାଇଁ ଦିୱାନା ଥିଲେ ଦୁଇ ଜଣ ବଡ଼ ସୁପରଷ୍ଟାର। ଅଭିନେତ୍ରୀଙ୍କ ପ୍ରେମରେ ପାଗଳ ଥିଲେ। ବିବାହ କରିବାକୁ ବି ଚାହୁଁଥିଲେ। ହେଲେ ରୋକ୍ ଠୋକ୍ ମନା କରି ଦେଇଥିଲେ ଦୁଇ ଅଭିନେତାଙ୍କ ପରିବାର । ଆଉ କହିଥିଲେ - ‘ଏହି ଝିଅ ଆମ ଘରର ବୋହୂ ହୋଇ ପାରିବ ନାହିଁ’। ଆମେ କହୁଥିବା କାହାଣୀ ହେଉଛି ଗୋବିନ୍ଦା, ବବି ଦେଓଲ ଆଉ ନୀଲମ କୋଠାରୀଙ୍କର। ଫିଲ୍ମରେ ଏକାଠି କାମ କରିବା ସମୟରେ, ଗୋବିନ୍ଦା ଏବଂ ନୀଲମ କୋଠାରୀ ଏତେ ନିକଟତର ହୋଇଥିଲେ ଯେ ସେମାନଙ୍କ ବିବାହର କଥା ପ୍ରଚାରିତ ହେବା ଆରମ୍ଭ ହୋଇଥିଲା। କିନ୍ତୁ ଯେତେବେଳେ କଥାଟି ପରିବାର ପାଖରେ ପହଞ୍ଚିଲା, ଗୋବିନ୍ଦାଙ୍କ ମାଆ ଏହି ସମ୍ପର୍କକୁ ଦୃଢ଼ ବିରୋଧ କଲେ। ସେ ସ୍ପଷ୍ଟ କରିଦେଲେ ଯେ ଅଭିନେତ୍ରୀ ସେମାନଙ୍କ ପରିବାରର ବୋହୂ ହୋଇପାରିବେ ନାହିଁ। ଏବଂ ଏହି ପ୍ରେମ କାହାଣୀର ଅନ୍ତ ସେହିଠାରେ ହୋଇଥିଲା।





# ସାଧ୍ୱୀରୁ ସିଧା ଗ୍ଲାମର

ଏକଦା ନିଜର ଗ୍ଲାମର ଲୁକ୍ ପାଇଁ ଦର୍ଶକଙ୍କ ମନମୋହୁଥିଲେ ବଲିଉଡ ଅଭିନେତ୍ରୀ ମମତା କୁଲକର୍ଣ୍ଣୀ । କିନ୍ତୁ ୨୦୨୫ ମହାକୁମ୍ଭମେଳା ସମୟରେ ସାଧ୍ୱୀଭାବେ ନଜର ଆସିଥିଲେ। ଗ୍ଲାମର ଛାଡ଼ି ସନ୍ୟାସିନୀ ଭାବେ ଦେଖାଯାଇଥିଲେ। ଏହାସହ ତାଙ୍କୁ କିନ୍ନର ଆଖଡାର ମହାମଣ୍ଡଳେଶ୍ୱର ଭାବେ ମଧ୍ୟ ଘୋଷଣା କରାଯାଇଥିଲା। ଏହାପରଠାରୁ ସେ ଗେରୁଆ ପୋଷାକରେ ନଜର ଆସିଥିଲେ । ଯଦିଓ ପରେ ବିବାଦ ପରେ ତାଙ୍କ ଏହି ପଦ ଛାଡ଼ିବାକୁ ପଡ଼ିଥିଲା ତଥାପି ସେ ସାଧ୍ୱୀଭାବେ ନିଜର ପୋଷାକ ପିନ୍ଧୁଥିଲେ। ଆଉ ଗ୍ଲାମରଠାରୁ ଦୂରରେ ରହିଥିଲେ । ଏବେ ସେ ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ସେ ତାଙ୍କ ସାଙ୍ଗମାନଙ୍କ ସହ ନଜର ଆସିଥିବାବେଳେ ଗ୍ଲାମର ପୋଷାକ ପିନ୍ଧିଥିବା ନଜର ଆସିଛନ୍ତି। ସେ ଏକ ଲାଲ ରଙ୍ଗର ପୋଷାକ ପିନ୍ଧିଥିବାବେଳେ ଏଆଇ ସନଗ୍ଲାସ ପିନ୍ଧିଥିବା ଭିଡିଓରେ କହିଛନ୍ତି । ତେବେ ସେ ପିନ୍ଧିଥିବା ଚଷମାର ଦାମ ୫୦ ହଜାର ଟଙ୍କା ବୋଲି ଏହି ଭିଡିଓରେ କହିଛନ୍ତି । ନିଜର ବନ୍ଧୁ ଏବଂ ପରିବାର ଲୋକଙ୍କ ସହ ସେ ନଜର ଆସିଛନ୍ତି । ସେ ଜଣେ ସାଙ୍ଗର ଛୁଆର ଜନ୍ମଦିନ ପାଇଁ ଗୋଆ ଯାଇଥିବା ଏଥିରେ କହିଛନ୍ତି ।

# ଜଲୱା ଦେଖାଇଲେ ପ୍ରିୟଙ୍କା ଚୋପ୍ରା

୯୮ତମ ଓସ୍କାର ପୁରସ୍କାର ଉତ୍ସବରେ ବଲିଉଡର ଜଲଓ୍ୱା ଦେଖାଇଛନ୍ତି ‘ଦେଶୀ ଗାର୍ଲ’ ପ୍ରିୟଙ୍କା ଚୋପ୍ରା। ଯଦିଓ ତାଙ୍କର କୌଣସି ଚଳଚ୍ଚିତ୍ର ପୁରସ୍କାର ଜିତି ନ ଥିଲା କିନ୍ତୁ ତାଙ୍କ ଷ୍ଟାଇଲ୍ ସମସ୍ତଙ୍କ ହୃଦୟ ଜିତିଥିଲା। ସେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଓସ୍କାର ଭଳି ଏକ ବିଶ୍ୱସ୍ତରୀୟ ସମାରୋହରେ ପୁରସ୍କାର ପ୍ରଦାନ କରିବାର ଗୌରବ ପାଇଥିଲେ। ଅଭିନେତା ଜାଭିୟର ବାର୍ଡେମଙ୍କ ସହିତ ମିଶି ପିସି ‘ସେଣ୍ଟିମେଣ୍ଟାଲ ଭାଲ୍ୟୁ’ ପାଇଁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଓସ୍କାର ପାଇଁ, ଅଭିନେତ୍ରୀ ଡାୟୋର ଦ୍ୱାରା ଡିଜାଇନ କରାଯାଇଥିବା ଏକ ଚମତ୍କାର ହ୍ୱାଇଟ୍ ଅଫ-ଶୋଲ୍ଡର୍ ଗାଉନ ପିନ୍ଧି ଦେଖାଯାଇଥିଲେ। ଗାଉନଟିକୁ ଆଧୁନିକ ସମ୍ବେଦନଶୀଳତା ସହିତ କ୍ଲାସିକ ହଲିଉଡ ଗ୍ଲାମରକୁ ମିଶ୍ରଣ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ପ୍ରିୟଙ୍କାଙ୍କ ସାମଗ୍ରିକ ଲୁକ ଚମତ୍କାର ଥିଲା। ପିସିଙ୍କ ସ୍ୱାମୀ ନିକ ଜୋନାସ ଏକ କଳା ଏବଂ ଧଳା ସୁଟ୍‌ରେ ହ୍ୟାଣ୍ଡସମ୍ ଦେଖାଯାଉଥିଲେ। ୯୮ତମ ଓସ୍କାର ପୁରସ୍କାର ସମାରୋହ ହଲିଉଡ୍‌ର ଲସ ଆଞ୍ଜେଲସର ଡଲ୍ବି ଥିଏଟରରେ ଅନୁଷ୍ଠିତ ହୋଇଥିଲା।





# କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ବଲାଙ୍ଗୀର,୧୯।୩ (ସଂଚାର ବ୍ୟୁରୋ): ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋଡର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା, ବଲାଙ୍ଗୀର ଶାଖାର ମିଳିତ ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ପର୍ଯ୍ୟାବରଣ ସୁରକ୍ଷା, ଜୀବନ ରକ୍ଷା' ଓ 'ବସନ୍ତ କବିତା ଆସର' ମହାବିଦ୍ୟାଳୟର ସ୍ମାର୍ଟହଲରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ମୁଖ୍ୟଅତିଥି, ବିଭାଗମୁଖ୍ୟ ପ୍ରମୋଦ କୁମାର ଦାଶ ସମ୍ମାନୀତ ଅତିଥି, ପରିଷଦର ସଚିବ ରାମଚନ୍ଦ୍ର ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗିରିଜା ଶଙ୍କର ରଥ, ମୁଖ୍ୟବକ୍ତା ଅଧ୍ୟାପକ ବୁଦ୍ଧଦେବ ପଣ୍ଡା, ସମ୍ମାନୀତ ବକ୍ତା ଅଧ୍ୟାପକ ଶିବାନନ୍ଦ ସାହୁ ପ୍ରଭୃତି ମଞ୍ଚାସୀନ ରହି ପ୍ରକୃତିକବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିବା ସହ ପର୍ଯ୍ୟାବରଣ ସୁରକ୍ଷାରେ ଜୀବନ ରକ୍ଷା, ବେଳହୁଁ ସାବଧାନ ନହେଲେ ଆଗାମୀ ପିଢି ବଞ୍ଚିବା ଅସମ୍ଭବ ହୋଇଯିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଜ୍ୟୋସ୍ନା ସାହୁ, ମଞ୍ଜରୀ ପୁଟେଲ, ସୁଦେଷ୍ଣା ବରିହା, ଜୟଶ୍ରୀ ପଧାନ, ଗୋଲାପୀ ମୁଣ୍ଡା, ଆଶା ଦୋରା ପ୍ରଭୃତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହାପରେ ବସନ୍ତ ଋତୁ ସଂପର୍କରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ପରିଷଦର କର୍ମକର୍ତ୍ତା ପ୍ରଭୃତି ବୟାଳିଶ ଜଣ ସ୍ୱରଚିତ କବିତାମାନ ପାଠ କରିଥିଲେ। କବିରତ୍ନ ଗୋପିକୃଷ୍ଣ ପାଣ୍ଡିଆ, ନାଟ୍ୟକାର ରାମଶଙ୍କର ଶତପଥୀ, ଶେଷଦେବ ଦାନୀ ସଙ୍ଗୀତ ଗାନ କରିଥିଲେ।

ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ଗର୍ଭବତୀ

ନବରଂଗପୁର, ତେନ୍ତୁଳିଖୁଣ୍ଟି,୧୯।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାରେ ଥମୁନି ଜନନୀ ଯନ୍ତ୍ରଣା, ଗାଁ କୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ ୩ କିଲୋମିଟର ଖଟିଆରେ ବୁହାଁ ହେଲେ ଗର୍ଭବତୀ। ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ବରାଡ଼ଯୋଡ଼ି ଗ୍ରାମରେ। ବରାଡ଼ଯୋଡ଼ି ଗ୍ରାମର ଦେଉଡୁ ଯାନୀ ଙ୍କ ପତ୍ନୀ ସେନ ଯାନୀ (୨୮) ଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ସ୍ଥାନୀୟ ଆଶା କର୍ମୀ ଙ୍କୁ ଜଣେଇ ଥିଲେ। ଆଶା କର୍ମୀ ଜଣଙ୍କ ଗର୍ଭବତୀ ଙ୍କ ଘରେ ପହଂଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ବରଡ଼ଯୋଡି ଗ୍ରାମରୁ ସିନ୍ଧିଗୁଡ଼ା ପର୍ଯ୍ୟନ୍ତ ଦୀର୍ଘ ୩ କିଲୋମିଟର ପକ୍କା ରାସ୍ତା ନିର୍ମାଣ ହୋଇନି। ଫଳରେ ପରିବାର ଲୋକ ଓ ଗ୍ରାମବାସୀଙ୍କ ସହଯୋଗ ରେ ଖଟିଆରେ ଏକ ଭାର ତିଆରି କରାଯାଇଥିଲା। ଚାରିଜଣ ଲୋକ ଭାର କୁ କାନ୍ଧରେ ବୋହି ଗର୍ଭବତୀ ମହିଳା ଙ୍କୁ ୩ କିଲୋମିଟର ପାହାଡିଆ ରାସ୍ତା ଅତିକ୍ରମ କରି ସିନ୍ଧିଗୁଡ଼ା ପର୍ଯ୍ୟନ୍ତ ଆସିଥିଲେ। ଏହାପରେ ପୂର୍ବରୁ ଆସି ସିନ୍ଧିଗୁଡ଼ା ଗ୍ରାମରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ଯୋଗେ ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣାଯାଇଥିଲା। ଡାକ୍ତରଖାନା ପରିସରରେ ସେନ ଯାନୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ବେଳେ ଉଭୟ ମା ଓ କନ୍ୟା ସନ୍ତାନ ସୁସ୍ଥ ରହିଥିବା ଜଣାପଡ଼ିଛି।



## ନାନୋ ସାର ପ୍ରୟୋଗ ସମ୍ବନ୍ଧୀୟ ଆଲୋଚନାଚକ୍ର

ବାଲିପାଟଣା,୧୯।୩(ସଂଚାର ବ୍ୟୁରୋ): ଆଧୁନିକ କୃଷି ପ୍ରଣାଳୀରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସ୍ଥାନୀୟ ରାଜ୍ବସ ଠାରେ 'ନାନୋ ସାର ପ୍ରୟୋଗ ଓ ଏହାର ଉପକାରିତା' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଯୋଗଦେଇ ପାରମ୍ପରିକ ସାର ବଦଳରେ ନାନୋ ସାରର ବ୍ୟବହାର କିପରି ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା କରିବା ସହ ଅମଳ ବୃଦ୍ଧିରେ ସହାୟକ ହେବ, ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ବକ୍ତା ଭାବେ ଯୋଗଦେଇ ବାରମ୍ବାର ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ଶକ୍ତି ହ୍ରାସ ପାଉଥିବା ବେଳେ, ନାନୋ ସାରର ବ୍ୟବହାର ଭୂତଳ ଜଳ ପ୍ରଦୂଷଣକୁ ରୋକିବା ସହ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ। ଏହା ଦ୍ୱାରା ଚାଷୀଙ୍କ ପରିବହନ ଖର୍ଚ୍ଚ କମିବା ସହ ସରକାରୀ ସବସିଡିର ମଧ୍ୟ ସଦୁପଯୋଗ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଇଫକୋର ଡେପୁଟି ଫିଲ୍ଡ ମ୍ୟାନେଜର ସୌମ୍ୟରଞ୍ଜନ ହାତୀ, କେବିକେର ଅବସରପ୍ରାପ୍ତ ବୈଜ୍ଞାନିକ ସୁରେନ୍ଦ୍ର ସିଂ, ବରିଷ୍ଠ ବୈଜ୍ଞାନିକ ସୁକାନ୍ତି ବେହେରା, ଏପିଓର ପରିଚାଳନା ନିର୍ଦ୍ଦେଶକ ଭାରତୀବାଲା ନାୟକ, ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ନାୟକ, ସୁକାନ୍ତ ନାୟକ, ଓ ବିଭୂତି ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ବାରମ୍ବାର ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ଶକ୍ତି ହ୍ରାସ ପାଉଥିବା ବେଳେ, ନାନୋ ସାରର ବ୍ୟବହାର ଭୂତଳ ଜଳ ପ୍ରଦୂଷଣକୁ ରୋକିବା ସହ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ।ଏହା ଦ୍ୱାରା ଚାଷୀଙ୍କ ପରିବହନ ଖର୍ଚ୍ଚ କମିବା ସହ ସରକାରୀ ସବସିଡିର ମଧ୍ୟ ସଦୁପଯୋଗ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।ନାନୋ ସାର ପ୍ରୟୋଗ ଦ୍ୱାରା ଶସ୍ୟର ଗୁଣବତ୍ତା ଓ ଅମଳ ପ୍ରାୟ ୮-୧୦ ପ୍ରତିଶତ ବୃଦ୍ଧି ପାଉଥିବା ନେଇ ପରିସଂଖ୍ୟାନ ଉପସ୍ଥାପନ କରାଯାଇଥିଲା। ଏହି ସଭାରେ ଅଞ୍ଚଳର ଶତାଧିକ ଅଗ୍ରଣୀ ଚାଷୀ, କୃଷି ବିଭାଗର ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧି ମାନେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ।

## କଳାକନା ବୁଲାଇଲେ ଡକାୟତ, ଲୁଟିନେଲେ ଟଙ୍କା ଓ ସୁନାଗହଣା

ବାରିପଦା,୧୯।୩(ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତ୍ରୀରେ ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତ ମାଳିହୋତା ଗ୍ରାମର କୃତିବାସ ବେହେରା ଙ୍କ ଘରେ ଡ଼କାୟତ ପଶି କଳାକନା ବୁଲାଇଛନ୍ତି। ଘରେ ସମସ୍ତେ ଶୋଇଥିବା ସମୟରେ ଡ଼କାୟତ ପଶି ଏକ ଲୁହା ଆଲମିରା କୁ ଭାଙ୍ଗି ସେଥିରେ ଥିବା ମଙ୍ଗଳସୂତ୍ର ସମେତ ସୁନା ଏବଂ ରୁପା ଅଳଙ୍କର ଲୁଟିନେଇଛନ୍ତି। ଏଥି ସହିତ ଏକ ବାକ୍ସ କୁ ଭାଙ୍ଗିବା ସହିତ ଘର ରୁ କିଛି ଦୂରରେ ଫୋପାଡି ଦେଇଛନ୍ତି। ଏ ବାବଦରେ ମୋରଡ଼ା ଥାନାରେ ଅଭିଯୋଗକ୍ରମେ ଏକ ଚୋରି ମାମଲା ରୁଜୁ କରିବା ସହ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଅଛି।

## ରୋଶନ ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ନିଯୁକ୍ତ



ହିଞ୍ଜିଳିକାଟୁ,୧୯।୩(ସଂଚାର ବ୍ୟୁରୋ): ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ଦ୍ୱାରା ନୂତନ ପଦାଧିକାରୀମାନଙ୍କ ନାମ ଘୋଷଣା କରାଯାଇଛି। ଏହିକ୍ରମରେ ହିଞ୍ଜିଳିକଟୁ ଅଞ୍ଚଳର ପ୍ରତିଭାଶାଳୀ ଯୁବନେତା ରୋଶନ ଖୁଣ୍ଟିଆଙ୍କୁ ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।ଶ୍ରୀ ଖୁଣ୍ଟିଆ ପୂର୍ବରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସକ୍ରିୟ ସ୍ୱୟଂସେବକ ଥିବା ସହିତ ଏବିଭିପିର ନଗର ସଂଯୋଜକ, ଆରଏସଏସର ଖଣ୍ଡ ଘୋଷ ପ୍ରମୁଖ ଭାବେ କାର୍ଯ୍ୟ କରିଥିଲେ। ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ ଆସାମ ଓଡ଼ିଆ ସଂଘର ଉପସଭାପତି ଏବଂ ଦକ୍ଷିଣ ଭାରତ ଭାଷା ଭାରତୀର ସଂଯୋଜକ ଭାବେ ମଧ୍ୟ ଅନେକ ଦାୟିତ୍ୱ ନିବାହ କରିଛନ୍ତି। ଗତ ଦୁଇ ବର୍ଷ ଧରି ସେ ଯୁବମୋର୍ଚ୍ଚାର ଜିଲ୍ଲା ସଂଯୋଜକ ଭାବେ କାର୍ଯ୍ୟ କରି ଜିଲ୍ଲାସ୍ତରରେ ସଂଗଠନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ଭୂମିକାରେ ରହିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ସଂଗଠନ ପ୍ରତି ନିଷ୍ଠା ଓ ନେତୃତ୍ୱ କ୍ଷମତାକୁ ମନେରଖି ଦଳୀୟ ନେତୃତ୍ୱ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରିଛି।ଏହି ଅବସରରେ ଶ୍ରୀ ଖୁଣ୍ଟିଆ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା-ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇ ଓ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶ୍ରୀ ଶିଶିର ମିଶ୍ରଙ୍କୁ ତାଙ୍କୁ ଦିଆଯାଇଥିବା ଆସ୍ଥା ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି।

## କଣ୍ଠିଆଟିକର କଣ୍ଠେଶ୍ୱର ମହାବୀର ମନ୍ଦିରରେ ନବମ ବାର୍ଷିକ ଉତ୍ସବ

ନୀଳଗିରି,୧୯।୩(ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଠିଆଟିକର ଗ୍ରାମରେ ଥିବା କଣ୍ଠେଶ୍ୱର ମହାବୀର ହନୁମାନ ଙ୍କ ମନ୍ଦିରରେ ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ ଘଟିକା ସମୟରେ ନିକଟ ବଟେଶ୍ୱର ମହାଦେବ ପୋଖରୀରୁ ବ୍ରତୀ ମାନେ ଜଳାଭିଷେକ ପରେ ୧୦୮ କଳସ ଶୋଭା ଯାତ୍ରାରେ ଆସି କଣ୍ଠିଆଟିକର ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ପରେ ପ୍ରଭୁ ଙ୍କ ନୀତିକାନ୍ତି କରାଯିବା ପରେ ଘଟୋତ୍ତୋଳନ କରାଯାଇଥିଲା। ନାମ ଯଜ୍ଞ, ସହିତ ଭଜନ କୀର୍ତ୍ତନ, ହନୁମାନ ଚାଳିଶା ପାଠ କରାଯାଇଥିଲା। ଦିବସ ବ୍ୟାପି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ୭ ଘଟିକାରେ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ତେବେ ଆସନ୍ତା ୨୦ତାରିଖରେ ଯଜ୍ଞ ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଙ୍କ ସମାଗମ ବେଶ ମନ୍ଦିର ପରିବେଶ ଗେରୁଆମୟ ହୋଇଯାଇଥିଲା।

ଭିନ୍ନକ୍ଷମଙ୍କ ପାଖେ ପହଞ୍ଚିଲେ ବିଡିଓ

# ମିଳିଲା ହ୍ୱିଲ୍‌ଚେୟାର, ୩୫୦୦ ଭତ୍ତା ପ୍ରତିଶ୍ରୁତି



ବାଲିଆପାଳ,୧୯।୩(ସଂଚାର ବ୍ୟୁରୋ): ସରକାର ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ଅନେକ ସମୟରେ ଏହା ପହଞ୍ଚିପାରୁ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ବାଲିଆପାଳ ବ୍ଲକ ପଞ୍ଚୁପାଲି ଗ୍ରାମରେ ଦେଖିବାକୁ ମିଳିଥିଲା। ତେବେ ଜଣେ ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ଓ ବାଲିଆପାଳ ବିଡ଼ିଓଙ୍କ ତତ୍ପରତା ଯୋଗୁଁ ଏବେ ଭିନ୍ନକ୍ଷମଙ୍କ ମୁହଁରେ ହସ ଫୁଟିଛି। ସୂଚନାରୁ ପ୍ରକାଶ ପଞ୍ଚୁପାଲି ଗ୍ରାମର ବିନାୟକ ଗିରି, ଯିଏ କି ଜନ୍ମରୁ ୮୫ ପ୍ରତିଶତ ପୋଲିଓ ଆକ୍ରାନ୍ତ ୨୦୧୭ରୁ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ମଧ୍ୟ ସରକାରଙ୍କ ୩୫୦୦ ବର୍ଦ୍ଧିତ ଭତ୍ତା ଯୋଜନାରୁ ବଞ୍ଚିତ ଅଛି। ପିଲାଟିର ଏକ ହୁଇଲ୍ ଚିଆର ଆବଶ୍ୟକ ଥିଲେ ବି ଏହି ସୁବିଧାରୁ ଆଜି ପର୍ଯ୍ୟନ୍ତ ସେ ବଞ୍ଚିତ ଥିଲା। ସେହିପରି ଅନଲାଇନ ପ୍ରମାଣପତ୍ର ଅଭାବରୁ ବାବାଜୀ ପ୍ରଧାନ ଓ ରାଜେଶ୍ୱରୀ ଗିରି ମଧ୍ୟ ୩୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିଲେ। ଏହି ସମ୍ପର୍କରେ ପାରାଲିଗାଲ ସ୍ୱେଚ୍ଛାସେବୀ ଶ୍ରୀ ରାଜକିଶୋର ପାତ୍ର ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟ ଓ ବାଲିଆପାଳ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନା ପାଇବା ମାତ୍ରେ ବାଲିଆପାଳ ବିଡ଼ିଓ ଶ୍ରୀ ରାଧାରଞ୍ଜନ ଦାସ ତୁରନ୍ତ ପଦକ୍ଷେପ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପାର୍ଥ ସାରଥୀ ସାହୁଙ୍କୁ ଏକ ହୁଇଲ ଚେୟାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି ବିଡ଼ିଓ ଶ୍ରୀ ଦାସ ନିଜେ ଭିନ୍ନକ୍ଷମଙ୍କ ଘରେ ପହଞ୍ଚି ବିନାୟକଙ୍କୁ ହୁଇଲ୍ ଚିଆର ପ୍ରଦାନ କରିବା ସହିତ ଜିଲ୍ଲା ଚିକିତ୍ସାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ଅନ୍ୟ ଦୁଇ ଭିନ୍ନକ୍ଷମଙ୍କୁ ମଧ୍ୟ ପ୍ରଦାନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ



ବୈଶିଙ୍ଗା,୧୯।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଉପକଣ୍ଠ ବରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜାରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଭକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ଓ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଯୋଗ ଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ଏବଂ ଏହାର ପୌରାଣିକ ଓ ଐତିହାସିକ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ରୋଜାଲିନ ସାସମଲ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ଗୁରୁଜୀ ରମେଶ ଚନ୍ଦ୍ର ଦାସ ଏବଂ ଲକ୍ଷ୍ମୀଧର ମହାନ୍ତ ଯୋଗ ଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ସୁଚିତ୍ରା ଦଣ୍ଡପାଟ ପରିଚାଳନା କରିଥିବା ବେଳେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ/ଗୁରୁମା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ନବ ବର୍ଷର ଶୁଭେଚ୍ଛାବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ଶ୍ରୀଯୁକ୍ତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## କୁଡୁମୀ ସେନାର ଆଗାମୀ କାର୍ଯ୍ୟପନ୍ଥା ପାଇଁ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ



ବେତନଟୀ,୧୯।୩ (ସଂଚାର ବ୍ୟୁରୋ): ବଡ଼ସାହି ବ୍ଲକ ଦୁର୍ଗାପୁର ଗ୍ରାମପଞ୍ଚାୟତ ସ୍ଥିତ ଟିକରବାଟୀ ଗ୍ରାମ ରେ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ଙ୍କ ଆହ୍ୱାନ କ୍ରମେ କୁଡୁମୀ ସେନା ର ବଡ଼ସାହି ବ୍ଲକ୍ କାର୍ଯ୍ୟକାରୀ ସଭାପତି ଲୋକନାଥ ମହାନ୍ତ ଙ୍କ ଅଧକ୍ଷତା ରେ ଆଗାମୀ କାର୍ଯ୍ୟ ପନ୍ଥା କୁଡୁମୀ ସଚେତନତା ଅଭିଯାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ବଡ଼ସାହି ର ବିଭିନ୍ନ ଗ୍ରାମ ରୁ ଓ ପୋଡ଼ଶୀ ବ୍ଲକ ବେତନଟୀ, ବାରିପଦା, ଶ୍ୟାମାଖୁଣ୍ଟା ରୁ ମଧ୍ୟ ବହୁ କୁଡୁମୀ ସେନା ର କାର୍ଯ୍ୟକର୍ତ୍ତା ମାନେ ବହୁ ସଂଖ୍ୟା ରେ ଯୋଗଦାନ କରିଥିଲେ। କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ନିଜ ଅଭିଭାଷଣ ରେ ଆଗାମୀ ଏପ୍ରିଲ ୧୬ ରେ ଆରମ୍ଭ ହେବାକୁ ଥିବା ଜାତିଗତ ଜନଗଣନା (ଉରଭଗ୍ଣଙ୍କସ୍ତ) ରେ କିପରି କୁଡୁମୀ ମାନେ ନିଜ ଜାତି କୁଡୁମୀ, ଭାଷା -କୁଡୁମାଲୀ ଏବଂ ଧର୍ମ -ପ୍ରକୃତିର ପୂଜକ ବୋଲି ମତ ସାବ୍ୟସ୍ତ କରିବେ ବୋଲି ଆହ୍ୱାନ କରିଥିଲେ ଏବଂ କୁଡୁମୀ ସେନା ଏକ ଦଶନ୍ଧି ଧରି ନିଜର ନାର୍ଯ୍ୟ ଅଧିକାର ପାଇଁ ପଲ୍ଲୀ ରୁ ଦିଲ୍ଲୀ ଯେଉଁ ଆନ୍ଦୋଳନ କରି ଆସୁଛି ସେଇ ଆନ୍ଦୋଳନ କିପରି ଆହୁରି ଜୋରଦାର କରାଯିବ ଆଉ କିପରି କୁଡୁମୀ ଜାତି କୁ ଆଦିବାସୀ ମାନ୍ୟତା ମିଳିବ ଓ କୁଡୁମାଲୀ ଭାଷାକୁ କିପରି ଅଷ୍ଟମପରିଚ୍ଛେଦ ମାନ୍ୟତା ମିଳିବ ଏବଂ କୁଡୁମୀ ଜାତି ନିଶା ଠାରୁ ଦୂରେଇ ରହିବେ, ବାଲ୍ୟ ବିବାହ ପ୍ରଥା କୁ ଦୁରେଇବେ ଓ ଅନ୍ଧ ବିଶ୍ୱାସ ଠାରୁ ମଧ୍ୟ ଦୂରେଇ ରହିବେ କହି ନିଜର ଅଭିଭାଷଣ ଶେଷ କରିଥିଲେ।

# ଚୋରା ଚାଲାଣ ବେଳେ ପୁଲିସର ଚଢ଼ାଉ

**ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି**



ବାଲିଆପାଳ,୧୯।୩(ସଂଚାର ବ୍ୟୁରୋ): ଯେତେ ଜଗିଲେ ବି ସାବାଡ଼ ହେଉନାହାନ୍ତି ବାଲି ମାଫିଆ।ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ଚୋରା ଚାଲାଣ ବେଳେ ପୁଲିସ ଚଢ଼ାଉ କରିଛି। ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ଚଡବଡାପାଳ, ଛୋଟ କାନପୁର ଅଞ୍ଚଳରେ ମାଫିଆମାନେ ଦିନ ରାତି ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲଣ କରୁଛନ୍ତି। ମାସକୁ କୋଟି କୋଟି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି ମାଫିଆ। ଆଜି ଭୋର ସମୟରେ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିଲା ବେଳେ ବାଲିଆପାଳ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରରେ କୌଣସି ଅରିଜିନାଲ କାଗଜପତ୍ର ନଥିବାରୁ ସେଗୁଡିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ପୋଲିସ। ଏପଟେ ସୁବର୍ଣ୍ଣରେଖା ନଦୀ ରେ ବାଲି ଚାଲାଣ ପଛରେ ଖଣି ଅଧିକାରୀ ସମ୍ପୃକ୍ତି ବଡ଼ ଅଭିଯୋଗ।ଯେତେବେଳେ ବାଲି ମାଫିଆ ମାନେ ଲୁଟୁ ଥିଲେ ଆଖି ବନ୍ଦ କରିଦେଇଥିଲେ ଖଣି ଅଧିକାରୀ ମାନେ। ଜିଲ୍ଲା ପାଳ ଜିଲ୍ଲାପାଳ ଖଣି ଅଧିକାରୀ ଙ୍କୁ ଅବଗତ କରି ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ।ଜିଲ୍ଲାପାଳ କୁ ଆଦେଶ ମାନି ନଥିଲେ ଖଣି ଅଧିକାରୀ ମାନେ।ପିସି ନେଇ ବାଲି ଚୋରିକୁ ଦେଉଥିଲେ ପ୍ରୋତ୍ସାହନ। ରେଡ୍ ପୂର୍ବରୁ ମାଫିଆଙ୍କୁ ଦେଇ ଦେଉଥିଲେ କି ଖବର।କାହା ଛତ୍ରଛାୟାରେ କରୁଥିଲେ କଳା କାରନାମା। ବାରମ୍ବାର ବାଲି ଚାଲାଣ ହେଉଥିଲା ଖଣି ଅଧିକାରୀ ମାନେ ଥରୁଟିଏ ବି ରେଡ୍ କରିନଥିଲେ। ନା ମନିଟରି କରିଥିଲେ ସେଇଥିପାଇଁ ପୋଲିସ ରେଡ୍ କଲା ଖଣି ଅଧିକାରୀ ମାନଙ୍କୁ ଜଣାଇ ନଥିଲେ।କୋଟି କୋଟି ଟଙ୍କା ବାଲି ଚାଲାଣ ପଛରେ ଖଣି ଅଧିକାରୀ ମାନଙ୍କ ସମ୍ପୃକ୍ତି ଅଭିଯୋଗ ଆସୁଛି। ଖଣି ଅଧିକାରୀ ମାନଙ୍କ କଣ କାର୍ଯ୍ୟନୁଷ୍ଠାନ ହେବ ସମସ୍ତ ଙ୍କ ନଜର ରହୁଛି।ପୁରା ମାଫିଆ କୁ ଛତ୍ରଛାୟା ରଖି ଥିଲେ କି ଖଣି ଅଧିକାରୀ।

## ଆଞ୍ଚଳିକ ନାଗରିକ ସୁରକ୍ଷା ମଞ୍ଚ ତରଫରୁ ଥାନା ଆଗରେ ଗଣଧାରଣା



ବୈଶିଙ୍ଗା,୧୯।୩(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରୀ, ଡକାୟତି, ରାହାଜାନି, ଛିନତାଇ, ହତ୍ୟା ଭଳି ଅପରାଧିକ ଘଟଣା ଘଟିବା ସହିତ ଚୋରା ମଦ, ଚୋରା ବାଲି ଓ ମୋରମ ଏବଂ କାଠ ମାଫିଆ ଙ୍କ ଦାଦାଗିରି ବହୁ ମାତ୍ରାରେ ବଢି ଚାଲିଥିବା ଯୋଗୁଁ ଥାନା ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। ଏଥିପାଇଁ କେତେକ ଥାନା କର୍ମଚାରୀ ଅପରାଧି ମାନଙ୍କ ସହିତ ସମ୍ପର୍କ ରଖି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବାର ଅଭିଯୋଗ ବିଷୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଡି.ଆଇ.ଜି. ବାଲେଶ୍ୱର, ଏସ ଡି ପି ଓ ବେତନଟୀ ଏବଂ ପୋଲିସ ଡି ଜି ତଥା ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେଥି ପାଇଁ ବୈଶିଙ୍ଗା ଥାନାର ଏ ଏସ ଆଇ ଶୁଭ୍ରାଂଶୁ ରାଉଳ ଏବଂ ଏ ପି ଆର ଶ୍ରୀ ଦତ୍ତ ଙ୍କୁ ବଦଳି କରିବା ପାଇଁ ଜିଲ୍ଲା ଏସ ପି ବଦଳି ନୋଟିସ ଜାରି କରିଥିଲେ, ମାତ୍ର ୧୫ ଦିନରୁ ଅଧିକ ହେବ ସେମାନଙ୍କର ବଦଳି ନ ହେବା ଯୋଗୁଁ ଗତ ସୋମବାର ୧୬ ତାରିଖ ଦିନ ଜିଲ୍ଲା ଏସ ପି ଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଲେ ୧୯ ତାରିଖ ଦିନ ଆଞ୍ଚଳିକ ନାଗରିକ ସୁରକ୍ଷା ମଞ୍ଚ ତରଫରୁ ଥାନା ସମ୍ମୁଖରେ ଧାରଣା ଦେବାର ଚେତାବନୀ ଦିଆ ଯାଇଥିଲା। କୌଣସି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ଯୋଗୁଁ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ମୁଖ୍ୟ ବ୍ୟକ୍ତି ଭାବେ ଇନ୍ଦ୍ରମଣି ମହାପାତ୍ର, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଯୁବ ନେତା ବିନୋଦ ସିଂହ, ନାରୀ ନେତ୍ରୀ ତଥା କଂଗ୍ରେସ ଜିଲ୍ଲା ଉପ ସଭାପତି ମାଧବୀ ସେନାପତି, ଜଳଧର ପାଣି ଙ୍କ ସମେତ ଶହ ଶହ ପୁରୁଷ ମହିଳା ଯୋଗ ଦେଇଥିଲେ। ସନ୍ଧ୍ୟା ସମୟରେ ଏସଡିପିଓ ମିନତୀ ବିଶ୍ୱାଳ ପହଞ୍ଚି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଆସିଛନ୍ତି ବୋଲି କହି କଣ ସମାଧାନ ଚାହୁଁଛନ୍ତି କୁହନ୍ତୁ।

## ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ପ୍ରଗତି ଅସମ୍ଭବ: ଅତିରିକ୍ତ ଜିଲ୍ଲପାଳ




ଧାମନଗର,୧୯।୩(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲାର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସେବା ସଂଗଠନ ଡ଼ ନରହରି ବେହେରା ଟ୍ରଷ୍ଟ ତରଫରୁ ନୂଆ ବଜାର ସ୍ଥିତ ଭାଗବାତ କଲ୍ୟାଣ ମଣ୍ଡପରେ ବର୍ଣ୍ଣବୋଧ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲପାଳ ସରୋଜ କୁମାର ଦତ୍ତ ଯୋଗ ଦେଇ ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ପ୍ରଗତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଆବାହକ ଛବିଲତା ବିଶ୍ୱାଳଙ୍କ ତତ୍ତ୍ୱବଧାନରେ ପରିଚାଳିତ କରୋନା ଯୋଦ୍ଧା ଡ଼ ନରହରି ବେହେରା ଟ୍ରଷ୍ଟର ସଭାପତି ଇଂ ଅଭୟ ସୁତାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଶେଷ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ ପଣ୍ଡିତ ଦୟାନିଧି ଦାଶ, ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବ୍ୟାକରଣବିତ, ଅବସରପ୍ରାପ୍ତ ଅଧ୍ୟାପକ ଡ଼ ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗ ଦେଇ ବର୍ଣ୍ଣବୋଧର ଆବଶ୍ୟକତା ବିଷୟରେ ଆଲୋକପାତ ସହ ଡ଼ ନରହରି ବେହେରାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବର୍ଣ୍ଣବୋଧ ଦିବସ ପାଳନ ପରମ୍ପରାକୁ ବଜାୟ ରଖିଥିବାରୁ ସାଧୁବାଦ ଜଣାଇ ଥିଲେ। ଏହି ଅବସରରେ ଭଦ୍ରକ ମଣ୍ଡଳ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଶିକ୍ଷାବିତ ଅନାଦି ଚରଣ ଦାସ ଓ ଶିକ୍ଷାବିତ କୃଷ୍ଣଚନ୍ଦ୍ର ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭ ରେ ଦେବଦତ୍ତା ବେଦାନ୍ତ ଅତିଥିଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ରବି ନାରାୟଣ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବ୍ରିଜ ନିର୍ମାଣ ବିଳମ୍ବିତ, ବାଧକ ସାଜିଛି ଜମି ଅଧିଗ୍ରହଣ



ବାଲିଅନ୍ତା,୧୯।୩(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ଭାର୍ଗବୀ ନଦୀ ଉପରେ ଝିଣ୍ଟିଶାସନ - ତେରବାଟିଆ୍ରା ବ୍ରିଜ ନିର୍ମାଣ କାର୍ଯ୍ୟକୁ ଏହା ମଧ୍ୟରେ ୩ ବର୍ଷରୁ ଅଧିକ ସମୟ ବିତିଗଲାଣି। ହେଲେ ବ୍ରିଜ ନିର୍ମାଣ କାମ ସଂପୂର୍ଣ୍ଣ ହୋଇପାରୁ ନାହିଁ। ଝିଣ୍ଟିସାସନ ପାର୍ଶ୍ୱରେ ୮ଟି ସ୍ପାନ ଓ କଂକ୍ରିଟ ପିଲାର ମଧ୍ୟରୁ ୭ଟି ପିଲାର ନିର୍ମାଣ କାର୍ଯ୍ୟ ସରିଛି। ହେଲେ ଝିଣ୍ଟିଶାସନ ପାର୍ଶ୍ୱରେ ଗୋଟିଏ ପିଲାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନି। ଯାହାଫଳରେ ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ନିର୍ମାଣ ସମ୍ଭବ ହୋଇପାରୁନଥିବାରୁ ସ୍ଥାନୀୟ ଲୋକ ଯାତାୟତ କ୍ଷେତ୍ରରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନଥିବାରୁ ନୀର ଦୁଇ ପାର୍ଶ୍ୱରେ ଥିବା ଗ୍ରାମବାସୀ ଯାତାୟତ କ୍ଷେତ୍ରରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣିରେ ପଶି ବିମାନ ଗାଁ ଭୋଗ ଖାଇବା ଏବଂ ଗାଁ ମେଳଣକୁ ଯାଉଛନ୍ତି। ନଅବାଟିଆ ଓ ତେରବାଟିଆ ହିତାଧିକାରୀ ଭତ୍ତା ନେବା ଓ ରାସନ ସାମଗ୍ରୀ ନେବା ପାଇଁ ୬ କିମି ବୁଲି ବୁଲି ଯିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ। ବଡ଼ କଥା ହେଉଛି ପଠାରେ ବ୍ରିଜ ନିର୍ମାଣ ପାଇଁ ଅଧିଗ୍ରହିତ ଜମି ମାଲିକମାନଙ୍କୁ ଏଯାଏ ତାଙ୍କର ପ୍ରାପ୍ୟ ମିଳିପାରିନି। ସେହିପରି ଝିଣ୍ଟିଶାସନ ପାର୍ଶ୍ୱରେ ୩୪ ଡିସିମିଲ ପରିମିତ ଜମି ଏଯାଏ ଗ୍ରାମ ଉନ୍ନୟନ ବିଭାଗ ଜରିଆରେ ଅଧିଗ୍ରହିତ ହୋଇପାରିନି। ଜମି ଅଧିଗ୍ରହଣରେ ଜିଲ୍ଲା ପ୍ରଶାସନ ଏବଂ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଅବହେଳା କରାଯାଉଥିବାରୁ ବାକି ନିର୍ମାଣ କାର୍ଯ୍ୟ ଆଗେଇ ପାରୁନି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଉଛି। ଆଗକୁ ବର୍ଷାଦିନ ଆସୁଥିବାରୁ ବନ୍ୟା ସମୟରେ ୨୦ ଖଣ୍ଡ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ୩ଟି ଓ୍ୱାର୍ଡବାସୀ ବିଭିନ୍ନ ଯୋଜନା ପାଇଁ ପଞ୍ଚାୟତକୁ ଆସିପାରିବେ ନାହିଁ। ତେଣୁ ଜମି ଅଧିଗ୍ରହଣ ପର୍ଯ୍ୟାୟ ତୁରନ୍ତ ଶେଷ କରିବା ନେଇ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ସୂଚନାଯୋଗ୍ୟ ୨୦୨୨/୨୩ ଆର୍ଥିକ ବର୍ଷରେ ୨୧୦ ମିଟର ଲମ୍ବ ସାଢ଼େ ୭ ମିଟର ଚଉଡ଼ା ବ୍ରିଜ ନିର୍ମାଣ ନେଇ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୧୪ କୋଟି ମଞ୍ଜୁର ହୋଇଥିଲା। ନିର୍ମାଣ କାର୍ଯ୍ୟ ବର୍ଷକ ଭିତରେ ଶେଷ କରାଯିବାକୁ କାର୍ଯ୍ୟାଦେଶରେ ଉଲ୍ଲେଖ ଥିଲା। ଅପରପକ୍ଷରେ ଏସଂପର୍କରେ ସହକାରୀ ଯନ୍ତ୍ରୀ ନାରାୟଣ ସେଠୀଙ୍କୁ ଯୋଗାଯୋଗ କରାଯିବାରେ ଏନେଇ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା ସରିଛି। ଜମି ଅଧିଗ୍ରହିତ କାର୍ଯ୍ୟ ଖୁବଶୀଘ୍ର ଶେଷ ହେବା ପରେ ବ୍ରିଜ ଓ ଆପ୍ରୋଚ ରାସ୍ତା ନିର୍ମାଣ ଶେଷ ହୋଇଯିବ ବୋଲି କହିଛନ୍ତି।